


ବରୁଣଙ୍କୁ ୪ ୱିକେଟ୍; ଭାରତ ସିରିଜ୍ ବିଜୟୀ

▸ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-174 ◆SATURDAY ◆20 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୭୪ ◆ଶନିବାର ◆୨୦ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବାଂଲାଦେଶରେ ବିଦ୍ୱେଷ ନିଆଁ

## ସାରା ଦେଶରେ ଭାରତବିରୋଧୀ ହିଂସା



■ ଢାକା, ୧୯।୧୨ (ଏଜେନ୍ସି): ଯୁବ ନେତା ସରିଫ ଉସ୍ମାନ ହାଦିଙ୍କ ମୃତ୍ୟୁ ପରେ ପୁଣି ଅଶାନ୍ତ ହୋଇପଡ଼ିଛି ବାଂଲାଦେଶ। ହାଦିଙ୍କୁ ସମର୍ଥନ କରି ହଜାର ହଜାର ଲୋକ ରାସ୍ତା ଉପରକୁ ଓହ୍ଲାଇ ଅରାଜକତା ଚଳାଇଛନ୍ତି। ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଅଫିସ ଓ ଯାନବାହନରେ ନିଆଁ ଲଗାଉଛନ୍ତି। ସେମାନଙ୍କ ଆକ୍ରମଣରୁ ବାଦ୍ ପଡ଼ିନାହିଁ ସରକାରୀ ଅଫିସ, ବିରୋଧୀ ଦଳର ଅଫିସ ଏବଂ ସମ୍ବାଦପତ୍ର କାର୍ଯ୍ୟାଳୟ। ଏହିସବୁ ଅଫିସ ଭିତରେ ପଶି ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଉଛନ୍ତି। ଉତ୍ତ୍ୟକ୍ତ ଲୋକେ ଆଜି ଚିଟାଗଙ୍ଗ ସ୍ଥିତି ଭାରତୀୟ ହାଇକମିସନ ଅଫିସ ଉପରେ ମଧ୍ୟ ପଥରମାଡ଼ କରିଛନ୍ତି। କେବଳ ଏତିକି ନୁହେଁ,

**ଯୁବ ନେତାଙ୍କ ମୃତ୍ୟୁ ପରେ ଅରାଜକତା**

**ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳିଦେଲେ**

**ହାଇକମିସନ ଅଫିସ ଉପରେ ଆକ୍ରମଣ**

**ସମ୍ବାଦପତ୍ର କାର୍ଯ୍ୟାଳୟରେ ପୋଡ଼ାଜଳା**

ସେମାନେ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦେଲା ଭଳି ଅମାନୁଷିକ କାର୍ଯ୍ୟ କରିବାକୁ ପଛାଇ ନାହାନ୍ତି। ଏହି ହତ୍ୟା ଘଟଣାକୁ ବାଂଲାଦେଶ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ନିନ୍ଦା କରିବା ସହିତ ଦୋଷୀଙ୍କ ▸ପୃଷ୍ଠା-୭

## ସରିଲା ଶୀତ ଅଧିବେଶନ; ସଂସଦ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

# 'ମାତରମ୍'ରୁ ଆରମ୍ଭ, 'ଜି-ରାମ୍'ରେ ଶେଷ

■ ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ଆଜି ଠାରୁ ମୁଲତବୀ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ଖୁବ କମ୍ ଦିନ ପାଇଁ ବସିଥିଲେ ମଧ୍ୟ ଅନେକ ଦୃଷ୍ଟିରୁ ଏହା ଚର୍ଚ୍ଚାରେ ରହିଥିଲା। ବନ୍ଦେମାତରମ ଉପରେ ଆଲୋଚନାରୁ ଆରମ୍ଭ ହୋଇ ଜି-ରାମ-ଜି ବିଲ୍ ଅନୁମୋଦନରେ ଶେଷ ହୋଇଛି। ଏହି ୧୯ ଦିନିଆ ଅଧିବେଶନରେ ୧୪ଟି କାର୍ଯ୍ୟଦିବସ ଥିଲେ ମଧ୍ୟ ତର୍କ ବିତର୍କ ସଂସଦକୁ ସରଗରମ ରଖିଥିଲା। ସଂସଦର ଗତ ବର୍ଷାକାଳୀନ ଅଧିବେଶନକୁ ଅଚଳ ରଖିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା



**ଗୃହରେ ୧୦ ବିଲ୍ ଉପସ୍ଥାପିତ; ୮ ପାରିତ**

ଏସ୍ଆଇଆର ପ୍ରସଙ୍ଗ ଏହି ଅଧିବେଶନରେ ଆଲୋଚନା ପାଇଁ ସ୍ଥାନ ପାଇଥିଲା। ତେବେ ଘାତକ ପାଲଟିଥିବା ଦିଲ୍ଲୀ ପ୍ରଦୂଷଣ ଉପରେ କୌଣସି ଆଲୋଚନା ହୋଇପାରି ନାହିଁ। ଏଥିପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିରୋଧୀଙ୍କୁ ଦୋଷ ଦେଇଛନ୍ତି। ସେ କହିଛନ୍ତି ଯେ ଉଭୟ ସରକାର ଓ ବିରୋଧୀ ଏହା ଉପରେ ଆଲୋଚନା କରିବାକୁ ଚାହୁଁଥିଲେ, କିନ୍ତୁ ଜି-ରାମ-ଜି ବିଲକୁ ନେଇ ବିରୋଧୀ ଅଯଥାରେ ହଙ୍ଗାମା କରିବାରୁ ଏହା ଉପରେ ଆଲୋଚନା ହୋଇପାରିଲା ନାହିଁ।

ଡିସେମ୍ବର ୧ରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଅଧିବେଶନରେ ସରକାର ୧୦ଟି ବିଲ୍ ଆଣିଥିବା ବେଳେ ୮ଟି ବିଲ୍ ପାରିତ ହୋଇଛି। ଏଥିରେ ସାମିଲ ରହିଛି ପରମାଣୁ ଓ ଜି-ରାମ-ଜି ବିଲ୍। ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରରେ ଘରୋଇ ସଂସ୍ଥାର ଅଂଶଗ୍ରହଣକୁ ଅନୁମତି ପ୍ରଦାନ ସଂକ୍ରାନ୍ତ ବିଲ୍ ପାସ୍ ହୋଇଛି। ସେହିଭଳି ମନରେଗା ବଦଳରେ ବିକଶିତ ଭାରତ ଜି-ରାମ-ଜି ବିଲ ପାରିତ କରାଇଛନ୍ତି ସରକାର। ଏହି ଦୁଇ ବିଲର ଆଲୋଚନାରେ ବିରୋଧୀ ଦଳ ଅଂଶଗ୍ରହଣ କରିଥିଲେ ମଧ୍ୟ ମତଦାନ ବେଳେ କକ୍ଷତ୍ୟାଗ କରିଥିଲେ। ▸ପୃଷ୍ଠା-୭

# ତାମିଲନାଡୁରେ କଟିଲେ ୯୭ ଲକ୍ଷ ଭୋଟର

■ ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ତାମିଲନାଡୁରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଶେଷ ହୋଇଛି। ଏହି ପର୍ଯ୍ୟାୟରେ ତାଲିକାରୁ ୯୭ ଲକ୍ଷ ଭୋଟରଙ୍କ ନାମ କାଟିଦିଆଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି ଯେ ତାମିଲନାଡୁରେ ଏବେ ମୋଟ ୫ କୋଟି ୪୩ ଲକ୍ଷ ୭୬ ହଜାର ୭୫୫ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରେ ୨.୬୬ କୋଟି ମହିଳା ଏବଂ ୨.୭୭ କୋଟି ପୁରୁଷ। ଆସନ୍ତାବର୍ଷ ନିର୍ବାଚନ ହେବାକୁ ଯାଉଥିବା ତାମିଲନାଡୁରେ ପ୍ରାୟ ୬.୪୧ କୋଟି ପଞ୍ଜୀକୃତ ଭୋଟର ଅଛନ୍ତି। ଏସ୍ଆଇଆର ପରେ ୯୭ ଲକ୍ଷ ୩୭ ହଜାର ୮୩୨ ଭୋଟରଙ୍କ ନାମ କାଟିଦିଆଯାଇଛି। ହଟାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ୨୬.୯୪ ଲକ୍ଷ ମୃତ, ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ୬୬.୪୪ ଲକ୍ଷ ଏବଂ ▸ପୃଷ୍ଠା-୭

# ଚାଷୀଙ୍କ ଡକରାରେ ସମ୍ବଲପୁର ବନ୍ଦ

## ଜାତୀୟ ରାଜପଥ ଅବରୋଧ, ଦୋକାନ ବଜାର ବନ୍ଦ

■ ସମ୍ବଲପୁର, ୧୯।୧୨ (ସମିସ): ଅନ୍ନଦାତାର ଡାକରାକୁ ସମ୍ମାନ ଦେଇଛନ୍ତି ସମ୍ବଲପୁରବାସୀ। ଟୋକନ୍ ଓ ମଣ୍ଡି ସମସ୍ୟାକୁ ନେଇ ଚାଷୀ ସଙ୍ଗଠନ ଆହ୍ୱାନରେ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଜାତୀୟ ରାଜପଥକୁ ଅଇଁଠାପାଲି ଛକରେ ପ୍ରାୟ ୩ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଚାଷୀମାନେ ବିଭିନ୍ନ ଅଫିସ୍‌କୁ ଯାଇ ପିକେଟିଂ କରି ବନ୍ଦ କରିବାକୁ ଅନୁରୋଧ କରିଥିଲେ। ରେଳ ଚଳାଚଳ ଏବଂ ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ସମ୍ବଲପୁର




**ବନ୍ଦକୁ ବିଜେଡିର ସମର୍ଥନ, ସାମିଲ ହେଲେ ଶହଶହ କର୍ମୀ**

ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଏବଂ ଅନ୍ୟ ଅନୁଷ୍ଠାନଗୁଡ଼ିକ ସମର୍ଥନ କରିଥିଲେ। ଜିଲ୍ଲା ବିଜେଡି କର୍ମୀମାନେ ବନ୍ଦକୁ ସମର୍ଥନ କରି ଏଥିରେ ସାମିଲ ହୋଇଥିବା ବେଳେ ବିଜେପି ଓ କଂଗ୍ରେସ କର୍ମୀଙ୍କ ଦେଖାନଥିଲା। ସମ୍ବଲପୁରର ଦୋକାନ ବଜାର ସ୍ୱତଃସ୍ଫୂର୍ତ୍ତ ଭାବେ ଲୋକେ ବନ୍ଦ ରଖିଥିବା ▸ପୃଷ୍ଠା-୭






## ୟୁଟ୍ୟୁବରଙ୍କଠାରୁ ୧୦ କୋଟି ମୂଲ୍ୟର କାର୍ ଜବତ

ଉନ୍ନାଓ, ୧୯ ।୧୨(ଏଜେନ୍ସି): ଉତ୍ତରପ୍ରଦେଶର ଉନ୍ନାଓ ଜିଲ୍ଲାର ୟୁଟ୍ୟୁବର ଅନୁରାଗ ଦ୍ୱିବେଦୀଙ୍କଠାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୧୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହିକ୍ରମରେ ଇଡି ତାଙ୍କଠାରୁ ଲାମ୍ବୋରଘିନି, ମର୍ସିଡିଜ, ବିଏମ୍‌ଡବ୍ଲ୍ୟୁ ଓ ଥାର୍ ଗାଡି ଜବତ କରିଛି। ଏହି ବିଳାସପୂର୍ଣ୍ଣ କାର୍‌ଗୁଡିକର ମୂଲ୍ୟ ୧୦ କୋଟି ଟଙ୍କା ବୋଲି ଇଡି କହିଛି। ଏଥିସହ ୨୫ ବର୍ଷୀୟ ଅନୁରାଗ ଓ ତାଙ୍କ ପରିବାର ସଦସ୍ୟଙ୍କ ବ୍ୟାଙ୍କ ଖାତାକୁ ମଧ୍ୟ ଜବତ କରିଦିଆଯାଇଛି। ଏହି ଖାତାଗୁଡିକ ସହିତ ଜଡିତ ସବୁ ନେଣଦେଣର ଯାଞ୍ଚ କରାଯାଉଛି। ଇଡି ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲଏ) ଆଇନ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନଭେମ୍ବର ୨୨ରେ ଅନୁରାଗ କ୍ରୁଜ ଉପରେ ବିବାହ କରିବା ପରେ ଯାଞ୍ଚ୍ ଏଜେନ୍ସିଗୁଡିକ ନଜରରେ ରହିଥିଲେ। ଡିସେମ୍ବର ୧୭ରେ ଇଡି ତାଙ୍କର ୯ଟି ଠିକଣା ଉପରେ ଚଢ଼ଉ କରି ୧୨ ଘଣ୍ଟା ପର୍ଯ୍ୟନ୍ତ କାଗଜପତ୍ରକୁ ଯାଞ୍ଚ କରିଥିଲା। ସେ କ୍ରିକେଟ ବେଟିଂ, ହାୱାଲା ନେଟୱର୍କ ଓ ଟିପିଂ ଜରିଆରେ ଆୟ କରିଥିବା ଜଣାଯାଇଛି। ଏବେ ତାଙ୍କର ନିକଟ ସମ୍ପର୍କୀୟମାନେ ମଧ୍ୟ ଇଡି ନଜରରେ ରହିଛନ୍ତି। ଏକଦା ସାଇକେଲ ଚଢୁଥିବା ଅନୁରାଗ ଏବେ କୋଟି କୋଟି ଟଙ୍କାର ମାଲିକ। ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ୭ ମିଲିଅନ ଅର୍ଥାତ ୭୦ ଲକ୍ଷ ସବସ୍କ୍ରାଇବର ରହିଛନ୍ତି।

## ୟୁକ୍ରେନ ନାଟୋ ଜିଦ୍ ଛାଡ଼ିଲେ ଶାନ୍ତି ପ୍ରତିଷ୍ଠା ହେବ: ପୁଟିନ

ମସ୍କୋ, ୧୯ ।୧୨(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଶୁକ୍ରବାର ଅପରାହ୍ଣରେ ତାଙ୍କର ବାର୍ଷିକ ଅନ୍‌ଲାଇନ୍ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ସେ ତାଙ୍କ ପୂର୍ବ ତର୍କକୁ ଦୋହରାଇଥିଲେ। ରୁଷ ଶାନ୍ତିପୂର୍ଣ୍ଣ ଭାବେ ଯୁଦ୍ଧ ସମାପ୍ତ କରିବାକୁ ପ୍ରସ୍ତୁତ। କିନ୍ତୁ ଏଥିପାଇଁ ୟୁକ୍ରେନକୁ ନାଟୋ ସାମରିକ ମେଣ୍ଟରେ ଯୋଗ ଦେବାର ଜିଦ୍‌କୁ ଛାଡିବାକୁ ହେବ। ତାପରେ ଯାଇ ଶାନ୍ତି ଆସିବ ବୋଲି ସେ କହିଛନ୍ତି। ସେହିପରି ୟୁରୋପୀୟ ସଂଘ ରୁଷିଆର ସମ୍ପତ୍ତି ଜବତ କରିବା ନେଇ ପଚରା ଯାଇଥିବା ପ୍ରଶ୍ନରୁ ଉତ୍ତରରେ ସେ କହିଛନ୍ତି ଯେ, ୟୁରୋପୀୟ ସଂଘ ଚୋରି ନୁହେଁ, ଡକାୟତି କରୁଛି। ଲୁଚିକରି ଚୋରି କରାଯାଇଥାଏ। କିନ୍ତୁ ସେମାନେ ଖୋଲାଖୋଲି ଲୁଟୁଛନ୍ତି। ତେବେ ରୁଷ୍ ତା'ର ସମ୍ପତ୍ତି ଫେରାଇ ଆଣିବାକୁ ବଦ୍ଧପରିକର ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ୟୁରୋପୀୟ ୟୁନିୟନର ଏହି ଯୋଜନାକୁ ଆପାତତଃ ରୋକି ଦିଆଯାଇଛି। ଏହି ଯୋଜନା ଅନୁସାରେ ରୁଷର ଫ୍ରିଜ କରାଯାଇଥିବା ସମ୍ପତିକୁ ୟୁକ୍ରେନର ରକ୍ଷା ପାଇଁ ବ୍ୟବହାର କରାଯିବାର ଥିଲା। ତେବେ ଯଦି ପୁଣି ଥରେ ଏହି ଯୋଜନାକୁ ଦ୍ୱିତୀୟଥର ପାଇଁ ଲାଗୁ କରାଯାଏ, ତେବେ ଗମ୍ଭୀର ପରିଣତି ଭୋଗିବାକୁ ହେବ ବୋଲି ପୁଟିନ ଚେତାବନୀ ଦେଇଛନ୍ତି। ପୁଟିନଙ୍କର ଏହା ୨୨ତମ ବାର୍ଷିକ ସମ୍ବାଦିକ ସମ୍ମିଳନୀ ଥିଲା। ଏହା ପ୍ରତିବର୍ଷ ଆୟୋଜିତ ହୋଇଥାଏ। ଏଥିପାଇଁ ତିଆରି କରାଯାଇଥିବା କଲସେଣ୍ଟରଗୁଡିକରେ ୨୪.୯ ପ୍ରଶ୍ନ ପଚରାଯାଇଛି।

## ମହୁଆଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୯ ।୧୨(ଏଜେନ୍ସି): ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ ସିବିଆଇ ଆପାତତଃ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ମହୁଆ ମୈତ୍ର ବିରୋଧରେ ଅଭିଯୋଗ ପତ୍ର ଦାଖଲ କରିବନାହିଁ। ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଲୋକପାଳଙ୍କ ତରଫରୁ ଅଭିଯୋଗ ପତ୍ର ଦାଖଲ କରିବା ନେଇ ଜାରି ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଜଷ୍ଟିନ ଅନୀଲ କ୍ଷେତ୍ରପାଳ ଓ ହରିଶ ବୈଦନାଥନ ଶଙ୍କରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଲୋକପାଳ ଏହି ମାମଲାରେ ଭୁଲ କରିଛନ୍ତି। ଏଥିସହ ଲୋକପାଳ ଓ ଲୋକାୟୁକ୍ତ ଆଇନର ଧାରା ୨୦ ଅନୁଯାୟୀ ଏକ ମାସ ମଧ୍ୟରେ ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଲୋକପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ହୋଇଥିବା ଶୁଣାଣିରେ ଲୋକପାଳ ଅନୁମୋଦନ ପ୍ରଦାନ କରିବା ସମୟରେ ଆଇନଗତ ପ୍ରକ୍ରିୟାକୁ ଠିକ୍ ରୂପେ ଅନୁସରଣ କରିନାହାନ୍ତି ବୋଲି ମହୁଆଙ୍କ ଓକିଲ ତର୍କ କରିଥିଲେ। ଆଇନ୍ ଅନୁଯାୟୀ ଅନୁମୋଦନ କରିବା ପୂର୍ବରୁ ଜନପ୍ରତିନିଧିଙ୍କଠାରୁ ମତାମତ ନେବା ବାଧ୍ୟତାମୂଳକ ଥିଲା। କିନ୍ତୁ ତାହା କରାଯାଇ ନ ଥିଲା ବୋଲି କୁହାଯାଇଥିଲା। ଉଲ୍ଲେଖଥାଉ କି, ୨୦୨୩ରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଟଙ୍କା ନେଇ ମହୁଆ ସଂସଦରେ ପ୍ରଶ୍ନ ପଚାରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏ ନେଇ ସିବିଆଇ ତାଙ୍କ ବିରୋଧରେ ଯାଞ୍ଚ୍ କରୁଛି। ୨୦୧୯ରେ ସାଂସଦ ହେବା ପରେ ମହୁଆ ୬୨ଟି ପ୍ରଶ୍ନ ପଚାରିଥିଲେ ଓ ଏଥିମଧ୍ୟରୁ ୯ଟି ପ୍ରଶ୍ନ ଆଡାଣୀଙ୍କ ସହିତ ଜଡିତ ରହିଛି।

# ଚକ୍ରବ୍ୟୂହରେ ବାଂଲାଦେଶ



■ ନିର୍ବାଚନ ସର୍ଭେ ପାଇଁ ଅସ୍ଥିରତା; ଟାର୍ଗେଟରେ ଭାରତ

■ ଢାକାରେ ଆମେରିକା ବନାମ ଚୀନ

ଢାକା, ୧୯।୧୨ (ଏଜେନ୍ସି): ନିର୍ବାଚନ ପୂର୍ବରୁ ବାଂଲାଦେଶ ପୁଣି ଅସ୍ଥିର। ଆସନ୍ତା ବର୍ଷ ହେବାକୁ ଯାଉଥିବା ସଂସଦ ନିର୍ବାଚନରେ କିଏ ଜିତିବ? ଏହି ପ୍ରଶ୍ନ ଶାନ୍ତି ସ୍ଥାପନରେ କଣ୍ଟା ସାଜିଛି। ଏବେ ଯେଉଁ ହିଂସା ଚାଲିଛି ତା ପଛରେ ବିଦେଶୀ ଶକ୍ତିଙ୍କ ହାତରେ ରହିଛି। କାରଣ ବାଂଲାଦେଶ ଏବେ ପାକିସ୍ତାନ, ଚୀନ୍, ଆମେରିକାର ଖେଳ ପଡ଼ିଆ ପାଲଟି ଯାଇଛି। ନିର୍ବାଚନରେ ନିଜ ସମର୍ଥକ ପାର୍ଟିର ପରାଜୟ ଆଶଙ୍କାରେ ଏହି ହିଂସା ଆରମ୍ଭ କରାଯାଇଥିବା କୁହାଯାଉଛି।

ନିର୍ବାଚନରେ ହସିନାଙ୍କ ଦଳ ଭାଗ ନେଇପାରିବ ନାହିଁ। ତେଣୁ ଦୁଇଟି ଦଳ ମଧ୍ୟରେ ହେବ ପ୍ରତିଦ୍ୱନ୍ଦ୍ୱିତା। ଏହି ଦଳ ହେଲା ଖାଲେଦା ଜିଆଙ୍କ ବିଏନପି ଏବଂ ଜମାତେ ଇସଲାମୀ। ଜମାତେ ଇସଲାମୀ ଜିତୁ ବୋଲି କାମଚଲା ଶାସକ ମହମ୍ମଦ ୟୁନୁସ ଏବଂ ପାକିସ୍ତାନ ଚାହୁଁଛନ୍ତି। ଜମାତକୁ ଆମେରିକା ମଧ୍ୟ ପରୋକ୍ଷରେ ସମର୍ଥନ ଦେଉଥିବା ବେଳେ ବିଏନପିକୁ ଭିତିରିଆ ସମର୍ଥନ କରୁଛି ଚୀନ। ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପୁଅ ଅଭିଯୋଗ କରିଛନ୍ତି ଯେ ୟୁନୁସ ସେ ଜାଲିଆତି କରି ଚରମପନ୍ଥୀଙ୍କୁ କ୍ଷମତାରେ ବସାଇବାକୁ ଚାହୁଁଛନ୍ତି। ନିର୍ବାଚନ ପୂର୍ବରୁ ହୋଇଥିବା ସର୍ଭେ ଅନୁଯାୟୀ ବିଏନପି ହିଁ ବିଜୟୀ ହେବ। ତେଣୁ ନିର୍ବାଚନ କରାଇନଦେବା ଲାଗି ପ୍ରାୟୋଜିତ ଭାବେ ହିଂସାକାଣ୍ଡ କରାଯାଉଛି। ଚରମପନ୍ଥୀ ଜମାତକୁ କ୍ଷମତାସୀନ କରାଇବା ଲାଗି ଏମିତି ଖେଳ ଚାଲିଛି। ମିଳିଥିବା ସୂଚନା ଅନୁଯାୟୀ ବାଂଲାଦେଶର ମାର୍ଟିନ ଆଇଲ୍ୟାଣ୍ଡ ଉପରେ ଆ।।ମେରିକା ଏବଂ ଚୀନର ଆଖି ପଡ଼ିଛି। ଏଥିପାଇଁ ସେମାନଙ୍କ ପସନ୍ଦର ଦଳ କ୍ଷମତାସୀନ ହେଉ ବୋଲି ଉଦ୍ୟମ କରୁଛନ୍ତି। ଖାଲେଦା ଜିଆଙ୍କ ବାଂଲାଦେଶ ନେସନାଲ ପାର୍ଟି (ବିଏନ୍‌ପି) ବିଜୟ ସମ୍ଭାବନାକୁ ନେଇ କାମଚଲା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ମଧ୍ୟରେ ଛନକା ପଶିଛି। ଆମେରିକାର କାଠ କଣ୍ଢେଇ ସାଜିଥିବା ୟୁନୁସ ଏହାକୁ ସହ୍ୟ କରିପାରୁ ନାହାନ୍ତି। ଆମେରିକା ସହିତ ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସ୍‌ଆଇ ମଧ୍ୟ ବିଏନପି କ୍ଷମତାସୀନ ହେଉ ବୋଲି ଚାହୁଁନି। ଆଇଏସଆଇ ଚରମପନ୍ଥୀ ଜମାତେ ଇସଲାମୀକୁ ସମର୍ଥନ ଦେଉଛି। ତେବେ ଚୀନ ବିଏନ୍‌ପିକୁ ଲୁଚିଛପି ସମର୍ଥନ କରୁଛି।

ଇତିମଧ୍ୟ।।ରେ ଭାରତ ବିରୋଧୀ ନେତା ଭାବେ ପରିଚିତ ଇନ୍‌କିଲାବ ମଞ୍ଚର ନେତା ସରିଫ ଓସମାନ ବିନ୍ ହାଦିଙ୍କ ହତ୍ୟା ପରେ ରାଜଧାନୀ ଢାକା ସହିତ ଅନ୍ୟ ଅଞ୍ଚଳରେ ନିଆଁ ଲାଗିଛି। ତେବେ ବିକ୍ଷୋଭକାରୀଙ୍କ ଟାର୍ଗେଟରେ ଭାରତ ରହିଛି। ଏହି ହତ୍ୟାକାଣ୍ଡ ପଛରେ ଭାରତର ହାତ ଥିବା ଆନ୍ଦୋଳନକାରୀ ଅଭିଯୋଗ କରୁଛନ୍ତି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଫୈସଲ କରିମ ଭାରତ ପଳାଇଥିବା କୁହାଯାଉଛି। ମାତ୍ର ପୁଲିସ ଏହି ଦାବିକୁ ଖଣ୍ଡନ କରୁଛି। ହତ୍ୟା ପଛରେ ଭାରତର ହାତ ଥିବା ନେଇ କୌଣସି ସୂଚନା ନାହିଁ ବୋଲି କୁହାଯାଇଛି। ଭାରତ ମଧ୍ୟ ଅଭିଯୋଗକୁ ଖଣ୍ଡନ କରିଦେଇଛି। ବାଂଲାଦେଶରେ ହିଂସାରେ ଦେଶର କୌଣସି ଭୂମିକା ନାହିଁ ବୋଲି କୁହାଯାଇଛି। ତେବେ ସୀମାରେ କୌଣସି ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ ଭାରତ ସୁରକ୍ଷାକୁ କଡ଼ାକଡ଼ି କରିଦେଇଛି। ବାଂଲାଦେଶ ସୁରକ୍ଷା ବାହିନୀ ଅନୁଯାୟୀ, ଫୈସଲଙ୍କୁ ହତ୍ୟା କରିବାର ଦିନକ ପୂର୍ବରୁ ଅଭିଯୁକ୍ତ ନିଜ ପ୍ରେମିକାକୁ ରିସୋର୍ଟରେ ଭେଟିଥିଲା। କାଲି କିଛି ବଡ଼ ହେବ, ଯେଉଁଥିରେ ବାଂଲାଦେଶ ଦୋହଲିଯିବ ବୋଲି କହିଥିଲା। ଏହା ସହିତ ସେ ପ୍ରେମିକାକୁ ହାଦିର ଭିଡିଓ ଦେଖାଇଥିଲା।

ଏବେ ଭାରତ ବାଂଲାଦେଶ ସ୍ଥିତିକୁ ନେଇ 'ୱେଟ ଆଣ୍ଡ ୱାଚ' ସ୍ଥିତିରେ ରହିଛି। ସୁରକ୍ଷା ବିଶେଷଜ୍ଞମାନେ ଏବେ ନିରବ ରହିବାକୁ ଭାରତକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ବାଂଲାଦେଶର ଏହି ସ୍ଥିତି ଭାରତର ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି କରିଛି। ବାଂଲାଦେଶ ଆନ୍ଦୋଳନ ଭାରତୀୟ ସୀମାକୁ ବ୍ୟାପିଛି। ଆନ୍ଦୋଳନକାରୀ ସୀମାରେ ପହଞ୍ଚି ଭାରତ ବିରୋଧୀ ସ୍ଲୋଗାନ ଦେଉଛନ୍ତି। ଏହାଦ୍ୱାରା ଅନୁପ୍ରବେଶ ବିପଦ ମଧ୍ୟ ରହିଛି।

ଅନ୍ୟପଟେ ମହମ୍ମଦ ୟୁନୁସ କ୍ଷମତା ନିଜ ହାତରେ ରଖିବାକୁ ଚାହୁଁଛନ୍ତି। ସେ ଦେଶରେ ଏକଛତ୍ରଶାସନ ଚଳାଇବା ଯୋଜନାରେ ଅଛନ୍ତି। ଭାରତର ବିରୋଧୀ ମହମ୍ମଦ ୟୁନୁସ ଆମେରିକା ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି। ଏହି ଦେଶରେ ଆମେରିକାର ଡିପ୍ ଷ୍ଟେଟର ମଧ୍ୟ ପ୍ରଭାବ ରହିଛି। ବାଂଲାଦେଶରେ ସ୍ଥିରତା ଆସୁ ବୋଲି ଏହି ଦେଶ ଚାହୁଁନାହିଁ। ସ୍ଥିତିକୁ ଦେଖି ଭାରତ ଚିକେନ ନେକ୍ ତଥା ସିଲିଗୁଡ଼ି କରିଡରର ସୁରକ୍ଷାକୁ ବୃଦ୍ଧି କରିଦେଇଛି। ଅଧିକ କମ୍ପାନୀ ସୁରକ୍ଷା ବାହିନୀ ମୁତୟନ କରିଛି। ଚିକେନ ନେକକୁ ସମ୍ପ୍ରସାରଣ କରାଯାଇଛି। ସୀମାରେ ଲଢୁଆ ବିମାନ ଏବଂ ହେଲିକପ୍ଟର ମୁତୟନ କରାଯାଇଛି।



## ଉସ୍‌ମାନ ହାଦି କିଏ?

ଢାକା, ୧୯ ।୧୨(ଏଜେନ୍ସି): ଛାତ୍ରନେତା ଉସ୍‌ମାନ ହାଦିଙ୍କ ହତ୍ୟା ନେଇ ବାଂଲାଦେଶରେ ଲଙ୍କାକାଣ୍ଡ ଚାଲିଛି। ହାଦିଙ୍କ ହତ୍ୟାକୁ ବିରୋଧର କରି ସାରା ଦେଶରେ ହିଂସା ସୃଷ୍ଟି ହୋଇଛି। ଏବେ ପ୍ରଶ୍ନ ଉଠୁଛି ଯେ, ହାଦି କିଏ? ଯାହାଙ୍କ ମୃତ୍ୟୁରେ ଏବେ ପଡୋଶୀ ଦେଶ ହିଂସାର ନିଆଁରେ ଜଳି ଉଠିଛି। ହାଦି ଛାତ୍ର ସଂଗଠନ 'ଇନକିଲାବ ମଞ୍ଚ'ର ଜଣେ ପ୍ରତିଷ୍ଠାତା ନେତା ଥିଲେ। ନିକଟରେ ହୋଇଥିବା ଛାତ୍ର ଆନ୍ଦୋଳନ ଜରିଆରେ ସେ ବାଂଲା ରାଜନୀତିରେ ଜଣେ ଉଦୀୟମାନ ନେତା ଭାବେ ଉଭା ହୋଇଥିଲେ। ସେ ଆଗାମୀ ସାଧାରଣ ନିର୍ବାଚନରେ ଢାକା-୮ ଆସନରୁ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବେ ବୋଲି ବାଂଲାଦେଶ ଗଣମାଧ୍ୟମଗୁଡିକ ଖବର ପ୍ରଚାର କରିଥିଲେ। ସେ ଭାରତ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ କଡ଼ା ସମାଲୋଚକ ଭାବେ ପରିଚିତ ଥିଲେ। ଭାରତର ମାନଚିତ୍ରକୁ ବିକୃତ କରି ବୃହତ୍ତ ବାଂଲାଦେଶ ଚିତ୍ର ଆଙ୍କି ସେ ବିବାଦରେ ଥିଲେ। ଦେଶର ଅନ୍ତରୀଣ ସରକାରଙ୍କ ଉପଦେଷ୍ଟା ମହମ୍ମଦ ୟୁନୁସ ମଧ୍ୟ ହାଦିଙ୍କୁ ପସନ୍ଦ କରୁଥିଲେ ବୋଲି କୁହାଯାଉଛି।

ତାଙ୍କ ପୂରା ନାମ ହେଉଛି ସରିଫ ଉସମାନ ବିନ୍ ହାଦି। ସେ ୧୯୯୩ ଜୁନ୍ ୩୦ରେ ଝାଲାକାଠି ଜିଲ୍ଲାର ନାଲଚିଟିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଜଣେ ମାଦ୍ରାସା ଶିକ୍ଷକ ଓ ଇମାମ ଭାବେ ପରିଚିତ। ସେ ଢାକା ବିଶ୍ୱବିଦ୍ୟାଳୟରୁ ପାସ୍ କରି ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିଲେ। ଜାତୀୟ ରାଜନୀତିରେ ସେ ନୂଆ ସମ୍ଭାବନା ସୃଷ୍ଟି କରିବାକୁ ଯାଉଥିବା ବେଳେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

### ବେଟିଂକୁ ନେଇ ମନି ଲଣ୍ଡରିଂ ମାମଲା ରୁଜୁ କଲା ଇଡି

# ୟୁବରାଜ, ସୋନୁ, ଉର୍ବଶୀଙ୍କ ସମ୍ପତ୍ତି ଜବତ

ନୂଆଦିଲ୍ଲୀ, ୧୯ ।୧୨(ଏଜେନ୍ସି): ବେଟିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କ୍ରିକେଟର ଓ ଅଭିନେତାଙ୍କ ସମ୍ପତି ଜବତ କରାଯାଇଛି। ବେଟିଂ ଅର୍ଥାତ ଜୁଆ ସହିତ ଜଡିତ ମନି ଲଣ୍ଡରିଂ ମାମଲାରେ ଇଡି ପୂର୍ବତନ କ୍ରିକେଟର ୟୁବରାଜ ସିଂହ, ରବିନ ଉଥାପ୍ପା, ଅଭିନେତା ସୋନୁ ସୁଦ, ନେହା ଶର୍ମା, ଉର୍ବଶୀ ରୌତେଲା ଓ ଅନ୍ୟ ସେଲିବ୍ରିଟିମାନଙ୍କ ସମ୍ପତି ଜବତ କରିଛି। ଏହି ମାମଲାରେ ଇଡି ଏକାଧିକ ସେଲିବ୍ରିଟିଙ୍କୁ ପଚରା ଉଚରା କରିଛି। ଏହି ମାମଲାର ହଜାରେ କୋଟି ଟଙ୍କାର ସମ୍ପତ୍ତି ଜବତ କରାଗଲାଣି। ପୂର୍ବରୁ ଇଡି ଏହି ମାମଲାରେ ପୂର୍ବତନ କ୍ରିକେଟର ଶିଖର ଧାୱନ ଓ ସୁରେଶ ରାଇନାଙ୍କୁ ପଚରାଉଚରା କରିବା ସହ ୧୧.୧୪ କୋଟି ଟଙ୍କା ଜବତ କରିଥିଲା। ସୂଚନା ଅନୁସାରେ, ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇଡି ସୋନୁ ସୁଦ୍‌ଙ୍କର ଏକ କୋଟି, ୟୁବରାଜଙ୍କର ଅଢ଼େଇ କୋଟି, ନେହାଙ୍କ ୧.୨୬ କୋଟି, ରବିନ ଉଥାପ୍ପାଙ୍କ ୮.୨୬ ଲକ୍ଷ, ମିମି ଚକ୍ରବର୍ତ୍ତୀଙ୍କ ୫୯ ଲକ୍ଷ ଟଙ୍କାର ସମ୍ପତ୍ତି ଜବତ କରିଛି। ଇଡି ଏହିକ୍ରମରେ ମୋଟ ଉପରେ ୭.୯୩ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହାପୂର୍ବରୁ ଇଡି ଗତ ସେପ୍ଟେମ୍ବରରେ '୧ ଇନ୍‌ଟୁ ବେଟ୍' ଆପ ମାମଲାରେ ୟୁବରାଜ, ସୁରେଶ ରାଇନା, ଉଥାପ୍ପା, ଧାୱନ, ସୋନୁ ସୁଦ୍, ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ (ପୂର୍ବତନ ଟିଏମ୍‌ସି ସାଂସଦ) ଓ



ବେଙ୍ଗଲୀ ଅଭିନେତା ଅଙ୍କୁଶ ହାଜରାଙ୍କ ସମେତ କେତେଜଣ ଅନ୍‌ଲାଇନ୍ ଇନଫ୍ଲୁଏନ୍ସରଙ୍କୁ ପଚରା ଉଚରା କରିଥିଲା।

ଏହା ପାଖାପାଖି ୧ ହଜାର କୋଟି ଟଙ୍କାର ମନି ଲଣ୍ଡରିଂ ମାମଲା ବୋଲି ଇଡି କହିଛି। ଏହି ସେଲିବ୍ରିଟିମାନଙ୍କ ବିରୋଧରେ '୧ ଇନଟୁ ବେଟ' ନାମକ ବେଟିଂ ଆପ୍‌ର ପ୍ରମୋଶନ କରିଥିବା ଅଭିଯୋଗ ରହିଛି। ପୁଣି ଏହି ପ୍ରମୋଶନ ବଦଳରେ ମିଳିଥିବା ଅର୍ଥକୁ ମନି ଲଣ୍ଡରିଂ ଜରିଆରେ ଗ୍ରହଣ କରିଥିଲେ। ଉଲ୍ଲେଖଥାଉ କି, ୧ ଇନ୍‌ଟୁ ବେଟ୍ ହେଉଛି ସାଇପ୍ରସ୍‌ର ଅନ୍ ଲାଇନ୍ ବେଟିଂ କମ୍ପାନୀ। ଏହା ୨୦୦୭ରେ ସ୍ଥାପିତ ହୋଇଥିଲା। ଏହା ବିଶ୍ୱବ୍ୟାପୀ ବିଭିନ୍ନ କ୍ରୀଡ଼ା ଆୟୋଜନରେ ବେଟିଂ ଲଗାଇବାର ସୁବିଧା ପ୍ରଦାନ କରିଥାଏ। ଏହି ଆପ୍ ଓ ୱେବ୍‌ସାଇଟ୍ ୭୦ଟି ଭାଷାରେ ଉପଲବ୍ଧ। କିନ୍ତୁ ଏହି ଅନ୍‌ଲାଇନ୍ ପ୍ଲାଟଫର୍ମକୁ ଭାରତରେ ନିଷିଦ୍ଧ କରାଯାଇଛି। ଭାରତ ମଧ୍ୟ ଫାଣ୍ଟାସି ସ୍ପୋର୍ଟ୍ସ ଭଳି ଡ୍ରିମ-୧୧, ରମି, ପୋକର ଆପ୍‌କୁ ନିଷିଦ୍ଧ କରିଛି।

## ଇରାନ-ତାଜିକିସ୍ତାନ କିଡ୍‌ନୀ ର୍‍ୟାକେଟ୍‌ରେ ଫସିଲେ ଓଡ଼ିଆ

ନୂଆଦିଲ୍ଲୀ, ୧୯ ।୧୨ (ଏଜେନ୍ସି): କେରଳର କୋଚି ସହରରେ ରହୁଥିବା ଜଣେ ବ୍ୟକ୍ତି ଚତୁରତା ସହ ଏକ ଅନ୍ତର୍ଜାତୀୟ କିଡ୍‌ନୀ ର୍‍ୟାକେଟ ଚଳାଉଥିବା ଜଣାପଡ଼ିଛି। ଏହି ର୍‍ୟାକେଟ୍ ମାଧ୍ୟମରେ ବ୍ୟକ୍ତି ଜଣକ ସ୍ଥିତିର ଫାଇଦା ଉଠାଇ ଭାରତରୁ ଗରିବ ଲୋକଙ୍କୁ ନେଇ ଏକ କିଡନୀ ର୍‍ୟାକେଟ୍ ଚଳାଇଥିଲା। ବେଆଇନ ଭାବେ ଏହି ଗରିବ ଭାରତୀୟଙ୍କୁ ଇରାନ ଓ ତାଜିକିସ୍ତାନ ଭଳି କେନ୍ଦ୍ର ଏସୀୟ ଦେଶଗୁଡିକୁ ଚାଲାଣକରି ସେମାନଙ୍କର କିଡନୀକୁ ଅବୈଧ ଭାବେ ପ୍ରତିରୋପଣ କରାଇବାର ବ୍ୟବସ୍ଥା କରୁଥିଲେ।

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହି ମାମଲାରେ ଏକ ବଡ଼ ଧରଣର ପର୍ଦ୍ଦାଫାସ କରିଛି। ୨୦୨୪ ମେ ୧୯ରେ ନେଦୁମ୍ବାସେରୀ ପୁଲିସ ଏକ ଏଫ୍‌ଆଇଆର ଦାଏର କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା।କୋଚିରେ ରହୁଥିବା ଏହି ର୍‍ୟାକେଟ୍‌ର ମାଷ୍ଟରମାଇଣ୍ଡ ହେଉଛି ମଧୁ ଜୟକୁମାର। ଏହି କ୍ରମରେ ଓଡ଼ିଶାରୁ ମଧ୍ୟ ଦୁଇଜଣ ଲୋକଙ୍କୁ ତାଜିକିସ୍ତାନକୁ ଚାଲାଣ କରାଯାଇଥିବା ଏନ୍‌ଆଇଏ ଜାଣିବାକୁ ପାଇଛି। ଏହି ଦୁଇ ଓଡ଼ିଆଙ୍କ କିଡ୍‌ନୀ ସେଠାରେ ବଡ଼ ଧନୀଙ୍କଠାରେ ପ୍ରତିରୋପଣ କରାଯାଇଥିବା ଏନ୍‌ଆଇଏ କହିଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମଧୁ ବହୁ ଅର୍ଥ ଉପାର୍ଜନ କରିଥିଲା। ଏସବୁକୁ ଏକାଧିକ ବ୍ୟାଙ୍କ ଖାତାରେ ଜମା କରିଥିଲା। ଏହାପରେ ସେ ଏହି ଅର୍ଥକୁ ବିଟ୍‌କଏନ ଓ ୟୁଏସ୍‌ଟିଡିରେ ରୁପାନ୍ତରିତ କରୁଥିଲା। ମଧୁକୁ ଶେଷରେ ନଭେମ୍ବର ୭ରେ ଗିରଫ କରାଯାଇଥିଲା ଓ ତାକୁ ଏନ୍‌ଆଇଏର ନ୍ୟାୟିକ ହେପାଜତରେ ରଖାଯିବ ସହ ଏର୍ଣ୍ଣାକୁଲମସ୍ଥିତ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ଏହି ର୍‍ୟାକେଟ୍‌ରେ ଇରାନରେ ୨୭ଜଣ ବ୍ୟକ୍ତିଙ୍କଠାରେ କିଡନୀ ପ୍ରତିରୋପଣ ହୋଇଥିଲା। ଏହି ପ୍ରକ୍ରିୟାରେ ୧୧ ଜଣ ନୂଆ କିଡନୀ ଦାତା ସେମାନଙ୍କର କିଡନୀ ହରାଇଥିଲେ ବୋଲି ମଧୁ ସ୍ୱୀକାର କରିଛି। ଏହି ର୍‍ୟାକେଟ ଓ ପ୍ରକ୍ରିୟାକୁ କୋର୍ଟ ଗୁରୁତର ସହ ଗ୍ରହଣ କରିଛନ୍ତି। ଅଧିକ ଯାଞ୍ଚ୍ କରିବା ସହ ନେଟୱର୍କରେ ଜଡିତ ପୀଡିତ ଓ ଅପରାଧୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଆଇଏକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦିଲ୍ଲୀକୁ ମିଳୁନି ନିସ୍ତାର

## କୁହୁଡି ଯୋଗୁଁ ୧୫୨ ବିମାନ ବାତିଲ

ନୂଆଦିଲ୍ଲୀ, ୧୯ ।୧୨(ଏଜେନ୍ସି): ଦିଲ୍ଲୀରେ ପ୍ରଦୂଷଣ ଥମିବାର ନା ନେଉନାହିଁ। ବିଷାକ୍ତ ବାୟୁ ଓ ଦୃଶ୍ୟମାନତା ହ୍ରାସକୁ ଦୃଷ୍ଟିରେ ରଖି ଗୁରୁବାର ଦିଲ୍ଲୀରେ କଡ଼ା ନିୟମ ଲାଗୁ କରାଯାଇଥିଲା। ଏହା ସତ୍ତ୍ୱେ ଶୁକ୍ରବାର ରାଜଧାନୀରେ କ୍ରମାଗତ ଷଷ୍ଠ ଦିନ ପାଇଁ ବାୟୁ ଖରାପ ରହିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦେଇଥିବା ସୂଚନା ଅନୁଯାୟୀ ଶୁକ୍ରବାର ସକାଳ ୮ଟାରେ ଦିଲ୍ଲୀର ବାୟୁଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୮୭ ରେକର୍ଡ କରାଯାଇଛି। ଗୁରୁବାର ତୁଳାନାରେ ଆଜି ମଧ୍ୟ ଏକ୍ୟୁଆଇରେ ଉନ୍ନତି ହୋଇନାହିଁ। ଗୁରୁବାର ସନ୍ଧ୍ୟା ୪ଟାରେ ଏକ୍ୟୁଆଇ ୩୭୩ ଥିଲା। ପ୍ରଦୂଷଣ ପାଇଁ ରାଜଧାନୀର ଅଧିକାଂଶ ଅଞ୍ଚଳରେ ବିଷାକ୍ତ କୁହୁଡି ଛାଇ ହୋଇରହିଛି। ଶୁକ୍ରବାର ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ୧୫୨ଟି ବିମାନକୁ ବାତିଲ କରାଯାଇଛି। ବିମାନ ବନ୍ଦର କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ବାତିଲ ହୋଇଥିବା ବିମାନ ମଧ୍ୟରୁ ୭୯ଟି ଦିଲ୍ଲୀ ଛାଡୁଥିଲା ଓ ୭୩ଟି ଆସୁଥିଲା। ଏଥିରେ ୪ଟି ଅନ୍ତର୍ଜାତୀୟ ବିମାନ ମଧ୍ୟ ସାମିଲ ରହିଛି। ଅନେକ ବିମାନ ଘଣ୍ଟା ଘଣ୍ଟା ଧରି ବିଳମ୍ବରେ ଚାଲୁଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ, ସ୍ପାଇଶ୍ ଜେଟ୍ ସମେତ ଅନେକ ବିମାନ କମ୍ପାନୀ ସେମାନଙ୍କ ବିମାନରେ ସମ୍ଭାବ୍ୟ ବାଧା ସମ୍ପର୍କରେ ଯାତ୍ରୀମାନଙ୍କ ପାଇଁ ପରାମର୍ଶ ଜାରି କରିଛନ୍ତି। ଏହାପୂର୍ବରୁ ଗୁରୁବାର କୁହୁଡି ଯୋଗୁଁ ବିମାନ ବନ୍ଦରର ଦୃଶ୍ୟମାନତା ୧୦୦ମିରୁ କମ୍ ହ୍ରାସ ପାଇଥିଲା। ଏହାଫଳରେ ୨୭ଟି ବିମାନ ବାତିଲ ହୋଇଥିବା ବେଳେ ୧୦୦ରୁ ଅଧିକ ବିମାନ ଓ ୮୦ରୁ ଅଧିକ ଟ୍ରେନ୍ ବିଳମ୍ବିତ ହୋଇଥିଲା।

ଦିଲ୍ଲୀରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ (ଜିଆରଏପି)ର ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଛି। ବିଭିନ୍ନ କଟକଟା ଲାଗୁ ହୋଇଥିବାରୁ ଏହି ନିୟମ ଉଲ୍ଲଂଘନ ଅଭିଯୋଗରେ ୩, ୭୦୦ଟି ଗାଡ଼ିର ଚାଲାଣ କଟାଯାଇଛି। ୫୭୦ଟି ଗାଡ଼ିକୁ ଦିଲ୍ଲୀ ସୀମାରୁ ଫେରାଇ ଦିଆଯାଇଛି। ମାତ୍ର ଦୁଇଦିନ ମଧ୍ୟରେ ୬୧୦୦୦ ପ୍ରଦୂଷଣ ପ୍ରମାଣପତ୍ର ବାହାର କରାଯାଇଛି।

### କେନ୍ଦ୍ରମନ୍ତ୍ରୀ ମାନ୍‌ଝୀଙ୍କ ଟିପ୍ପଣୀକୁ ନେଇ ଝଡ଼

# ପ୍ରାର୍ଥୀ ହାରୁଥିଲେ; ଜିଲ୍ଲାପାଳଙ୍କୁ ଫୋନ୍ କରି ଜିତାଇଲି

ପାଟନା, ୧୯।୧୨ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ବୃହତ ବିଜୟ ହାସଲ କରିଛି। ନୀତୀଶ କୁମାରଙ୍କ ନେତୃତ୍ୱରେ ସରକାର ଗଠନ କରିଛି। ଏହି ସରକାରୀ ମେଣ୍ଟରେ ସାମିଲ ହାମ୍ ମୁଖ୍ୟ ତଥା କେନ୍ଦ୍ର ଏମଏସଏମଇ ମନ୍ତ୍ରୀ ଜିତନ୍‌ରାମ୍ ମାନ୍‌ଝୀ ଦେଇଥିବା ଏକ ଟିପ୍ପଣୀ ଇଭିଏମ୍‌ର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୋଟ ଚୋରି,ଇଭିଏମ ଜାଲିଆତି ଏବଂ ସରକାରୀ ଦଳ ସହ ନିର୍ବାଚନ କମିଶନ (ଇସି)ଙ୍କ ସମ୍ପୃକ୍ତିକୁ ନେଇ ବିରୋଧୀ ଦଳଗୁଡ଼ିକ ସଡ଼କରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ମାନ୍‌ଝୀ ଏହି ନିଆଁରେ ଘିଅ ଢାଳିଛନ୍ତି। ସେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛନ୍ତି। ଏକ ଭାଇରାଲ ଭିଡିଓରେ ଜିତନ ରାମ ଏକ ମଞ୍ଚରୁ କହୁଛନ୍ତି ଯେ ୨୦୨୦ ବିଧାନସଭା ନିର୍ବାଚନରେ ଗୋଟିଏ ଆସନରୁ ୨୭୦୦ ଭୋଟରେ ହାରୁଥିଲୁ। କିନ୍ତୁ ଏହି ସମୟରେ ଜିଲ୍ଲାପାଳଙ୍କୁ ଫୋନ କରି ବିଜୟୀ ହୋଇଥିଲୁ। ଏଥିରେ ମାନ୍‌ଝୀ ଗୟାର ପୂର୍ବତନ ଜିଲ୍ଲାପାଳ ଅଭିଷେକ ସିଂହଙ୍କ ନାମ ନେଉଥିବା ଶୁଣିବାକୁ ମିଳୁଛି। ତ୍ରିପୁରା କ୍ୟାଡରର ଏହି ଆଇଏଏସ ଅଧିକାରୀ ୨୦୨୩ରେ ଚାକିରିରୁ ଇସ୍ତଫା ଦେଇଥିଲେ।



ସାର୍ବଜନୀନ ମଞ୍ଚରୁ ମଗଧୀ ଭାଷାରେ ମାନ୍‌ଝୀ ଦେଇଥିବା ଏହି ଟିପ୍ପଣୀ ନିର୍ବାଚନୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ଇଭିଏମର ବିଶ୍ୱସନୀୟତା ଉପରେ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ଏହାକୁ ନେଇ ଆରଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ସେୟାର କରି ସତ ସାମ୍‌ନାକୁ ଆସିଯାଇଛି ବୋଲି କୁହାଯାଇଛି।

ଅନ୍ୟପଟେ ବିବାଦ ବଢ଼ିବାରୁ ମାନ୍‌ଝୀ ସ୍ପଷ୍ଟୀକରଣ ଦେଇଛନ୍ତି। କାଣ୍ଟଛାଣ୍ଟ କରି ଏହି ଭିଡିଓ ପ୍ରସ୍ତୁତ କରାଯାଇଥିବା କହିଛନ୍ତି। ତେବେ ଏହି ଭିଡିଓଟି ବାରାଚଟ୍ଟି ବିଧାନସଭା କ୍ଷେତ୍ରରେ ଆୟୋଜିତ ଏକ ସମ୍ମାନ କାର୍ଯ୍ୟକ୍ରମର ବୋଲି କୁହାଯାଉଛି। ଜିତନରାମ ମାନଝୀ ମଞ୍ଚରୁ କହିଥିଲେ ଯେ 'ଭୁଲ୍‌ରେ ସେ ଚଳିତ ହାରି ଯାଇଛନ୍ତି। ଯଦି ୨୦୨୦ ପରେ ଆମକୁ କେହି ହାରି ଯାଉଛନ୍ତି ବୋଲି କହିଥାନ୍ତେ ତେବେ ସ୍ଥିତି ଅଲଗା ହୋଇଥାନ୍ତା। ସେ ସମୟରେ ୨୭୦୦ ଭୋଟରେ ହାରୁଥିଲୁ। ଏହା ପରେ ମୁଁ ପ୍ରୟାସ କରି ତାଙ୍କୁ ଜିତାଇ ଦେଇଥିଲି। ୨୦୨୫ରେ କେବଳ ୧୬୦୦ ଭୋଟରେ ହାରିଛୁ। କିନ୍ତୁ ହାରିବୁ ବୋଲି କେହି ମତେ ପୂର୍ବରୁ କହି ନ ଥିଲେ। ତାଙ୍କ କିଛି ବୁଦ୍ଧି ନ ଥିଲା। କେନ୍ଦ୍ର ଛାଡ଼ି ପଳାଇ ଥିଲେ। ମୋ ସହ କାହିଁକି କଥା ହେଲନି ଜଣାନାହିଁ। ଏହି ସମୟରେ ମାନଝୀ ଟେକାରୀ ଆସନର ପ୍ରାର୍ଥୀ ଅନୀଲ କୁମାରଙ୍କ ପରାଜୟକୁ ନେଇ ଚର୍ଚ୍ଚା କରୁଥିଲେ ବୋଲି କୁହାଯାଉଛି।

ବିବାଦ ବଢ଼ିବାରୁ ମାନ୍‌ଝୀ କହିଥିଲେ ଯେ 'ମୋର ଏକ ଭିଡିଓକୁ କାଣ୍ଟଛାଣ୍ଟ କରି ଭାଇରାଲ କରାଯାଉଛି। କିଛି ଲୋକ ଏପରି କରି ମୋତେ ବଦନାମ କରିବାକୁ ଚାହୁଁଛନ୍ତି। କିନ୍ତୁ ଏବେ କେହି ମୋତେ ଅପମାନିତ କିମ୍ବା ବୋକା ବନେଇ ପାରିବେ ନାହିଁ। ଏହାକୁ ନେଇ ଆରଜେଡି କେନ୍ଦ୍ର, ରାଜ୍ୟ ସରକାରଙ୍କ ସହିତ ଇସିଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଆରଜେଡି ପକ୍ଷରୁ କୁହାଯାଇଛି ଯେ ଭାରତ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ମାନ୍‌ଝୀ ଠିଗେଶ କୁମାରଙ୍କ ପରି ପାଳିତ ଆୟୁକ୍ତଙ୍କ ମୁହଁକୁ ଚାପୁଡ଼ା ମାରିଛନ୍ତି। ମାନ୍‌ଝୀ ଖୋଲା ମଞ୍ଚରେ ନିର୍ବାଚନ ଫଳାଫଳରେ ଜାଲିଆତି, ମେସିନାରୀ ଏବଂ ଦୁର୍ନୀତି କରି ନିର୍ବାଚନ ଜିତିବାର ସୂତ୍ର କହିଛନ୍ତି। ସତ କେତେ ଦିନ ପର୍ଯ୍ୟନ୍ତ ଲୁଚାଇବେ। ୪୧ ହଜାର କୋଟି ଟଙ୍କା ବାଣ୍ଟି, ବେଇମାନୀ, ଜାଲିଆତି କରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବଳରେ କେବେ ଯାଏଁ ନିର୍ବାଚନ ଜିତିବେ। ମୁଖା ନିଶ୍ଚିତ ଖୋଲିଯିବ। ସେହିପରି କଂଗ୍ରେସ ପକ୍ଷରୁ କୁହାଯାଇଛି, କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ମାନ୍‌ଝୀଙ୍କ ଭୋଟ ଚୋରିର ସ୍ୱୀକାରୋକ୍ତି ଶୁଣନ୍ତୁ। ୨୦୨୫ରେ ଯୋଗାଯୋଗ ନ ହେବାରୁ ପ୍ରାର୍ଥୀ ଘରକୁ ପଳାଇଲେ। ଆଉ ଯୋଗାଯୋଗରେ ନିର୍ବାଚନରେ ଫଳାଫଳ ବଦଳି ଗଲେ ଭୋଟର ମୂଲ୍ୟ କ'ଣ ରହିବ? ତେବେ ଏହି ମାମଲାକୁ ନେଇ ମାନ୍‌ଝୀଙ୍କୁ ବିଜେପି ସୁରକ୍ଷା ଦେଇଛି। ମନ୍ତ୍ରୀ ଦିଲ୍ଲୀପ ଜୟସ୍ୱାଲ କହିଛନ୍ତି ଯେ ଗୋଟିଏ ହେଲେ ବି ଭୋଟରେ ଜାଲିଆତି ହୋଇନି। ଭଲ ଭାବେ ଗଣତି ହେବାରୁ ପ୍ରାର୍ଥୀ ଜିତି ଯାଇଥିଲେ।

### ନବୀନଙ୍କୁ ଭେଟିଲେ ହିଞ୍ଜିଳିର ବିଜେଡି ନେତା ଓ କର୍ମୀ

# ବିକାଶ କାମରେ ସରକାରଙ୍କ ବୈମାତୃକ ମନୋଭାବ



ଭୁବନେଶ୍ୱର,୧୯ ।୧୨(ସମିସ): ଗତକାଲି ଶେରଗଡ଼ ବ୍ଲକର ବିଜେଡି କର୍ମୀ ଓ ନେତାମାନେ ସେମାନଙ୍କ ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସରକାରୀ ଉଦାସୀନତା ବରୋଧରେ ଅଭିଯୋଗ ଆଣିଥିଲେ। ଶୁକ୍ରବାର ହିଞ୍ଜିଳି ମ୍ୟୁନିସିପାଲଟିର ବିଜେଡି ନେତା ଓ କର୍ମୀମାନେ ନବୀନ ନିବାସରେ ନବୀନଙ୍କୁ ଭେଟି ସମାନ ଅଭିଯୋଗ କରିଛନ୍ତି। ସରକାରୀ ଅବହେଳା ଯୋଗୁଁ ହିଞ୍ଜିଳି ମ୍ୟୁନିସିପାଲଟି ଅଞ୍ଚଳରେ ବିକାଶ କାମ ସ୍ଥାଣୁ ହୋଇ ଯାଇଥିବା ଓ ଆଇନ ଶୃଙ୍ଖଳା ଅଧୋଗତି ନେଇ ବିଜେଡି ନେତା ଓ କର୍ମୀମାନେ ନବୀନଙ୍କୁ ଅବଗତ କରାଇଛନ୍ତି।

ହିଞ୍ଜିଳି ଉପଖଣ୍ଡ ଡାକ୍ତରଖାନାରେ ଉନ୍ନତ ଭିତ୍ତିଭୂମି ଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଡାକ୍ତର ଓ ଷ୍ଟାଫ ଅଭାବ ଦେଖା ଦେଇଛି। ଫଳରେ ସେଠାରେ ଲୋକମାନେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି। ମ୍ୟୁନିସିପାଲିଟିରେ କର୍ମଚାରୀ ଅଭାବ ଓ ଅନ୍ୟାନ୍ୟ ସମସ୍ୟା ପ୍ରତି ସରକାର ସମ୍ପୂର୍ଣ୍ଣ ଉଦାସୀନ ରହିଛନ୍ତି। ଯୋଗ୍ୟ ବ୍ୟକ୍ତିଙ୍କ ରାସନ କାର୍ଡ ଓ ଭତ୍ତା ମନମୁଖୀ ଭାବରେ କାଟି ଦିଆଯାଉଛି। ଅଭିଯୁକ୍ତ ନିର୍ଭୟରେ ବୁଲୁଥିବା ବେଳେ ଅଭିଯୋଗ କରୁଥିବା ଲୋକ ନାମରେ କେସ୍ କରାଯାଉଛି। ଦଳୀୟ ମନୋଭାବ ନେଇ ପୁଲିସ ପ୍ରଶାସନର କାମ ଯୋଗୁଁ ସାଧାରଣ ଲୋକ ଥାନାକୁ ଯିବାକୁ ଭୟ କରୁଛନ୍ତି। ଏଭଳି ଅନେକ ଅଭିଯୋଗ ସମ୍ପର୍କରେ ବିଜେଡି ନେତା କର୍ମୀମାନେ ନବୀନ ପଟ୍ଟନାୟକଙ୍କୁ ଅବଗତ କରିବା ସହ ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି। ଶ୍ରୀ ପଟ୍ଟନାୟକ ଏ ସବୁ ଅଭିଯୋଗ ବିଷୟରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ ଏବଂ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିକାଶ ଓ ଲୋକଙ୍କ ଅଭାବ ଅସୁବିଧା ଦୂର କରିବା ଦିଗରେ କାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ହିଞ୍ଜିଳି ମ୍ୟୁନିସିପାଲିଟିର ଅଧ୍ୟକ୍ଷ ସୁବାସ ପଲେଇ, ରୋଗୀକଲ୍ୟାଣ ସମିତି ସଭାପତି ନୀଳମଣି ପଟ୍ଟନାୟକ, ହୃଦାନନ୍ଦ ମହାପାତ୍ର, ମନୋଜ ପଲେଇ, ଶୋଭା ମହାରଣା ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମହାରଣା ବିରୋଧୀ ଦଳ ନେତାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିଲେ।

### ହାଇଦରାବାଦରେ ଓଡ଼ିଶା ନିବେଶକ ସମ୍ମିଳନୀ

# ଓଡ଼ିଶା ହେବ ଭାରତର ଅଭିବୃଦ୍ଧି ଇଞ୍ଜିନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯ ।୧୨(ସମିସ): ଓଡ଼ିଶା ଭାରତର ଅଭିବୃଦ୍ଧି ଇଞ୍ଜିନ ହେବାକୁ ଯାଉଛି। ଦୀର୍ଘକାଳୀନ ଭାଗୀଦାରି ପାଇଁ 'ଓଡ଼ିଶା ନିବେଶକ ସମ୍ମିଳନୀ' ଏକ ବୃହତ୍ ମଞ୍ଚ ହୋଇଛି। ଏହା ରାଜ୍ୟରେ ପୁଞ୍ଜିନିବେଶର ଉଦ୍ଦେଶ୍ୟକୁ ବାସ୍ତବରେ ପରିଣତ କରିବ। ହାଇଦରାବାଦରେ ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।




**ଶିଳ୍ପ ସଂସ୍ଥାରୁ ଯୋଗଦେଲେ ୫୦୦ରୁ ଅଧିକ ପ୍ରତିନିଧି**

ଶିଳ୍ପପତିମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ସ୍ଥିର ନୀତି, ପ୍ରତିଯୋଗିତାମୂଳକ ବ୍ୟବସ୍ଥା ଏବଂ ପ୍ରଶାସନିକ ସହଯୋଗିତା ଜରିଆରେ ଓଡ଼ିଶା ନିଜକୁ ଭବିଷ୍ୟତ ପାଇଁ ଏକ ବଡ଼ ନିବେଶ ଲକ୍ଷ୍ୟସ୍ଥଳ ଭାବେ ପ୍ରତିଷ୍ଠିତ କରୁଛି। ଉଦ୍ୟୋଗ ଜଗତର ଅଗ୍ରଣୀ ସଂସ୍ଥାମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ଓ ଓଡ଼ିଶାର ବିବିଧ ଶିଳ୍ପ ଉପଯୋଗୀ ପରିବେଶକୁ ପ୍ରଦର୍ଶିତ କରିବା ସହ ନିବେଶ କ୍ଷେତ୍ରରେ ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ନିବେଶକ ସମ୍ମିଳନୀର ଆୟୋଜନ କରାଯାଇଛି। ରାଜ୍ୟର ବ୍ୟାପକ ଉପକୂଳ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପ କରିଡର୍‌ର ସମ୍ପ୍ରସାରଣ ଏବଂ ବହୁମୁଖୀ ସଂଯୋଗ, ଘରୋଇ ଏବଂ ବିଶ୍ୱ ବଜାର ପାଇଁ ଓଡ଼ିଶାକୁ ଏକ ପ୍ରାକୃତିକ ପ୍ରବେଶ ଦ୍ୱାର ଭାବେ ଅବସ୍ଥାପିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଓଡ଼ିଶା ନିବେଶକ ସମ୍ମିଳନୀରେ ଶିଳ୍ପ ଜଗତର ଅଗ୍ରଣୀ, ବ୍ୟବସାୟିକ ସଂସ୍ଥା ଏବଂ ଅଗ୍ରଣୀ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୧୩ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏଥିରେ ମୋଟ ୨୭,୬୫୦ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଛି ଏବଂ ୧୫,୯୦୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାର କହିଛନ୍ତି। ଏହାବ୍ୟତୀତ ୩୯,୧୩୧କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଅଭିଳାଷ (ଇଟେଣ୍ଟ) ଗ୍ରହଣ କରାଯାଇଛି। ଯେଉଁଥିରେ ୪୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

କାର୍ଯ୍ୟକ୍ରମରେ ଫାର୍ମାସ୍ୟୁଟିକାଲ୍ସ, ଚିକିତ୍ସା ଉପକରଣ, ସବୁଜ ଶକ୍ତି ଉପକରଣ, ବୟନଶିଳ୍ପ ଏବଂ ବୈଷୟିକ ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ, ଆଇଟି ଏବଂ ଡାଟା ସେଣ୍ଟର, ଉନ୍ନତ ଉତ୍ପାଦନ ଏବଂ ଆନୁସଙ୍ଗିକ ଶିଳ୍ପ ସମେତ ପ୍ରମୁଖ କ୍ଷେତ୍ରରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ।

# ନୂଆ ବର୍ଷ ଯାଏଁ କମିବନି ଶୀତ

ଭୁବନେଶ୍ୱର,୧୯ ।୧୨(ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତର ପ୍ରଭାବ ଲାଗି ରହିଛି। ଏହି ସ୍ଥିତି ଅତି କମ୍‌ରେ ନୂଆ ବର୍ଷ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ। ମଝିରେ ମଝିରେ କିଛି ସ୍ଥାନରେ ୧ରୁ୨ ଡିଗ୍ରୀ ତାପମାତ୍ରା କମ୍ ବେଶୀ ହେଲେ ମଧ୍ୟ ଶୀତର ପ୍ରଭାବ ଜାରି ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସେମିଳିଗୁଡ଼ାଠାରେ ତାପମାତ୍ରା ୪.୫ ଡିଗ୍ରୀକୁ ଖସିଛି। ଏହା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଥିବା ବେଳେ ଦାରିଙ୍ଗବାଡ଼ିରେ ତାପମାତ୍ରା ୭ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଝାରସୁଗୁଡ଼ାରେ ୮.୨, ଅନୁଗୁଳ ଓ ନବରଙ୍ଗପୁରରେ ୯ ଡିଗ୍ରୀ ସହ ରାଉରକେଲାରେ ତାପମାତ୍ରା ୯.୬ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଚାଲୁ ରହିଥିବା ଥଣ୍ଡା ଅତି କମ୍‌ରେ ନୂଆ ବର୍ଷ ପର୍ଯ୍ୟନ୍ତ ଜାରି ରହିବ। ଡିସେମ୍ବର ୩୧ ରାତିରେ ଭୁବନେଶ୍ୱର ତାପମାତ୍ରା ୧୨-୧୩ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ତେବେ ଡିସେମ୍ବର ୨୫ ବା ବଡ଼ ଦିନରେ ତାପମାତ୍ରା ପ୍ରାୟ ୧୫ ଡିଗ୍ରୀ ରହିପାରେ। ସାରା ରାଜ୍ୟରେ ବର୍ତ୍ତମାନ ସର୍ବନିମ୍ନ ତାପମାତ୍ରା ଊଣା ଅଧିକେ ଚାଲୁ ରହିବ। ମଝିରେ ମଝିରେ ୧-୨ ଡିଗ୍ରୀ ବଢ଼ିବ ବା କମିବ। ଶିଶିରପାତ ଜାରି ରହିବ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଝି ମଝିରେ ପତଳା କୁହୁଡ଼ି ହୋଇପାରେ। କିନ୍ତୁ ଘନ କୁହୁଡ଼ି ହେବାର ସମ୍ଭାବନା କମ୍ ରହିଛି। ଏହାସହିତ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ପାଣିପାଗ କେନ୍ଦ୍ର କହିଛି, ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାସହ କଳାହାଣ୍ଡି, କନ୍ଧମାଳ, କୋରାପୁଟରେ ମଧ୍ୟ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

### ବିଧାୟକଙ୍କ ବର୍ଦ୍ଧିତ ଦରମା ପ୍ରସଙ୍ଗ

# ପୁନଃବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଜେଡିର ଅନୁରୋଧ

ଭୁବନେଶ୍ୱର,୧୯ ।୧୨(ସମିସ): ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ପୂର୍ବରୁ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ବୋଲି କହିଥିଲେ। ଏହି ଅର୍ଥକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ନବୀନ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଜେଡି ପକ୍ଷରୁ ଏହି ବର୍ଦ୍ଧିତ ଦରମା ପ୍ରସଙ୍ଗରେ ପୁନଃର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବିଧାୟକ ତଥା ବିରୋଧୀ ଦଳର ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକ ମାନଙ୍କ ପେନସନ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇ ଏହା ଡିସେମ୍ବର ୯ ତାରିଖରେ ସର୍ବସମ୍ମତି କ୍ରମେ ପାସ ହୋଇଥିଲା। ଏହି ବର୍ଦ୍ଧିତ ଦରମା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ଓ ଏହାକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୂର୍ବରୁ ଚିଠି ଲେଖି ଜଣାଇଛନ୍ତି। ଏହି ବର୍ଦ୍ଧିତ ଦରମାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ତରଫରୁ ଏହାକୁ ପୁନଃର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଛୁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ସେହିପରି ପ୍ରତାପ ଦେବ କହିଛନ୍ତି ଯେ ଜନସାଧାରଣଙ୍କ ମଧ୍ୟରେ ଦେଖା ଯାଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହାର ପୁନଃର୍ବିଚାର କରିବେ ଓ ଉପଯୁକ୍ତ ନିଷ୍ପତ୍ତି ନେବେ ବୋଲି ଆମେ ଆଶା କରୁଛୁ।




**ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ବୋଲି କହିଥିଲେ ନବୀନ**

**ନବୀନଙ୍କ ନିର୍ଦ୍ଦେଶକ୍ରମେ ପୁନଃବିଚାର ପାଇଁ ଦଳର ନିବେଦନ**

## ସରକାରଙ୍କୁ ଭକ୍ତଙ୍କ କଟାକ୍ଷ

ଭୁବନେଶ୍ୱର,୧୯ ।୧୨(ସମିସ): ବିଜେପି ସରକାରରେ ବିଧାୟକଙ୍କ ଦରମା ବୃଦ୍ଧି ଓ ଏବେ ପୁନର୍ବିଚାର ପ୍ରସଙ୍ଗକୁ କଟାକ୍ଷ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି ଯେ ବିଜେପି ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ଦରମା ବୃଦ୍ଧି ନିଷ୍ପତ୍ତିର ପୁନର୍ବିଚାର ହେବ ବୋଲି କୁହାଯାଉଛି। ତେବେ ହାଇକମାଣ୍ଡ ଦରମା ବଢ଼ାଇବା ପାଇଁ ପୂର୍ବରୁ କାହିଁକି ଅନୁମତି ଦେଉଥିଲେ? ଓଡ଼ିଶା ସରକାରଙ୍କର କ'ଣ ସାହସ ଅଛି ଯେ, ସେମାନେ ବିନା ଅନୁମତିରେ ଦରମା ବଢ଼ାଇଦେବେ? ଦରମା ବଢ଼ାଇବା ପାଇଁ ବିଧାୟକମାନେ ତ ଆନ୍ଦୋଳନ କରୁ ନ ଥିଲେ। ଯଦି ବଢ଼ିଲା ତେବେ ଏତେ କାହିଁକି ବଢ଼ିଲା ? ଏ ସବୁ କେବଳ ରାଜନୈତିକ ପ୍ରହସନ। ନିଜେ ଦରମା ବଢ଼େଇ ନିଜେ ଭଲଲୋକିଆ ଦେଖେଇ ହେଉଛନ୍ତି। ଏହା କେବଳ ଜନସାଧାରଣଙ୍କୁ ଧୂଆଁବାଣ ଦେଖାଯାଉଛି। ଆବଶ୍ୟକତା ଅନୁଯାୟୀ ଦରମା ବଢ଼ାଯାଇପାରିବ। ହେଲେ ଏତେ ବେଶୀ ବା ୩ ଗୁଣା ଦରମା ବଢ଼ାଇଲେ ଜନସାଧାରଣ ଗ୍ରହଣ କରିବେ ନାହିଁ। ବର୍ତ୍ତମାନ ଛୋଟ କର୍ମଚାରୀଙ୍କୁ ଦରମା ମିଳି ପାରୁ ନାହିଁ। ସରକାର ନୂଆ ଚାକିରୀ ସୃଷ୍ଟି କରିପାରୁ ନାହାନ୍ତି। ପେନସନ ଦେଇ ପାରିବେ ନାହିଁ। ଏପରି ସ୍ଥଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବଳି ପକାଇ ଦିଆଯାଉଛି ବୋଲି ଭକ୍ତ କହିଛନ୍ତି।

### ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା

# ମହିଳା କନଷ୍ଟେବଲଙ୍କ ସାକ୍ଷ୍ୟ ଗ୍ରହଣ

ବ୍ରହ୍ମପୁର,୧୯ ।୧୨(ସମିସ): ବହୁଚର୍ଚ୍ଚିତ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲାର ଶୁଣାଣି ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ୍-ଦ୍ୱିତୀୟଙ୍କ ଅଦାଲତରେ ଚାଲୁ ରହିଛି। ପୂର୍ବରୁ ୫ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇସାରିଛି। ସେହି କ୍ରମରେ ଶୁକ୍ରବାର ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଛି। ସିଜର ଲିଷ୍ଟରେ ସାକ୍ଷୀ ରହିଥିବା ଜଣେ ମହିଳା କନଷ୍ଟେବଲ ଆଜି କୋର୍ଟରେ ଉପସ୍ଥିତ ରହି ବୟାନ ରଖିଥିବା ବେଳେ ଅଦାଲତ ପକ୍ଷରୁ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଆଜି ଅନ୍ୟ ଜଣେ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲେ ହେଁ ପ୍ରତିପକ୍ଷଙ୍କ ଓକିଲ ସମୟ ମାଗିବାରୁ ତାହା ସମ୍ଭବପର ହୋଇନଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରୀ ୧୬ ଓ ୧୭ ତାରିଖରେ କରିବାକୁ ବିଚାରପତି ଆୟୁଷ୍ମାନ ମହନ୍ତ ଦିନ ଧାର୍ଯ୍ୟ କରିଥିବା ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ରଙ୍କଠାରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ବ୍ରହ୍ମପୁରରେ ରହି ଯୁକ୍ତ୩ ପଢୁଥିବା କନ୍ଧମାଳ ଜିଲ୍ଲାର ଜଣେ ଛାତ୍ରୀ ନିଜ ପୁରୁଷ ବନ୍ଧୁଙ୍କ ସହ ଜୁନ୍ ୧୫ରେ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିବା ବେଳେ ସେଠାରେ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ଏହି ମାମଲାରେ ଗୋପାଳପୁର ପୁଲିସ ୪ଜଣ ନାବାଳକଙ୍କ ସମେତ ମୋଟ ୧୦ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଜୁନ ୧୭ତାରିଖରେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ ଭାର ନେଇଥିଲା। ୪୪ ଦିନର ତଦନ୍ତ ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ ଅଦାଲତରେ ୫୭୪ ପୃଷ୍ଠାର ଚାର୍ଜସିଟ ଦାଖଲ କରାଯାଇଥିଲା। ସେଥିରେ ୫ଜଣ ସାବାଳକ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଅନ୍ୟତମ ସାବାଳକ ଅଭିଯୁକ୍ତ ଓମ ପ୍ରଧାନଙ୍କୁ ଚାର୍ଜସିଟ୍‌ରୁ ବାଦ୍ ଦିଆଯାଇଥିଲା। ପରେ ଓମ୍‌ଙ୍କ ପକ୍ଷରୁ ତାଙ୍କ ଓକିଲ ଓମଙ୍କୁ ମାମଲାରୁ ଡିସ୍‌ଚାର୍ଜ କରିବାକୁ ତଳ କୋର୍ଟ ଓ ଜିଲ୍ଲା କୋର୍ଟରେ ପିଟିସନ ଦାଖଲ କରିଥିଲେ। ଏଠାରେ ପିଟିସନ ଖାରଜ ହେବା ପରେ ହାଇକୋର୍ଟରେ ଅପିଲ କରାଯାଇଥିବା ଜଣାପଡ଼ିଛି। ଏପଟେ ମାମଲାର ଗୁରୁତ୍ୱ ଦୃଷ୍ଟିରୁ ୪ଜଣ ନାବାଳକଙ୍କ ମଧ୍ୟରୁ ୩ଜଣଙ୍କୁ ସାବାଳକ ଭାବେ ବିଚାରଣା କରି ଅଦାଲତରେ ବିଚାରଣା ଚାଲୁ ରଖିବାକୁ ପୁଲିସ ପକ୍ଷରୁ ଅଦାଲତରେ ପିଟିସନ ଦାଖଲ କରାଯାଇଥିବା ବେଳେ ଅଦାଲତ ତାହାକୁ ଗ୍ରହଣ କରିଥିଲେ।

### ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# ୭ ଅଭିଯୁକ୍ତଙ୍କ ଜାମିନ ଶୁଣାଣି ଜାନୁଆରି ୭ରେ

କଟକ,୧୯ ।୧୨(ସମିସ): ଓଡ଼ିଶା ପୁଲିସ ଏସଆଇ ପରୀକ୍ଷା କେଳେଙ୍କାରୀ ଘଟଣାରେ ଗିରଫ ହୋଇଥିବା ୭ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ହାଇକୋର୍ଟରେ ଆଜି ହୋଇଛି। ଏହି ମାମଲାର ତଦନ୍ତ ଏବେ ସିବିଆଇ କରୁଥିବା ବେଳେ ତଦନ୍ତ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିବାକୁ ସିବିଆଇକୁ କହିଛନ୍ତି ହାଇକୋର୍ଟ। ମୁନା ମହାନ୍ତି, ସାଗର କୁମାର ଗୌଡ଼, ପ୍ରିୟଦର୍ଶିନୀ ସାମଲ, ଟି. ଅଭିମନ୍ୟୁ ଦୋରା, ଶ୍ରୀକାନ୍ତ ମହାରଣା, ଲୋକନାଥ ସାହୁ, ତଫିନ ଅହମଦ ଖାଁଙ୍କ ଜାମିନ ଆବେଦନଗୁଡ଼ିକର ଏକତ୍ର ଶୁଣାଣି ପାଇଁ ଆସନ୍ତା ୨୦୨୬ ଜାନୁଆରି ୭କୁ ଧାର୍ଯ୍ୟ କରାଯାଇଛି।

**ଜାମିନ ପାଇଁ ହାଇକୋର୍ଟରେ ସିଲିକନ ମୁଖ୍ୟ**

ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଉପରୋକ୍ତ ଅଭିଯୁକ୍ତମାନଙ୍କ ନିୟମିତ ଜାମିନ ଆବେଦନଗୁଡ଼ିକର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଆଜି ସିଲିକନ୍ ଟେକ୍ ଲ୍ୟାବ୍ ପ୍ରାଇଭେଟ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ନାୟକ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ରହ୍ମପୁର ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ନାୟକଙ୍କ ଜାମିନ ଖାରଜ କରିଥିଲେ। ଏହାକୁ ଚାଲେଞ୍ଜ କରି ସେ ଓ ଅନ୍ୟ ଅଭିଯୁକ୍ତମାନେ ପୃଥକ ଜାମିନ ଆବେଦନ ହାଇକୋର୍ଟରେ ଦାୟର କରିଛନ୍ତି। ଶ୍ରୀ ନାୟକଙ୍କ ତରଫରୁ ଆଇନଜୀବୀ ବିଭୂତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରୁଛନ୍ତି।

### ରିଲ୍‌ସ ନିଶାରେ ବାୟା ଶିକ୍ଷୟିତ୍ରୀ

# ସ୍କୁଲରେ ପାଠପଢ଼ା କମ୍; ରିଲ୍ସ ବେଶି

ଭୁବନେଶ୍ୱର, ୧୯ ।୧୨(ସମିସ): ଶିକ୍ଷୟିତ୍ରୀଙ୍କୁ ଘାରିଛି ରିଲ୍‌ସ ନିଶା। ବିଦ୍ୟାଳୟରେ ଭିଡିଓ କରୁଛନ୍ତି; ସୋସିଆଲ୍ ମିଡିଆରେ ଛାଡୁଛନ୍ତି। ଏପରିକି ଛାତ୍ରଛାତ୍ରୀଙ୍କୁ ଭିଡିଓରେ ବ୍ୟବହାର କରିବାକୁ ପଛାଉ ନାହାନ୍ତି। ପାଠପଢ଼ା ସମୟରେ ମଧ୍ୟ ରିଲ୍‌ସ ନିଶା ଉତୁରୁନାହିଁ। ଗୋଟିଏପଟେ ପାଠପଢ଼ା ଚାଲୁଛି; ଅନ୍ୟପଟେ ଶିକ୍ଷୟତ୍ରୀଙ୍କ ମୋବାଇଲ୍ ଧରି ଛାତ୍ରଛାତ୍ରୀମାନେ ଭିଡିଓ କରୁଛନ୍ତି। ଏହାକୁ ଏଡିଟିଂ କରିବା ପରେ ଶିକ୍ଷୟିତ୍ରୀମାନେ ସାମାଜିକ ଗଣମାଧ୍ୟମରେ ଛାଡୁଛନ୍ତି।

ସମୟ ସହ ଶିକ୍ଷାଦାନ ଶୈଳୀରେ ପରିବର୍ତ୍ତନ ହୋଇଛି। ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଶିକ୍ଷାଦାନ କରିବାକୁ ଗୁରୁତ୍ୱାରୋପ କରାଯାଉଛି। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ସମୟରେ ଏନେଇ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ମାତ୍ର ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ପିଲାଙ୍କୁ ପାଠ ପଢ଼ାଇବାରେ ସେମାନେ ଯେତେ ମନୋନିବେଶ କରୁ ନାହାନ୍ତି, ତାଠାରୁ ରିଲ୍‌ସ କରିବାକୁ ଅଧିକ ତତ୍ପର ରହୁଛନ୍ତି।

ଶିକ୍ଷକଙ୍କଠାରୁ ଏହି କ୍ଷେତ୍ରରେ ଶିକ୍ଷୟିତ୍ରୀମାନେ ବହୁ ଆଗରେ। ଇନ୍‌ଷ୍ଟାଗ୍ରାମ୍ ଖୋଲିବା ମାତ୍ରେ ଶ୍ରେଣୀଗୃହରେ ଶିକ୍ଷୟତ୍ରୀମାନେ ପିଲାଙ୍କ ସହ ଭିଡିଓ କରୁଥିବାର ଅନେକ ଭିଡିଓ ଆସୁଛି। ଶିକ୍ଷୟିତ୍ରୀ ସ୍ମାର୍ଟ ବୋର୍ଡରେ ପଢ଼ାଇବା ବେଳର ଭିଡିଓ ଆସୁଥିବାରୁ ସେହି ସମୟରେ କୌଣସି ପିଲା ଏହାକୁ ମୋବାଇଲ୍‌ରେ ରେକର୍ଡିଂ କରୁଥିବା ଏକପ୍ରକାର ସ୍ପଷ୍ଟ ଜଣାପଡୁଛି। ସେହିପରି ଅନେକ ଶିକ୍ଷୟିତ୍ରୀ ଗୀତ ଗାଇଲା ବେଳେ ପିଲାମାନେ ବାଦ୍ୟ ବଜାଉଛନ୍ତି। ଆଉ କିଛି ସୀମା ସରହଦ ଅତିକ୍ରମ କରି ଦ୍ୱିଅର୍ଥବୋଧକ ଗୀତ ବା କଣ୍ଟେଣ୍ଟରେ ଭିଡିଓ ପ୍ରସ୍ତୁତ କରୁଛନ୍ତି।

ଅନେକ ସମୟରେ ଏହାକୁ ନେଇ ବିବାଦ ମଧ୍ୟ ଦେଖାଦେଉଛି। ବହୁ ଅଭିଭାବକ ଶିକ୍ଷୟିତ୍ରୀଙ୍କୁ ତାଗିଦ କରୁଛନ୍ତି। ସେମାନଙ୍କ ପିଲାଙ୍କୁ ପାଠ ନ ପଢ଼ାଇଲେ ନାହିଁ, ବିପଥଗାମୀ ନ କରିବାକୁ ରୋକଠୋକ୍ କହୁଛନ୍ତି। ଅପରପକ୍ଷେ ଘରୋଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତୁଳନାରେ ସରକାରୀ ବିଦ୍ୟାଳୟ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ପରିସରରେ ବା ଶ୍ରେଣୀଗୃହରେ ଅଧିକ ମାତ୍ରାରେ ରିଲ୍‌ସ କରୁଥିବା ମଧ୍ୟ ଦେଖାଦେଉଛି।

ନିକଟରେ ଭଦ୍ରକ ଜିଲ୍ଲାରେ ଜଣେ ଶିକ୍ଷୟିତ୍ରୀଙ୍କ ଏତାଦୃଶ ରିଲ୍ସ ପାଇଁ ବିବାଦ ହୋଇଥିଲା। ଅଭିଭାବକମାନେ ଶିକ୍ଷୟିତ୍ରୀଙ୍କୁ ଘେରିବା ସହ ତାଙ୍କ ବଦଳି ଦାବିରେ ବିଦ୍ୟାଳୟ ବନ୍ଦ କରିଥିଲେ। ପରେ ତାଙ୍କୁ ବଦଳି କରାଯାଇଥିଲା। ମାତ୍ର ସେଠାରେ ମଧ୍ୟ ଅଭିଭାବକମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବିରୋଧ କରିବା ସହ ବିଦ୍ୟାଳୟରେ ଯୋଗଦେବାକୁ ବିରୋଧ କରିଥିଲେ। କ୍ରମାଗତ ଭାବେ ବିଦ୍ୟାଳୟରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ରିଲ୍‌ସ ସଂଖ୍ୟା ଆଶାତୀତ ଭାବେ ବଢୁଥିବା ବେଳେ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଅଭିଭାବକଙ୍କ ମତରେ ପିଲାମାନଙ୍କ ସାଂସ୍କୃତିକ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ଏସବୁ କିଛି ମାତ୍ରାରେ ସହାୟକ ହୋଇପାରେ। ମାତ୍ର ଶିକ୍ଷୟିତ୍ରୀମାନେ ପିଲାଙ୍କୁ ବ୍ୟବହାର କରି ଭିଡିଓ କରିବା, ପିଲାଙ୍କ ସହ ରିଲ୍‌ସ କରିବା, ପିଲାଙ୍କ ଅଜ୍ଞତାକୁ ବା କୌତୂହଳପୂର୍ଣ୍ଣ ଉତ୍ତରକୁ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ପରି ଏକାଧିକ କାର୍ଯ୍ୟକଳାପ କରୁଛନ୍ତି। ଯାହା ଛାତ୍ରଛାତ୍ରୀଙ୍କୁ ମାନସିକ ଭାବେ ଚାପଗ୍ରସ୍ତ କରୁଛି। ଏଣୁ ଏପରି କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ସେହିପରି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧ୍ୟ ଏହାକୁ ଦୃଷ୍ଟିରେ ରଖି ଏକ କଠୋର୍ ମାର୍ଗଦର୍ଶିକା ପ୍ରଣୟନ କରିବା ଆବଶ୍ୟକ ରହିଥିବା ବହୁ ଅଭିଭାବକ ମତବ୍ୟକ୍ତ କରିଛନ୍ତି।


# ହାତୀ ପାଇଁ ଦୁଇ ପଞ୍ଚାୟତର ୧୦ ସ୍କୁଲରେ ତାଲା

ଖଇରା, ୧୯ ।୧୨(ସମିସ): ହାତୀ ପାଇଁ ଦୁଇ ପଞ୍ଚାୟତର ୧୦ ସ୍କୁଲ ବନ୍ଦ। ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ମହତୀପୁର ଓ ସୁଣ୍ଡିରା ପଞ୍ଚାୟତରେ ଏକ ଦନ୍ତା ହାତୀର ଉପଦ୍ରବ ପାଇଁ ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦନ୍ତାଟି ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ କଚାଡ଼ି ମାରିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଏତେ ସବୁ ପରେ ବି ବନ ବିଭାଗ ହାତୀଟିକୁ ଜଙ୍ଗଲକୁ ଘଉଡ଼ାଇ ପାରିନାହିଁ। ଫଳରେ ହାତୀଟି ଅଧିକରୁ ଅଧିକ ହିଂସ୍ର ହୋଇଉଠିବା ସହ ବ୍ୟାପକ କ୍ଷୟକ୍ଷତି କରିଚାଲିଛି। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଯୁବକ ହେଲେ, ସୁଣ୍ଡିରା ଗ୍ରାମର ସୁରେନ୍ଦ୍ର ଦାସ (୬୫)। ସେହି ଗ୍ରାମର ପୀତାମ୍ବର ମୁଖି ଏବଂ ପୂର୍ବପଡ଼ା ଗ୍ରାମର ଦିଲୀପ କୁମାର ଖଟୁଆ ଆହତ ହୋଇଛନ୍ତି। ପୀତାମ୍ବରଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ତହସିଲଦାର ଅମିତ ରଞ୍ଜନ ହୋତାଙ୍କ ଉପସ୍ଥିତିରେ ବନ ବିଭାଗ ତରଫରୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି।

ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟାରେ ୨ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଶାରିଶୁଆ ପାହାଡ଼ ସଂଲଗ୍ନ ବଗେଇପୁର ଜଙ୍ଗଲ ଦେଇ ପ୍ରବେଶ କରିଥିଲେ। ଗୋଟିଏ ହାତୀ ଫେରିଯାଇଥିବା ବେଳେ ଅନ୍ୟଟି କଳମଚୁଆରେ ପ୍ରବେଶ କରି ତାଣ୍ଡବ ରଚିଥିଲା। ଗ୍ରାମବାସୀ ତାକୁ ସେଠାରୁ ଘଉଡ଼ାଇ ଦେବାରୁ ହାତୀଟି ପଟ୍ଟାଗଡିଆ, କାଳିଆଗଡିଆ, ଶାଳଗଡିଆ କୁପାରୀରୁ କେନାଲ ରାସ୍ତା ଦେଇ ଖଇରାରେ ପ୍ରବେଶ କରିଥିଲା। ଆଜି ସକାଳେ ହାତୀଟି ନଟାପଡା, ଶାଳବଣି, ବଟେଶ୍ୱର ଦେଇ କଣ୍ଟାପଡ଼ା ଶାସନରେ ପହଞ୍ଚିଥିଲା। ସୋର-କୁପାରୀ ରାସ୍ତାରେ ପ୍ରବଳ ଜନଗହଳି ଯୋଗୁଁ ହାତୀଟି ଲୋକଙ୍କ ଉପରେ ପାଲଟା ଆକ୍ରମଣ କରିଥିଲା। ସୁଣ୍ଡିରା ଗ୍ରାମରେ ପାଟିତୁଣ୍ଡ ଶୁଣି ହାତୀ ଦେଖିବାକୁ ଆସୁଥିବା ବେଳେ ପଞ୍ଚାୟ କାର୍ଯ୍ୟାଳୟ ସମ୍ମୁଖରେ ହାତୀଟି ସୁରେନ୍ଦ୍ର ଦାସଙ୍କୁ କଂକ୍ରିଟ ରାସ୍ତା ଉପରେ କଚାଡ଼ି ଦେଇଥିଲା। ଅନ୍ୟ ୨ଜଣଙ୍କୁ ଆହତ କରିଥିଲା। ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ହାତୀର ଗତିବିଧିକୁ ଲକ୍ଷ୍ୟକରି ମହତୀପୁର ଓ ସୁଣ୍ଡିରା ପଞ୍ଚାୟତର ସମସ୍ତ ୧୦ଟି ବିଦ୍ୟାଳୟକୁ ବନ୍ଦ ଘୋଷଣା କରାଯାଇଥିଲା। ସୁଣ୍ଡିରାରେ ଉପଦ୍ରବ କରିବା ପରେ ହାତୀଟି ନୂଆସାହି, ଅଣ୍ଡାଇଲୋ ଗ୍ରାମ ଦେଇ ନନ୍ଦୁର ପଞ୍ଚାୟତର ଆମ୍ବବନ୍ଧ ବଣ ଭିତରେ ପଶି ଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରୁ ବାହାରି ନଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବନ ବିଭାଗ ହାତୀ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛି।

ସେପଟେ ଏଭଳି ଅଘଟଣ ପାଇଁ ଗ୍ରାମବାସୀ ବନବିଭାଗର ଅବହେଳା ଓ ଅପାରଗତାକୁ ଦାୟୀ କରିଛନ୍ତି। ଗ୍ରାମବାସୀମାନେ କୁପାରି ଫରେଷ୍ଟର୍ ନରେଶ ସିଂଙ୍କୁ ନିଲମ୍ବନ କରିବାକୁ ଦାବି କରିଛନ୍ତି। ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ, ସୋର ରେଞ୍ଜର ହରିହର ମାଝୀ ଏବଂ ଜଳେଶ୍ୱର ଫରେଷ୍ଟର ପ୍ରହ୍ଲାଦ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଖଇରା ପୁଲିସ ସହଯୋଗରେ ଗଠିତ ଟିମ୍ ହାତୀକୁ କୁଲଡିହା ଅଭୟାରଣ୍ୟକୁ ଫେରାଇବାକୁ ଉଦ୍ୟମ ଜାରି ରଖିଛି।



**ଜଣଙ୍କୁ କଚାଡ଼ି ମାରିଲା ଦନ୍ତା; ୨ ଆହତ**

**ବନ ବିଭାଗର ସବୁ ଚେଷ୍ଟା ବିଫଳ**

**ଜଙ୍ଗଲକୁ ଫେରୁନି ହାତୀ**

# ଅନୁଗୋଳ ମେଡିକାଲରେ ବିଭିନ୍ନ ଅସ୍ତ୍ରୋପଚାର କରାଯିବାକୁ ଦାବି



ଅନୁଗୋଳ,୧୯ ।୧୨(ସମିସ): ଅନୁଗୋଳ ମେଡିକାଲରେ ବିଭିନ୍ନ ଅସ୍ତ୍ରୋପଚାର କରାଯିବାକୁ ଶୁକ୍ରବାର ଅନୁଗୋଳ ଗସ୍ତରେ ଆସିଥିବା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଆୟୁକ୍ତ ତଥା ସଚିବ ଅସ୍ୱଥୀ ଏସ୍‌ଙ୍କୁ ଜିଲ୍ଲା ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଡାକ୍ତରଖାନାରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ଯୋଗୁଁ ସମାଧାନ ହୋଇପାରୁନାହିଁ । ଓଡ଼ିଶାର ମଧ୍ୟବର୍ତ୍ତୀ ଜିଲ୍ଲା ଭାବେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୬/୭ଟି ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳର ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି । ଏହାର ଗୁରୁତ୍ୱକୁ ବୁଝି ଏଠାରେ ଏକ ମେଡିକାଲ କଲେଜ ଖୋଲାଯାଇଛି । କିନ୍ତୁ ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲା ଦୁର୍ଘଟଣା ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଅନେକ ରୋଗୀ ଗୁରୁତର ଅବସ୍ଥାରେ ଏହି ଚିକିତ୍ସାଳୟକୁ ଆସୁଥିଲେ ମଧ୍ୟ ଏଠାରେ ଉତ୍ତମ ମାନର ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସ୍ୱେଚ୍ଛାସେବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଅନୁଗୋଳ ଡାକ୍ତରଖାନା ମେଡିକାଲ କଲେଜରେ ପରିଣତ ହୋଇସାରିଥିଲେ ମଧ୍ୟ ବର୍ତ୍ତମାନ ସୁଧା ଏକ ରେଫରାଲ ଡାକ୍ତରଖାନା ପାଲଟିଛି । ଅତି ସାଧାରଣରୁ ସାଧାରଣ ରୋଗୀଙ୍କୁ ମଧ୍ୟ ଏଠାରେ ଚିକିତ୍ସା ଯୋଗାଇଦେବା ପରିବର୍ତ୍ତେ କଟକ ଏସିବିକୁ ସ୍ଥାନାନ୍ତର କରାଯାଉଛି । ମେଡିକାଲ କଲେଜ ହେବା ପରେ ମଧ୍ୟ ଏଠାରେ ଶଲ୍ୟ ଅସ୍ତ୍ରୋପଚାର, ନାକ-କାନ-ଗଳ ଅସ୍ତ୍ରୋପଚାର ଏପରିକି ଦାନ୍ତ ଅସ୍ତ୍ରୋପଚାର ନିମନ୍ତେ ବ୍ୟବସ୍ଥା ହୋଇପାରିନାହିଁ । ଏହାସହ ଅନୁଗୋଳ ଜିଲ୍ଲାରେ ହୃଦରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପରୀକ୍ଷା ନିମନ୍ତେ ଇକୋ ମେସିନ୍ ଓ ଟ୍ରେଡମିଲ୍‌ର ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ସ୍ୱେଚ୍ଛାସେବୀମାନେ ପ୍ରକାଶ କରିଛନ୍ତି । ଏଣୁ ଏ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ କାର୍ଯ୍ୟକାରୀ କରାଯାଉ, ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦିଆଯାଇଛି । ସ୍ୱେଚ୍ଛାସେବୀମାନଙ୍କ ଏହି ପ୍ରତିନିଧି ଦଳରେ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ରୁକେଶ ରୋଶନ ଦାସ, ବିଶ୍ୱଜିତ୍ ବିଶ୍ୱାଳ, ଗୋପବନ୍ଧୁ ସାହୁ, ଆକାଶ ପ୍ରଧାନ, ସ୍ୱରୂପ କୁମାର ପାଢ଼ୀ ଓ ଲରେନଜିତ୍ ସାମଲ ପ୍ରମୁଖ ସାମିଲ ଥିଲେ ।

## ତାରିଣୀ ମନ୍ଦିରରୁ ମା'ଙ୍କ ଗହଣା ଚୋରି; ୩ ଗିରଫ

କଣିହାଁ,୧୯ ।୧୨(ସମିସ): କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ବଜାରସ୍ଥିତ ମା' ତାରିଣୀଙ୍କ ମନ୍ଦିରରୁ ବୁଧବାର ଅପରାହ୍ନରେ ଗହଣା ଚୋରି ହୋଇଛି । ସିସିଟିଭି ଫୁଟେଜରେ ଦେଖାଯାଉଥିବା ଦୃଶ୍ୟରେ ଦୁଇ ଚୋର ବାହାରେ ଜଗିଥିବା ବେଳେ ଜଣେ ମନ୍ଦିର ମଧ୍ୟରେ ପ୍ରବେଶ କରି ମା'ଙ୍କୁ ଜୁହାର କରି ଗହଣା ଖୋଲି ନେଇ ବାହାରିଥିଲା । ସନ୍ଧ୍ୟାରେ ଗହଣା ଚୋରି ହୋଇଥିବା ଜଣାପଡ଼ିବା ପରେ ସିସିଟିଭି ଦେଖିବା ସହ ମନ୍ଦିର କମିଟି



ସମ୍ପାଦକ ସୁବାସ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ତଦନ୍ତ କରି ଶୁକ୍ରବାର ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସ୍ଥାନୀୟ ବିକିସର ଗ୍ରାମର ରାଜୁ ସିରିକା, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳର ସୁନୀଲ କୁମାର ମୁଣ୍ଡା ଓ ରିଆମାଳ ଥାନା ଟିଙ୍କିବିରର ଅଜୟ ଦଳବେହେରା ।

## ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ

କିଶୋରନଗର,୧୯ ।୧୨(ସମିସ): ପାଲଲହଡ଼ା ବ୍ଲକ ନାଗିରା ପଞ୍ଚାୟତରେ ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଛି । ଅତିଥି ଭାବେ ସରପଞ୍ଚ ପିତନ ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ନାୟକ, ବିଶ୍ୱ ଯୁବକେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ ଓ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସମ୍ମାନିତ ବ୍ୟକ୍ତି ଭାବେ ଯୋଗଦେଇଥିଲେ । ବିଶ୍ୱ ଯୁବକେନ୍ଦ୍ରର ପ୍ରକଳ୍ପ ସହାୟକ ପୂର୍ଣ୍ଣଚନ୍ଦ୍ର କିସାନ ଓ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଧନମନ ଯୋଜନା, ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଦିଆଯାଉଥିବା ଋଣ ବ୍ୟବସ୍ଥା, ଆନ୍ତଃ ଜାତି ଶିଶୁମାନଙ୍କ ପାଇଁ ସ୍କଲାରସିପ, ରାସନ କାର୍ଡ, ବାଲ୍ୟବିବାହ, ଶିଶୁ ଚାଲାଣ ବିଷୟରେ ହିତାଧିକାରୀଙ୍କୁ ଅବଗତ କରାଯାଇଥିଲା । ପଞ୍ଚାୟତର ଅଙ୍ଗନବାଡ଼ି କର୍ମୀ, ୱାର୍ଡସଭ୍ୟଙ୍କ ସମେତ ପ୍ରାୟ ୬୦ ସଦସ୍ୟ ବୈଠକରେ ଯୋଗଦେଇଥିଲେ । ଏଥିସହ



ଜମରଡିହି ପଞ୍ଚାୟତ ବନ୍ଧାଭୂଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଶ୍ୱ ଯୁବକେନ୍ଦ୍ରର କର୍ମକର୍ତ୍ତାମାନେ ଯୋଗଦେଇ ଛାତ୍ରୀମାନଙ୍କୁ ବାଲ୍ୟବିବାହ, ଯୌନ ଶୋଷଣ ଓ ଶିଶୁ ଚାଲାଣ ସମ୍ବନ୍ଧରେ ସଚେତନ କରିବା ସହ ଶପଥ କରାଇଥିଲେ ।

**ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସର ବିଜୟ**

## ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ବିଜେପି ବିରୋଧରେ ବିକ୍ଷୋଭ

ଅନୁଗୋଳ,୧୯ ।୧୨(ସମିସ): ନ୍ୟାସନାଲ ହେରାଲ୍ଡ ମିଛ ମାମଲାରେ ବିଜେପିର ସମସ୍ତ ଉଦ୍ୟମକୁ ଅଦାଲତ ପଣ୍ଡ କରି କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଚାଲିଥିବା ଦୀର୍ଘ ୧୨ବର୍ଷର ମାମଲାକୁ ରଦ୍ଦ କରିଛନ୍ତି । ଏହାକୁ କଂଗ୍ରେସର ନୈତିକ ବିଜୟ ଭାବେ ପାଳନ କରାଯାଇଛି । ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ ଭବନଠାରୁ ବାହାରି ଅନୁଗୋଳ ବଜାର ପରିକ୍ରମା କରି ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କୁଚକ୍ରୀ ବିଜେପି ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ବିଜେପି ବିରୋଧୀମାନଙ୍କ କଣ୍ଠରୋଧ କରିବା ପାଇଁ ସିବିଆଇ, ଆଇଟି ଓ ଇଡିକୁ ବ୍ୟବହାର କରି ମିଛ ମାମଲା



କରୁଥିବା ଏହି ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ନେତାମାନେ କହିଥିଲେ । ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କୃଷକ ସେଲ ଉପାଧ୍ୟକ୍ଷ ଉମେଶ ସାହୁ, ପିସିସି ପ୍ୟାନେଲିଷ୍ଟ ରୂପାଦୀପ୍ତା ମହାପାତ୍ର, ରାଜ୍ୟ ଏସଟି ସେଲ ସାଧାରଣ ସମ୍ପାଦକ ତପନ ପ୍ରଧାନ, ରାଜ୍ୟ କୃଷକ ସେଲ ସଂଯୋଜକ ଦାଶରଥି ସାହୁ, ଫକୀର ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ବଳବୀର ସିଂହ, ରାଜକିଶୋର ସାହୁ, ସହଦେବ ବେହେରା, ଗୋବିନ୍ଦ ନାଏକ, ସୁଦୀପ ମିଶ୍ର, ବିନୋଦ ମାଝି, ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ବେହେରା, ସଞ୍ଜୀବ ମାଣ୍ଡୋଠିଆ, ବାସୁଦେବ ସାମଲ, ଭଜମନ ଦାସ, ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଲୁଲୁ ପାଣିଗ୍ରାହୀ, ହେମନ୍ତ ମହାଳିକ, ଅଲେଖ ବେହେରା, ନଗର ସଭାନେତ୍ରୀ କସିଦା ଖାନ, ସ୍ୱାଗତିକା ସାହୁ, ସୁବାସ ସାହୁ, ରଶ୍ମିରଞ୍ଜନ ସାହୁ, ଦୁର୍ଗାଚରଣ ଶତପଥୀ, ସଂଗ୍ରାମ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ ।

## ସାଇବର ଠକଙ୍କୁ ସିମ୍ କାର୍ଡ ବିକି ୨ ଗିରଫ

● ୧୪୮୨ ସିମ୍, ୫୭ ହଜାର ୫୦୦ ଟଙ୍କା ଜବତ

ଅନୁଗୋଳ,୧୯ ।୧୨(ସମିସ): ସାଇବର ଠକଙ୍କୁ ଅଧିକ ଦାମ୍‌ରେ ସିମ୍ ବିକ୍ରି କରିଥିବା ଅଭିଯୋଗରେ ପୁଲିସ ହଣ୍ଡପା ଥାନା ଅଞ୍ଚଳର ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ନୁନକାପଶିର ସଞ୍ଜୟ କୁମାର ପ୍ରଧାନ (୩୮) ଓ ତାଙ୍କ ସହଯୋଗୀ ଲୁହାମୁଣ୍ଡାର ରୋହିତ ବେହେରା (୩୨) । ବଇଣ୍ଡାର ରଶ୍ମି ଇଲେକ୍ଟ୍ରୋନିକ୍ସ ନାମକ ମୋବାଇଲ ଦୋକାନରେ ଅଧିକ ଦାମରେ ସାଇବର ଠକମାନଙ୍କୁ ସିମ୍ ବିକ୍ରି କରାଯାଉଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଇନ୍ସପେକ୍ଟର ଅୟସକାନ୍ତ ଜେନା,



ନମିତା ନାୟକ, ଏଏସଆଇ ତପନ କୁମାର ରାୟ, ହାବିଲଦାର ସନ୍ତୋଷ କୁମାର ସାହୁ ପ୍ରମୁଖ ଉକ୍ତ ଦୋକାନରେ ଚଢ଼ଉ କରି ଏଭଳି ଅସାଧୁ କାରବାର ଚାଲିଥିବା ପ୍ରମାଣ ପାଇଥିଲେ । ଅଭିଯୁକ୍ତଙ୍କଠାରୁ ୧୪୮୨ଟି ବିଭିନ୍ନ କମ୍ପାନୀର ସିମ୍ ଏବଂ ୫୭ ହଜାର ୫୦୦ ଟଙ୍କା ଜବତ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି ।

## ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କଣିହାଁ,୧୯ ।୧୨(ସମିସ): କଣିହାଁ ବନାଞ୍ଚଳ ଅନ୍ତର୍ଗତ କଣିହାଁ ବ୍ଲକ କମରେଇ ଗ୍ରାମରେ ଗୁରୁବାର ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ କୁମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କଣିହାଁ ବନପାଳ, କର୍ମଚାରୀ ଇକୋ କ୍ଲବ ସଦସ୍ୟ କମରେଇ ଗ୍ରାମ ପରିକ୍ରମା କରି ଲୋକଙ୍କୁ ହାତୀ ବଂଶ ବୃଦ୍ଧି ଓ ସୁରକ୍ଷା ପାଇଁ ସଚେତନ କରିଥିଲେ । ଶିକ୍ଷକ ପ୍ରଶାନ୍ତ ବେହେରା, ବିଜୟ ପ୍ରଧାନ, ରଞ୍ଜନ ପ୍ରଧାନ, ସବିତା ପ୍ରଧାନ, ବାବୁଲ ସାହୁଙ୍କ ସହ କଣିହାଁ ବନପାଳ ଦୀପକ କୁମାର ସେଠୀ, ବନରକ୍ଷୀ କବିତା ପ୍ରଧାନ, ମନସ୍ମିତା ସାହୁ, ଗଜମିତ୍ର, ଗଜସାଥୀ ପ୍ରମୁଖ ସହଯୋଗ କରିଥିଲେ ।

## ଲକ୍ଷାଧିକ ଟଙ୍କାର ଧାନ ପୋଡ଼ି ପାଉଁଶ



କଣିହାଁ,୧୯ ।୧୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଧୋବାପାଳ ଗ୍ରାମର ଭଗବାନ ସାହୁ ଓ ଡିଲେଶ୍ୱର ସାହୁଙ୍କ ଧାନ ଗଦାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ ପୋଡ଼ି ପାଉଁଶ ହୋଇଯାଇଛି । କଣିହାଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା । ଭଗବାନ ଓ ଡିଲେଶ୍ୱର ଗୁଡ଼ିଆବନ୍ଧ ନିକଟ ଜମିରେ ଧାନ ଚାଷ କରିଥିଲେ । ଧାନ ଅମଳ କରି ପ୍ରାୟ ୩ହଜାର ଧାନ ବିଡ଼ା ବାନ୍ଧି ଜମି ପାଖଦେଇ ଯାଇଥିବା ପିଚୁ ରାସ୍ତାରେ ଗଦାକରି ରଖିଥିଲେ । ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଧାନଗଦାରେ ନିଆଁ ଲାଗିଯାଇଥିଲା । ଏହି ଅଗ୍ନିକାଣ୍ଡରେ ଉଭୟ ଚାଷୀଙ୍କ ଲକ୍ଷାଧିକ ଟଙ୍କାର ଧାନ ପୋଡ଼ିଯାଇଛି । ଉଭୟ ଚାଷୀ ଗରିବ ହୋଇଥିବାରୁ ବର୍ତ୍ତମାନ ମୁଣ୍ଡରେ ହାତଦେଇ ବସିବା ସହ ହତାଶ ହୋଇପଡ଼ିଛନ୍ତି । ତେବେ ନିଆଁ କିପରି ଲାଗିଲା ତାହା ଜଣାପଡ଼ି ନାହିଁ । ସରକାରୀ ସହାୟତା ପାଇଁ ଉଭୟ ଚାଷୀ କଣିହାଁ ତହସିଲଦାର ଓ ବଡ଼ତ୍ରିବିଡ଼ା ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାନତ୍ରିବିଡ଼ା ପଞ୍ଚାୟତର ଜନପ୍ରତିନିଧି ଓ ବିଭିନ୍ନ ସଂଗଠନ ଦାବି କରିଛନ୍ତି ।

## ହାତୀ ଉପଦ୍ରବ; ଗ୍ରାମବାସୀ ଭୟଭୀତ

■ ସୁରକ୍ଷା ପାଇଁ ଗାଁ ଚାରିପାଖେ ନିଆଁ ଜାଳିଲେ

ଅନୁଗୋଳ,୧୯ ।୧୨(ସମିସ): ବେନ୍ତପୁର ଗାଁରେ ହାତୀ ଉପଦ୍ରବ ବଢ଼ିଛି । ହାତୀ ଉପଦ୍ରବରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି । ଦୀର୍ଘ ୨ ମାସ ପରେ ପୁଣି ଥରେ ୮୦ଟିକିଆ ହାତୀପଲ ଗାଁରେ ପଶି ଫସଲ ନଷ୍ଟ କରିବା ସହ ଘରେ ପଶି ଧନସମ୍ପତ୍ତି ନଷ୍ଟ କରୁଛନ୍ତି । ସେପଟେ ହାତୀ ଦାଉରୁ ବଞ୍ଚିବା ପାଇଁ ଗ୍ରାମବାସୀ ଗାଁ ଚାରିପାଖେ ନିଆଁ ଜାଳିଛନ୍ତି । ଗାଁ ନିକଟରେ ଥିବା



ବିଲଗୁଡ଼ିକରେ ବର୍ଷକର ଧାନ ଅମଳ ପରେ ଯେଉଁ ପାଳ ପଡ଼ିରହିଥିଲା, ସେଥିରେ ନିଆଁ ଲଗାଇ ଦେଇଛନ୍ତି । ତେବେ ଗାଁ ଚାରିପାଖରେ ନିଆଁ ଜଳୁଥିବା ବେଳେ ହାତୀ ନିଆଁକୁ ଦେଖି ଅଧିକ ଉତ୍ପାତ ଆରମ୍ଭ କରିଛନ୍ତି । ପ୍ରତି ସନ୍ଧ୍ୟାରେ ଗାଁ ନିକଟ ପଦ୍ମପାଦ ମଠ ନିକଟରୁ ବାହାରି ହାତୀପଲ ଭେରୁଗୋଠା ସାହି ଅଞ୍ଚଳରେ ପଶି ଆତଙ୍କ ଖେଳାଉଛନ୍ତି । ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପାଲଲହଡ଼ା କପ୍ କ୍ରିକେଟ୍; ସେମିରେ ଢେଙ୍କାନାଳ




ପାଲଲହଡ଼ା,୧୯ ।୧୨(ସମିସ): ପାଲଲହଡ଼ା କବ୍ସ କ୍ଲବ ଦ୍ୱାରା ପାଲଲହଡ଼ା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପୁଲ୍-ବିର ପ୍ରଥମ ମ୍ୟାଚ ଢେଙ୍କାନାଳ ଓ କବ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଛି । ଢେଙ୍କାନାଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଢେଙ୍କାନାଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରେଇ ୨୩୪ ରନ ସଂଗ୍ରହ କରିଥିଲା । ଜବାବରେ ପାଲଲହଡ଼ା ଦଳ ସମସ୍ତ ୧୧୧ ରନ କରି ଉଇକେଟ ହରାଇଥିଲା । ସୁଜିତ ପ୍ରଧାନ ଓ ମାଧବ ସାହୁ ଖେଳ ପରିଚାଳନା କରିଥିଲେ । ପାଲଲହଡ଼ା ବ୍ଲକ ବିଜେଡି ସଭାପତି ରଞ୍ଜିତ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳି ଢେଙ୍କାନାଳ ଦଳର ଚନ୍ଦନ କୁମାର (୧୮ ବଲ ୭୦ ରନ)ଙ୍କୁ ପୁରସ୍କୃତ କରିଥିଲେ ।

## ଯୌନ ନିର୍ଯାତନା ନିବାରଣ ସମ୍ପର୍କିତ ଆଲୋଚନାଚକ୍ର

ଛେଣ୍ଡିପଦା,୧୯ ।୧୨(ସମିସ): ସ୍ଥାନୀୟ ବାପୁଜୀ ମହାବିଦ୍ୟାଳୟରେ 'ଉଚ୍ଚ ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା ନିବାରଣ' ସମ୍ପର୍କିତ ଦିନିକିଆ ଆଲୋଚନାଚକ୍ର ପିଏମ୍-ଉଷା ଅନୁଦାନରେ ମହାବିଦ୍ୟାଳୟର ଆଇକ୍ୟୁଏସି ଏବଂ ଆଇସିସି ସହଯୋଗରେ ଆୟୋଜିତ ହୋଇଛି । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଧ୍ୟାପିକା ଅରୁଣା ମିଶ୍ର ଯୋଗଦେଇ ପୋକ୍ସୋ ଆଇନର ବିଭିନ୍ନ ଦିଗ, କର୍ମ କ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା, ଯୌନ ନିର୍ଯାତନାର ବିଭିନ୍ନ କାରଣ, ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ନୈତିକ ଓ ଆଇନଗତ କର୍ତ୍ତବ୍ୟ ଏବଂ ସାମ୍ବିଧାନିକ ବ୍ୟବସ୍ଥାରେ ବିଭିନ୍ନ ଦଣ୍ଡ ବିଧାନ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର କାର୍ଯ୍ୟ ଆଦି ସମ୍ପର୍କରେ ଆଲୋଚନା କରିବା ସହ ସଚେତନ କରାଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଧର୍ମରାଜ ତ୍ରିପାଠୀ ଉଦବୋଧନ ଦେଇ ସାମ୍ପ୍ରତିକ ସମାଜରେ ବଢୁଥିବା ଯୌନ ନିର୍ଯାତନା ରୋକିବା ପାଇଁ ମାନସିକତାର ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଇଥିଲେ । ମହାବିଦ୍ୟାଳୟ ଆଇସିସି ଅଧ୍ୟକ୍ଷା ତଥା ପିଏମ-ଉଷା ସଂଯୋଜିକା ଅନିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ମନୋଜ କୁମାର ବେହେରା, ପିଏମ-ଉଷା କମିଟି ସଦସ୍ୟା ଅଧ୍ୟାପିକା ମନସ୍ୱିନୀ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ । ଅର୍ଥନୀତି ବିଭାଗ ଅଧ୍ୟାପିକା ପ୍ରଜ୍ଞାଲକ୍ଷ୍ମୀ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ । ପିଏମ-ଉଷା କମିଟି ସଦସ୍ୟ ଅଧ୍ୟାପକ ପ୍ରିୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚ ବୈଠକ

ଅନୁଗୋଳ,୧୯ ।୧୨(ସମିସ): ସହର ଉପକଣ୍ଠ ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଅପରାହ୍ନ ୩ଟାରେ ମଞ୍ଚର ସାଧାରଣ ବୈଠକ ସ୍ଥାୟୀ ସଭାପତି ରାଜକିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ମଞ୍ଚର ଦିବଂଗତ ସଦସ୍ୟ ସ୍ୱର୍ଗତ ଗୋପୀନାଥ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂହସାମନ୍ତ ଗତ ଅକ୍ଟୋବର ୧୭ରେ ଅନୁଷ୍ଠିତ ବୈଠକର ବିବରଣୀ ପାଠ କରିଥିଲେ ଯାହା ସର୍ବସମ୍ମତି କ୍ରମେ ଦୃଢ଼ୀକରଣ କରାଯାଇଥିଲା । କୋଷାଧ୍ୟକ୍ଷ ଦାମୋଦର ଦାସ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ବରିଷ୍ଠ ନାଗରିକ ମଞ୍ଚ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ମିଳିତ ସହଯୋଗରେ ଅକ୍ଟୋବର ୩୦ରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର ଖର୍ଚ୍ଚ ବିବରଣୀ



ଉପସ୍ଥାପନ କରାଯାଇଥିଲା । ଗ୍ରାମରେ ହେଉଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ପ୍ରଶସ୍ତୀକରଣ କାର୍ଯ୍ୟରେ କେତେକ ଜମି ମାଲିକ ବାଧା ସୃଷ୍ଟି କରୁଥିବାରୁ ଅସନ୍ତୋଷ ପ୍ରକାଶ କରି ଏ ବାବଦରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି । ବିଦ୍ୟାଳୟ ଓ ଅଙ୍ଗନବାଡ଼ି 'ଖ' କେନ୍ଦ୍ର ଫାଟକ ସମ୍ମୁଖରେ ଗୋରୁ ବାନ୍ଧି ମଳମୂତ୍ର ଜମା କରି ପରିବେଶ ଦୂଷିତ କରିବା ଇତ୍ୟାଦିକୁ ନିନ୍ଦା କରାଯାଇ ଏ ବାବଦରେ ପଦକ୍ଷେପ ଗ୍ରହଣ କରାଯିବାକୁ ସରପଞ୍ଚଙ୍କୁ ଅନୁରୋଧ କରାଯାଇଛି । ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ସତ୍ତ୍ୱେ ସହକାରୀ ଶିକ୍ଷକ ଉପେନ୍ଦ୍ର ସାମଲଙ୍କୁ ଡେପୁଟେସନରେ ପଠାଯାଇଥିଲେ ହେଁ, ଅଦ୍ୟାବଧି ତାଙ୍କୁ ଫେରାଇ ଅଣାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି । ଏତଦବ୍ୟତୀତ ଅଞ୍ଚଳର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଶେଷରେ ଉପସଭାପତି ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

● ପପୁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଆଠମଲ୍ଲିକ ଓ ପତାକା କ୍ଲବ୍

କିଶୋରନଗର,୧୯ ।୧୨(ସମିସ): ଆଠମଲ୍ଲିକ ଲିପିଲୋଇ ଖେଳପଡ଼ିଆରେ ଚାଲିଥିବା ପପୁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦୁଇଟି ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଏଥିରେ ଆଠମଲ୍ଲିକ ଓ ପତାକା ଅଷ୍ଟକୀଳା କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି । ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆଠମଲ୍ଲିକ ଓ ପରଗଳପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଠମଲ୍ଲିକ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଅତିଥି ଭାବେ ସାମ୍ବାଦିକ ଉଦୀପ୍ତ ପୁରୋହିତ, କମଳାକାନ୍ତ ମିଶ୍ର ଯୋଗଦେଇଥିଲେ । ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ପତାକା ଅଷ୍ଟକୀଳା କ୍ଲବ ଓ ଗିରାସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପତାକା କ୍ଲବ ୧-୦ଗୋଲରେ



ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ରେଫରୀ ଭାବେ ଅମିତ ନାଏକ ଖେଳ ପରିଚାଳନା କରିଥିଲେ । ଲାଇନ୍ସମ୍ୟାନ ଭାବେ ସୁଶୀଲ ବେହେରା ଓ ଅର୍ଜୁନ ନାଏକ ସହଯୋଗ କରିଥିଲେ । ପ୍ରଫୁଲ୍ଲ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସନ୍ତୋଷ କୋପୁଲା, ସମ୍ମାନିତ ଅତିଥି ଭାବେ ରେଞ୍ଜର ସୁନୀଲ କୁମାର ସାହୁ, ବନ ବିଭାଗ ସଂଯୋଜକ ଦେବାନନ୍ଦ ନାଏକ ପ୍ରମୁଖ ଯୋଗଦେଇଥିଲେ ।

# କାମରେ ଲାଗୁନି ସୌରଚାଳିତ ଶୀତଳଭଣ୍ଡାର

ପାଲଲହଡ଼ା,୧୯ ।୧୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ବନ୍ଧାଭୂଇଁ ପଞ୍ଚାୟତ ଜମରଡିହ ଗ୍ରାମରେ ସରକାର ପାଉଡ଼ି ଭୁୟାଁ ଉନ୍ନୟନ ସଂସ୍ଥା (ପିବିଡିଏ) ସ୍ଥାପନ କରିଛନ୍ତି । ପାଉଡ଼ି ଭୁୟାଁମାନେ ବିଭିନ୍ନ ଚାଷକାର୍ଯ୍ୟ କରି ନିଜ ଉତ୍ପାଦିତ ଦ୍ରବ୍ୟକୁ ଦୀର୍ଘଦିନ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବା ପାଇଁ ୨୦୨୨ରେ ପିବିଡିଏ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂରରେ ସ୍ଥାନୀୟ ଉଦ୍ୟାନ ବିଭାଗ ପକ୍ଷରୁ ୧୦ ଲକ୍ଷ ଏବଂ ପିବିଡିଏ ପକ୍ଷରୁ ୬ ଲକ୍ଷ ମୋଟ ୧୬ ଲକ୍ଷ ଟଙ୍କା ବ୍ୟୟରେ ଓପିଲିପି ଯୋଜନା ଅଧୀନରେ ଏକ ଏନଜିଓ ଦ୍ୱାରା ୧୦ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ସୌରଚାଳିତ ଶୀତଳଭଣ୍ଡାର ସ୍ଥାପନ କରାଯାଇଥିଲା । ସ୍ଥାପନର କିଛିଦିନ ପର୍ଯ୍ୟନ୍ତ ଏହି ଶୀତଳଭଣ୍ଡାରକୁ ସ୍ଥାନୀୟ ଚାଷୀଙ୍କ ଦ୍ୱାରା ତରଭୁଜ ଗଚ୍ଛିତ ରଖିବା ପାଇଁ ବ୍ୟବହାର କରାଯାଉଥିଲା । କିନ୍ତୁ ସରକାରଙ୍କ ପକ୍ଷରୁ ଓପିଲିପି ଯୋଜନା ବନ୍ଦ କରାଯିବା ଫଳରେ ରକ୍ଷଣାବେକ୍ଷଣ କରୁଥିବା ଏନଜିଓ ଏବଂ ପାଉଡ଼ି ପିବିଡିଓ ଏହି ଶୀତଳଭଣ୍ଡାରକୁ ସ୍ଥାନୀୟ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରିଥିଲା । ସେବେଠାରୁ ଏହି ଶୀତଳଭଣ୍ଡାର ସ୍ଥାଣୁ ହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଛି । ରକ୍ଷଣାବେକ୍ଷଣ ଅଭାବରୁ ଶୀତଳଭଣ୍ଡାର ଚାରି ପଟେ ଅନାବନା ଗଛ ଉଠିବା ସହ ସୌର ପ୍ଲେଟଗୁଡ଼ିକ ନଷ୍ଟ ହେବାକୁ ବସିଲାଣି । ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦେଲେ ୧୬ ଲକ୍ଷ ଟଙ୍କା ପାଣିରେ ପଡ଼ିବା ସହ ପ୍ରକଳ୍ପଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା




ଆଶଙ୍କା ରହିଛି । ଏ ସମ୍ପର୍କରେ ପିବିଡିଏର ସ୍ୱତନ୍ତ୍ର ଅଧିକାରିଣୀ ପ୍ରିୟଙ୍କା ନାୟକଙ୍କୁ ପଚାରିବାରେ ସେ କହିଲେ, ଏହି ପ୍ରକଳ୍ପଟି ସ୍ଥାନୀୟ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରାଯାଇଛି । ଏବେ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ସେମାନଙ୍କର । ତଥାପି ଆମେ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରି ଏହାକୁ ବ୍ୟବହାର ପାଇଁ ଲୋକଙ୍କୁ ସଚେତନ କରାଇବୁ ବୋଲି କହିଛନ୍ତି ।

## ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର



କେନ୍ଦ୍ରାପଡ଼ା,୧୯ ।୧୨(ସମିସ): ଜନସାଧାରଣଙ୍କ ରାଜସ୍ୱ ସଂକ୍ରାନ୍ତୀୟ ସମସ୍ୟାର ଦ୍ରୁତ ସମାଧାନ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ତହସିଲ ପରିସରରେ ଜିଲ୍ଲାପାଳ ରଘୁରାମ ଆୟରଙ୍କ ଅଧ୍ୟକ୍ଷତାରେ ଗୁରୁବାର ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୧୨୯ଟି ରାଜସ୍ୱ ସଂକ୍ରାନ୍ତୀୟ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲ୍ଲାପାଳ ସେଗୁଡ଼ିକର ଶୁଣାଣି କରି ସମ୍ପୃକ୍ତ ଅଧିକାରୀଙ୍କୁ ତତ୍କାଳ ଓ ଯଥୋଚିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର କୁଇନୀ ଜେନାଙ୍କ ସମେତ କର୍ମଚାରୀ ପ୍ରଦୀପ କୁମାର ଦାସ, ସୌଭାଗ୍ୟ ଦାସ, ଉମେଶ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ୨୦ ତାରିଖ ପଟ୍ଟାମୁଣ୍ଡାଇ, ୨୪ ତାରିଖ ଡେରାବିଶ ଏବଂ ୨୬ ତାରିଖ ମାର୍ଶାଘାଇ ତହସିଲରେ ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରାଜସ୍ୱ ଜନଶୁଣାଣି ଶିବିର ଆୟୋଜିତ ହେବ। ରାଜସ୍ୱ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଥିଲେ ଧାର୍ଯ୍ୟ ତାରିଖ ଓ ସମୟରେ ସମ୍ପୃକ୍ତ ତହସିଲରେ ଉପସ୍ଥିତ ରହି ଅଭିଯୋଗ ଦାଖଲ କରିପାରିବେ।

## ଚିକିତ୍ସାଧୀନ ସୁରଥଙ୍କୁ ଭେଟିଲେ ଚିତ୍ତରଞ୍ଜନ



ମହାକାଳପଡ଼ା,୧୯ ।୧୨(ସମିସ): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ଦୁମୁକା ପଞ୍ଚାୟତର ମୁରବି ତଥା ପୂର୍ବତନ ସୋସାଇଟି ସଭାପତି ସୁରଥ କୁମାର ବେଉରା ଅସୁସ୍ଥ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ଯୁବନେତା ତଥା ରାଜ୍ୟ ଯାଦବ ମହାସଭା ସାଧାରଣ ସମ୍ପାଦକ ଆଇନଜୀବୀ ଚିତ୍ତରଞ୍ଜନ ଦାସ ସୁରଥଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ନିଗମାନନ୍ଦ ଆଶ୍ରମର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୧୯ ।୧୨(ସମିସ): ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ମଣ୍ଡପଡ଼ା ଶାଖା ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶୁଭାଧିବାସ, ସନ୍ଧ୍ୟାପୂଜା, ଆରତି, ସ୍ତୋତ୍ର ବନ୍ଦନା, ଜୟଗୁରୁ କୀର୍ତ୍ତନ ସହ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଣ୍ଡପଡ଼ା ଆସନ ମନ୍ଦିର ସଭାପତି ଖଗେଶ୍ୱର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ର ସଂଘ ପରିଚାଳନା କମିଟି ସଭ୍ୟ ସଂଗ୍ରାମ କେଶରୀ ସିଂହଙ୍କ ସହ ବହୁ ଭକ୍ତ ଯୋଗଦେଇଥିଲେ।

## କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା



ପଟ୍ଟାମୁଣ୍ଡାଇ,୧୯ ।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଛି। ପିଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡା, ସେବକ ରତିକାନ୍ତ ଧଳ, ଗଗନ ମହାଳିକ, କବି ନୃସିଂହ ରାଉତଙ୍କ ତତ୍ତ୍ୱାବଧାନ ଓ ବିଚିତ୍ରାନନ୍ଦ ବେହେରା, ପାର୍ବତୀ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପୂଜାପାଠ କରିଥିଲେ। ପୂର୍ବତନ ଅଳପୁଆ ସରପଞ୍ଚ ରବୀନ୍ଦ୍ର ଧଳ, ସମିତିସଭ୍ୟ ଅକ୍ଷୟ ରାଉତ, ଚନ୍ଦନ ସାହୁ, କଳ୍ପତରୁ ନାୟକ, ସୁକାନ୍ତ ରାଉତ, କିଶୋର ରାଉତ, କ୍ଷୀରୋଦ ରାଉତ, ଆଦିତ୍ୟ ରାଉତ, ଅନନ୍ତ ରାଉତ, ସର୍ବେଶ୍ୱର ସାହୁ, ଶୁକଦେବ ସାହୁ, ଅନ୍ତର୍ଯ୍ୟାମୀ ନାୟକ ପ୍ରମୁଖ ଭଗବତ କାର୍ଯ୍ୟରେ ଭାଗ ନେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୀତିକାନ୍ତି ସମ୍ପନ୍ନ ହୋଇଥିଲା।

## ଜିଲ୍ଲାପାଳଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ସମୀକ୍ଷା

କେନ୍ଦ୍ରାପଡ଼ା,୧୯ ।୧୨(ସମିସ): ଜିଲ୍ଲାପାଳ ରଘୁରାମ ଆର. ଆୟର ଗୁରୁବାର ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ମନରେଗା ଯୋଜନା, ଗ୍ରାମ ପଞ୍ଚାୟତ ଭବନ, ଅଙ୍ଗନବାଡ଼ି କେନ୍ଦ୍ର, ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ଶିଳ୍ପ ପାର୍କ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ବାତ୍ୟା ଆଶ୍ରୟସ୍ଥଳ, ସମଗ୍ର ଶିକ୍ଷା ଓ ବିଦ୍ୟୁତ୍ ସଂକ୍ରାନ୍ତୀୟ ବିଷୟ ଉପରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ଆୟର କାର୍ଯ୍ୟରେ ଉପୁଜୁଥିବା ସମସ୍ୟା ଓ ବାଧାବିଘ୍ନ ଉପରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବା ସହ ଗୁଣାତ୍ମକତା ନିଶ୍ଚିତ କରିବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ସମସ୍ତ ବିଡିଓ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ବାର୍ଷିକ କ୍ରୀଡ଼ା



ପଟ୍ଟାମୁଣ୍ଡାଇ,୧୯ ।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜର ତିନିଦିନିଆ ୫୫ତମ ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପତାକା ଦେଖାଇ ଉତ୍ସବକୁ ଉଦଘାଟନ କରିଥିଲେ। କଲେଜ କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ଅରବିନ୍ଦ ପାଣ୍ଡା ଓ ଅଧ୍ୟାପକ ଡ. ମାନସ ନାୟକ, ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ଅଧ୍ୟାପିକା ରଶ୍ମିତା ପାଣିଗ୍ରାହୀ, ଦେବସ୍ମିତା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରାଧ୍ୟାପକ ଡ. ରମେଶ କୁମାର ସାହୁ, କ୍ୟାପଟେନ ମନୋଜ ପରିଡ଼ା, ପ୍ରମୋଦ ସ୍ୱାଇଁ, ସର୍ବେଶ୍ୱର ସାହୁ, ଅଧ୍ୟାପକ ପିଣ୍ଟୁ ପଟେଲ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ, ଅମିତ ସାହୁ, ରୋହିତ ବରର୍ତ୍ତି ଓ ଅଧ୍ୟାପିକା ନିବେଦିତା ପ୍ରଧାନ ଓ ସୀମାଙ୍ଗିନୀ ଦାସ ସହଯୋଗ କରିଥିଲେ।

## ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ

# ପୁଲିସ ଉପସ୍ଥିତିରେ ପ୍ରତିନିଧିଙ୍କୁ ନିସ୍ତୁକ ମାଡ଼

ମାର୍ଶାଘାଇ,୧୯ ।୧୨(ସମିସ)





ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ସରପଞ୍ଚ ଭାଗବତ ବେହେରା, ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ ତାଲା ପକାଇ ପ୍ରତିବାଦ କରିଥିଲେ। ଅଧ୍ୟକ୍ଷା ସାମଲଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ସ୍ୱାମୀ ଶୈଳେନ୍ଦ୍ର ସାମଲ ଅଧ୍ୟକ୍ଷ ଚୌକିରେ ବସି ନିୟମିତ କାର୍ଯ୍ୟାଳୟ ପରିଚାଳନା କରିବା, କାର୍ଯ୍ୟାଳୟରେ ସମର୍ଥକଙ୍କୁ ନେଇ ମଦ୍ୟପାନ କରାଯାଉଥିବା ଅଭିଯୋଗ କରିବା ସହ ପିସି ଆଦାୟ ଭଳି ସଙ୍ଗୀନ ଅଭିଯୋଗ କରି ଜୁଣ-ମାର୍ଶାଘାଇ ସରପଞ୍ଚ ବେହେରା ଓ ସମିତିସଭ୍ୟ ସାହୁ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଶୈଳେନ୍ଦ୍ର ଓ ତାଙ୍କ ସମର୍ଥକଙ୍କୁ ଅଟକ ରଖିଥିଲେ। ଖବରପାଇ ମାର୍ଶାଘାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଖୋଲି ଶୈଳେନ୍ଦ୍ରଙ୍କୁ ଉଦ୍ଧାର କରିଥିଲା। ଶୈଳେନ୍ଦ୍ର ବାହାରକୁ ଆସିବା ବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ନିସ୍ତୁକ ମାଡ଼ମାରି ଆହତ କରିଥିଲେ। ପୁଲିସ ଉପସ୍ଥିତିରେ ଶୈଳେନ୍ଦ୍ରଙ୍କୁ ଯିଏ ପାଇଲା ସିଏ ବହେ ଛେଛିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଶୈଳେନ୍ଦ୍ରଙ୍କ ହସ୍ତକ୍ଷେପକୁ ସାଧାରଣରେ ନିନ୍ଦା କରାଯାଉଛି। ପରେ ପୁଲିସ ଶୈଳେନ୍ଦ୍ରଙ୍କ ପକେଟ୍ ସମେତ ସମ୍ପୂର୍ଣ୍ଣ ଶରୀରକୁ ଯାଞ୍ଚ କରିଥିଲା। ପରେ ଉଭୟ ପକ୍ଷ ଘଟଣାସ୍ଥଳରୁ ଚାଲିଯାଇଥିଲେ। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଏ ସମ୍ପର୍କରେ ଆଇଆଇସି ତପନ ନାୟକଙ୍କୁ ପଚାରିବାରୁ କହିଲେ, କୌଣସି ପକ୍ଷ ତରଫରୁ ଅଭିଯୋଗ କରାଯାଇନାହିଁ। ଅଭିଯୋଗ ଆସିଲେ ପୁଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ସେ ବୋଲି କହିଛନ୍ତି। ତେବେ ଏ ସମ୍ପର୍କରେ ଶୈଳେନ୍ଦ୍ର କିମ୍ବା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିକ୍ରିୟା ମିଳିନାହିଁ।

## ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ



ଡେରାବିଶ,୧୯ ।୧୨(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦୋହଳୀ ମଡେଲ ହାଇସ୍କୁଲ ପଡ଼ିଆରେ କେଶରପୁ ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ଡ. ପ୍ରକାଶ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସାଂସ୍କୃତିକ ସଂଗଠକ ପ୍ରାଧ୍ୟାପକ ଗୁରୁଚରଣ ସେଠୀ ଯୋଗଦେଇ ମହୋତ୍ସବକୁ ଦୀର୍ଘସ୍ଥାୟୀ ଓ ଆକର୍ଷଣୀୟ କରିବା ପାଇଁ ପରାମର୍ଶ ଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ ଉତ୍ତମ କୁମାର ସ୍ୱାଇଁ ତାଙ୍କ ଦୀର୍ଘଦିନର ସ୍ୱପ୍ନ ଆଜି ବାସ୍ତବ ରୂପ ନେଇଥିବା କହିଥିଲେ। ମହୋତ୍ସବ କମିଟି ସଭାପତି ଅଭୟ କୁମାର ରଥ ମହୋତ୍ସବର ଉଦ୍ଦେଶ୍ୟ, ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଜିତେନ୍ଦ୍ର ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଅଞ୍ଚଳର ବର୍ଷିଆନ ଚିକିତ୍ସକ ଡା. ରାଜକିଶୋର ସ୍ୱାଇଁ ଓ ନିୟତି ଫାଉଣ୍ଡେସନ୍ ମୁଖ୍ୟ ନିର୍ମଳ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଦସ୍ୟ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶରତ କୁମାର ମଲିକଙ୍କ ଦ୍ୱାରା ଭଜନସନ୍ଧ୍ୟା ଓ କୁନି କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବ ଆସନ୍ତା ୨୪ ତାରିଖ ଯାଏ ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଶିବିରରୁ ୮୩ ୟୁନିଟ୍ ରକ୍ତ ସଂଗ୍ରହ

ଡେରାବିଶ/ପଞ୍ଚୁପାଣ୍ଡବ,୧୯ ।୧୨(ସମିସ): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଧର୍ମେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରୁ ୮୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବାଶିଷ ସାହୁ ଶିବରକୁ ଉଦ୍‌ଘାଟନ କରିଥିଲେ।



କେନ୍ଦ୍ରାପଡ଼ା ରେଡ୍‌କ୍ରସ୍ ରକ୍ତଭଣ୍ଡାର ପକ୍ଷରୁ ରାକେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ଡା. ଅନ୍ନପୂର୍ଣ୍ଣା ଜେନା, ସ୍ୱାସ୍ଥ୍ୟ ସେବିକା ଦୀପ୍ତିରଞ୍ଜନ ସିଂ, ରିତାଶ୍ରୀ ଦଳେଇ, ହରପ୍ରିୟା ମୁଦୁଲି ରକ୍ତାଦାତାଙ୍କୁ ସେବା ଯୋଗାଇ ଦେଇଥିଲେ। ଅଧ୍ୟାପକ ପ୍ରଭାକର ସାମଲ, ଗୋଲଖ ଚନ୍ଦ୍ର ମହାଭୋଇ, ନାରାୟଣ ଲେଙ୍କା, କୁଞ୍ଜବିହାରୀ ଦାସ, ଅଭିମନ୍ୟୁ ରାଉତ, ଭବାନୀ ପ୍ରସାଦ ଓଝା, ଅଜୟ ମହାଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଡେରାବିଶ,୧୯ ।୧୨(ସମିସ): ଡେରାବିଶ ବ୍ଲକ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ବେଲାରପୁରସ୍ଥିତ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ବ୍ଲକ ଓଷ୍ଟା ସଭାପତି ପୀତବାସ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଓଷ୍ଟାର ପୂର୍ବତନ ସମ୍ପାଦକ ତ୍ରୈଲୋକ୍ୟ ସ୍ୱାଇଁ ଯୋଗଦେଇ ଏହାକୁ ଉଦ୍‌ଘାଯନ କରିଥିଲେ। ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀ ମୁଖ୍ୟଅତିଥି, ଓଷ୍ଟାର କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ବତନ ସଭାପତି ପ୍ରମୋଦ କୁମାର ବେହେରା, ସମ୍ପାଦକ ଭଗବାନ ସାହୁ ବିଶିଷ୍ଟ ଅତିଥି, ଭଗବତୀ ହାଇସ୍କୁଲ ପ୍ରଧାନଶିକ୍ଷକ କମଳାକାନ୍ତ ସାହୁ, ଏସ୍‌ଏମ୍‌ସି ସଭାପତି ସନ୍ତୋଷ କୁମାର ବାରିକ ଓ ନିରଞ୍ଜନ ଦାଶ, ଏବିଇଓ ଖଗେଶ୍ୱର ନାୟକ ଓ ସଚିକାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଓଷ୍ଟା ସମ୍ପାଦକ ଗଗନ ବିହାରୀ ସୂତାର ବିବରଣୀ ପାଠ କରିଥଲେ। ବ୍ଲକର ୩୦ ବିଦ୍ୟାଳୟରୁ ଆସିଥିବା ୨୧୭ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଓଷ୍ଟାର ପୂର୍ବତନ ସମ୍ପାଦକ ତପନ କୁମାର ସିଂହ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ମଞ୍ଜୁଶ୍ରୀ ବରାଳ, ସମ୍ମାନିତ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ଓଷ୍ଟାର ପୂର୍ବତନ ଯୁଗ୍ମ ସମ୍ପାଦକ ଭାଗୀରଥି ମହାନ୍ତି, କେନ୍ଦ୍ରାପଡ଼ା ବ୍ଲକ ଓଷ୍ଟା ସମ୍ପାଦକ ନାରାୟଣ ପଣ୍ଡା, ପ୍ରମୋଦ କୁମାର ମିଶ୍ର, ଫକିର ଚରଣ ଦାସ, କେନ୍ଦ୍ରାପଡ଼ା ବ୍ଲକ ଓଷ୍ଟା ସଭାପତି ତପନ କୁମାର ଦାଶ, ସିଆରସିସି ମାମୁନି ସିଂ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ● ନ୍ୟାସନାଲ ହେରାଲ୍ଡ ମାମଲା ଖାରଜ

## ବିଜେପିର ମିଥ୍ୟା ଆରୋପକୁ କଂଗ୍ରେସର ପ୍ରତିବାଦ




କେନ୍ଦ୍ରାପଡ଼ା,୧୯ ।୧୨(ସମିସ): ନ୍ୟାସନାଲ ହେରାଲ୍ଡ ଓ ମନିଲଣ୍ଡରିଂ ଭଳି ଅର୍ଥ ଅତ୍ମସାତ ଘଟଣାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ସମ୍ପୃକ୍ତି ସମ୍ପର୍କରେ ବିଜେପି ପକ୍ଷରୁ ଆଗତ ହୋଇଥିବା ମାମଲାକୁ କୋର୍ଟ ଖାରଜ କରିଦେଇଛନ୍ତି। ଏହି ଘଟଣା ବିଜେପି, ନରେନ୍ଦ୍ର ମୋଦି ଓ ଅମିତ ଶାହଙ୍କ ମିଥ୍ୟା ଆରୋପ ଓ ଅପପ୍ରଚାରର ପର୍ଦ୍ଦାଫାସ କରିଛି। ସମ୍ବିଧାନର ଉଲ୍ଲଙ୍ଘନ କରି ଗଣତନ୍ତ୍ରକୁ ହତ୍ୟା କରି ଜନବିରୋଧୀ କାର୍ଯ୍ୟ କରୁଥିବା ବିଜେପି ସରକାର ନିଜ ଦୋଷ ଲୁଚାଇବା ପାଇଁ ମିଥ୍ୟାର ଆଶ୍ରୟ ନେଇ ଜନମାନସକୁ ବିଭ୍ରାନ୍ତ କରିବା ପାଇଁ ଷଡ଼ଯନ୍ତ୍ର କରୁଥିବା ଗୁରୁବାର ପୁରୁଣା ବସଷ୍ଟାଣ୍ଡରେ ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବକ୍ତାମାନେ କହିଛନ୍ତି। ଏହି ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡ. ସିପ୍ରା ମଲ୍ଲିକ, ବରିଷ୍ଠ ନେତା ଫକୀର ଚରଣ ଖଟୁଆ, ଅଶୋକ କୁମାର ପ୍ରତିହାରୀ, ପ୍ରଫୁଲ୍ଲ ଦାସ, ରତିକାନ୍ତ କାନୁନଗୋ, ଆକବର ଅଲ୍ଲୀ, ବସନ୍ତ ସେଠୀ, ବିଭ୍ରାଂଶୁ ଲେଙ୍କା, ବାବୁରାମ ଜେନା, ବିଧୁଭୂଷଣ ମହାପାତ୍ର, ରବିନାରାୟଣ ବେହେରା, ମଙ୍ଗୁଳି ଚରଣ ବେହେରା, ନାରାୟଣ ରାଉତ, ଭାଗୀରଥି ଜେନା ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇ ବିଜେପିର ଏଭଳି ମିଥ୍ୟା ଆରୋପର ଦୃଢ଼ ପ୍ରତିବାଦ କରିବା ସହ କୋର୍ଟଙ୍କ ରାୟକୁ ସ୍ୱାଗତ କରିଥିଲେ।

## ବିଜେପି ନେତ୍ରୀଙ୍କ ଗାଡ଼ି ପୋଡ଼ି; ଥାନାରେ ଅଭିଯୋଗ



ଡେରାବିଶ,୧୯ ।୧୨(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଗୁଆଲସିଂ ପଞ୍ଚାୟତ ଗୁଆଲସିଂଠାରେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ତଥା ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀଙ୍କ ସ୍କର୍ପିଓ ଗାଡ଼ି ଗୁରୁବାର ବିଳମ୍ବିତ ରାତିରେ ପୋଡ଼ିଯାଇଛି। ଶୁକ୍ରବାର ସକାଳେ ଏ ନେଇ ଗୀତାଞ୍ଜଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ତାଙ୍କ ଘର ସାମ୍ନା ଗ୍ୟାରେଜରେ ଗାଡ଼ି ରହିଥିଲା। ରାତି ୩ଟାରେ ହଠାତ ସାଇରନ ବାଜିବାରୁ ସେ ବାହାରକୁ ଆସି ଗାଡ଼ି ହୁତୁହୁତୁ ହୋଇ ଜଳିଯାଉଥିବା ଦେଖିଥିଲେ। ଅଭିଯୋଗ ପରେ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ଗାଡ଼ି ପୋଡ଼ି ସମ୍ପର୍କରେ ଗୀତାଞ୍ଜଳିଙ୍କୁ ପଚାରିବାରୁ ଯାନ୍ତ୍ରିକ ତ୍ରୁଟି କିମ୍ବା ସର୍ଟସର୍କିଟରୁ ଏହି ଘଟଣା ଘଟିଥାଇପାରେ ବୋଲି ସେ କହିଛନ୍ତି। ଥାନା ଅଧିକାରୀ ସାହୁଙ୍କୁ ପଚାରିବାରୁ, ସର୍ଟସର୍କିଟ ଯୋଗୁଁ ଗାଡ଼ି ପୋଡ଼ିଥିବା ଅଭିଯୋଗ ହୋଇଥିବାରୁ ଏକ ଜେନେରାଲ ଡାଇରି କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି।

## ବିବି ମଡେଲ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

ଡେରାବିଶ,୧୯ ।୧୨(ସମିସ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦୋହଳିସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚ ବିଦ୍ୟାଳୟର ତିନିଦିନିଆ ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦଯାପିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱବିଜୟ ଦାସ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ଦାଶ ପ୍ରତିଯୋଗିତା ପରିଚାଳନା କରିଥିଲେ। ଆଲୋକ କୁମାର ଜେନା, ସଦାଶିବ ସାହୁ, ସନ୍ଧ୍ୟାରାଣୀ ରଥ, ପ୍ରଜ୍ଞାପାରମିତା ମିଶ୍ର, ମମତା ମହାନ୍ତି, ସୁଚିସ୍ମିତା ତ୍ରିପାଠୀ, ସୀମା ମଳିକ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ସଭାପତି ବିଧୁଭୂଷଣ ମହାନ୍ତି, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଇଂ ଶରତ କୁମାର ମଳିକ, ସିଆରସିସି ବିଶ୍ୱଜିତ ମୁଦୁଲି, ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି



ସଭାପତି ଗୋପିନାଥ ଦାସ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା, ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ, ଶିକ୍ଷକ ବ୍ରଜେନ୍ଦୁ କର, କର୍ମଚାରୀ ମଳୟ ରଥ ସହଯୋଗ କରିଥିଲେ।

## ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ

କେନ୍ଦ୍ରାପଡ଼ା,୧୯ ।୧୨(ସମିସ): ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପଟପ ବଣ୍ଟନ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟର ତାଙ୍କ କାର୍ଯ୍ୟାଳୟରେ ଦୃଷ୍ଟିବାଧିତ ଛାତ୍ର ଭୀଷ୍ମ କୁମାର ଦାସ ଓ ଛାତ୍ରୀ ଅନିତା ରାଉତଙ୍କୁ ଲାପଟପ ପ୍ରଦାନ କରିଥିଲେ। ଏହି ଉଦ୍ୟମ ଦ୍ୱାରା ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଓ ଡିଜିଟାଲ୍ ଶିକ୍ଷାରେ ସୁଯୋଗ ପାଇବେ ବୋଲି ଜିଲ୍ଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ନବକ୍ରିଷ୍ଣ ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସରକାରଙ୍କ ନିୟମାନୁଯାୟୀ +୩ରୁ ଅଧିକ ଶିକ୍ଷା ଗ୍ରହଣ



କରୁଥିବା ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ କିମ୍ବା ଆଂଶିକ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପୋର୍ଟାଲରେ ଆବଶ୍ୟକ ଦସ୍ତାବିଜ ସହ ଆବେଦନ କଲେ ଏହି ସୁବିଧା ପାଇବାକୁ ଯୋଗ୍ୟ ହୋଇପାରିବେ।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଜାତୀୟସ୍ତରୀୟ କର୍ମଶାଳା




କେନ୍ଦ୍ରାପଡ଼ା,୧୯ ।୧୨(ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠ (ଆଇକ୍ୟୁଏସି) ପକ୍ଷରୁ ଗୁରୁବାର 'ଗବେଷଣା ପ୍ରସ୍ତାବ ଲେଖନ ଓ ପାଣ୍ଠି ସଂଗ୍ରହ: ଧାରଣାରୁ ଅନୁମୋଦନ ପର୍ଯ୍ୟନ୍ତ' ଶୀର୍ଷକ ଜାତୀୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଗବେଷଣା କ୍ଷେତ୍ରରେ ଶିକ୍ଷକ ଓ ଗବେଷକମାନଙ୍କୁ ପ୍ରସ୍ତାବ ଲେଖନ ଓ ଅର୍ଥ ସହାୟତା ପ୍ରାପ୍ତି ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ପ୍ରଦାନ ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ଇଂରାଜୀ ବିଭାଗ ମୁଖ୍ୟ ଡ. ପୂର୍ବାଶା ପ୍ରିୟଦର୍ଶିନୀ ଉଦଘାଟନୀ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଆଇକ୍ୟୁଏସି ସଦସ୍ୟ ପ୍ରଫେସର ରଞ୍ଜିତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇକ୍ୟୁଏସି ସଂଯୋଜିକା ଡ. ଦୀପ୍ତି ରାୟ କର୍ମଶାଳାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ପ୍ରଥମ ସତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଡ. ହିମାଂଶୁ ଶେଖର ରାଉତ 'ଗବେଷଣା ପ୍ରସ୍ତାବ ଲେଖନ' ବିଷୟରେ ଆଲୋଚନା କରିଥିଲେ। ଦ୍ୱିତୀୟ ସତ୍ରରେ ନୂଆଦିଲ୍ଲୀ ଜେଏନ୍‌ୟୁର ଡ. ମୀନକେତନ ବେହେରା 'ଗବେଷଣା ପ୍ରସ୍ତାବ ପାଇଁ ପାଣ୍ଠି ସଂଗ୍ରହ' ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ୟୁଜିସି ସଂଯୋଜକ ଡ. ଦେବକାନ୍ତ ଷଡ଼ଙ୍ଗୀ ଧନ୍ୟବାଦ ଜ୍ଞାପନ କରିଥିଲେ। କ୍ୟାପଟେନ ସୀମା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଗବେଷକ ଯୋଗଦେଇଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଯେତେବେଳ ପର୍ଯ୍ୟନ୍ତ ଲୋକମାନେ ଯୁଦ୍ଧ କ୍ଷେତ୍ରକୁ ନ ଯିବା ପାଇଁ ପଣ ନ ନେଇଛନ୍ତି ସେ ପର୍ଯ୍ୟନ୍ତ କୌଣସି ଶକ୍ତି ଯୁଦ୍ଧକୁ ଅଟକାଇ ପାରିବ ନାହିଁ।
-ଆଲବର୍ଟ ଆଇନଷ୍ଟାଇନ୍

## ଠିକା ନିଯୁକ୍ତିକୁ ଅଦାଲତ ଛାଟ

ଠିକା ବା ଚୁକ୍ତିବଦ୍ଧ ଅସ୍ଥାୟୀ ନିଯୁକ୍ତି ଏକ ବିଧିବଦ୍ଧ ବ୍ୟବସ୍ଥାରେ ପରିଣତ ହୋଇଛି। ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ନାମକୁମାତ୍ର ବେତନ ଦେଇ ଠିକା ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯାଉଛି। କେତେବର୍ଷରେ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବ ତାହାର ମଧ୍ୟ ନିର୍ଦ୍ଦିଷ୍ଟ ସୀମାରେଖା ସ୍ଥିର କରାଯାଇନାହିଁ। ଅଥଚ ମୂଳ ପଦବୀରେ ଏକ-ଚତୁର୍ଥାଂଶ ବେତନ ନେଇ ସେମାନେ ନିଷ୍ଠାର ସହ କାର୍ଯ୍ୟ କରି ଚାଲିଛନ୍ତି ସ୍ଥାୟୀ ନିଯୁକ୍ତି ପାଇବା ଆଶାରେ। ଏପରିକି କେତେକ ସ୍ଥଳେ ବିଜ୍ଞାପନ ମାଧ୍ୟମରେ ପରୀକ୍ଷା କରି ସେହି ପଦବୀରେ ସ୍ଥାୟୀ ନିଯୁକ୍ତି ଦିଆଯାଉଛି। ଶେଷରେ ଦୀର୍ଘ ବର୍ଷ ଧରି ନାମକୁ ମାତ୍ର ବେତନ ବିନିମୟରେ ସେବା ଦେଇଆସିଥିବା କର୍ମଚାରୀଙ୍କୁ ବାହାର କରି ଦିଆଯାଉଛି। ସେ ସମୟକୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନିଯୁକ୍ତି ପରୀକ୍ଷା ଦେବାର ବୟସ ଅତିକ୍ରମ କରି ଯାଇଥାଏ। ଏମାନେ ଆଗକୁ କରିବେ କ'ଣ, ପରିବାରର ଭରଣପୋଷଣ କରିବେ କିପରି, ଏକଥା ନା ସରକାର କିମ୍ବା ନିଯୁକ୍ତି ଦେଇଥିବା ସଂସ୍ଥାର ସୁବିଚାରକୁ ଆସେ ନାହିଁ। ସୋମବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏଭଳି ଏକ ଆବେଦନର ବିଚାର କରି ଦେଇଥିବା କଟୁ ମନ୍ତବ୍ୟ ପ୍ରେକ୍ଷାପଟ୍ଟରେ ଆମେ ଏହି ପ୍ରସଙ୍ଗ ଉପସ୍ଥାପନ କରୁଛୁ।

ବିଧିବଦ୍ଧ ଭାବେ ପଦବୀ ସୃଷ୍ଟି ହୋଇ ନଥିଲେ ମଧ୍ୟ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ କର୍ତ୍ତୃପକ୍ଷ ବିଧିବଦ୍ଧ ବିଜ୍ଞାପନ ଓ ସାକ୍ଷାତକାର ମାଧ୍ୟମରେ ୨୦୧୧ ରେ ଦୁଇଜଣ ଇସିଜି ବୈଷୟିକ ସହାୟକଙ୍କୁ ନିଯୁକ୍ତି ଦେଇଥିଲେ। ୨୦୧୪ ରେ ସରକାର ଅନୁରୂପ ୪ଟି ପଦକୁ ମଞ୍ଜୁରୀ ପ୍ରଦାନ କଲେ। ତେଣୁ ସାନି ନିଯୁକ୍ତି ବିଜ୍ଞାପନ ଓ ପରୀକ୍ଷା କରାଗଲା, କିନ୍ତୁ ୩ ବର୍ଷ ପୂର୍ବରୁ କାର୍ଯ୍ୟକରୁଥିବା କର୍ମଚାରୀଙ୍କ ପ୍ରସଙ୍ଗ ବିଚାରକୁ ନିଆଗଲା ନାହିଁ। ସେମାନେ ପ୍ରଶାସନିକ ଟ୍ରିବ୍ୟୁନାଲଠାରୁ ଆରମ୍ଭ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲେ ନ୍ୟାୟ ପାଇବା ଆଶାରେ। ଶେଷରେ ଉଚ୍ଚ ନ୍ୟାୟାଳୟ ଖଣ୍ଡପୀଠ ଏମାନଙ୍କୁ ୩ ମାସ ମଧ୍ୟରେ ସ୍ଥାୟୀ ପଦରେ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଲେ। ସ୍ଥାୟୀ ପଦ ଶୂନ୍ୟ ପଡ଼ିଥିବା ବେଳେ ବର୍ଷ ବର୍ଷ ଧରି ସେହି ସ୍ଥାନରେ ଠିକାରେ କାମ କରାଇବା ଏକ ଅସାଧୁ କର୍ମ ନିୟୋଜନ ଉପାୟ। ପରୋକ୍ଷରେ ଉଚ୍ଚ ନ୍ୟାୟାଳୟ ସରକାରଙ୍କୁ ଏକପ୍ରକାର ଚେତାବନୀ ଦେଇଛନ୍ତି। ଦେଶରେ ବେକାରୀ ସମସ୍ୟା ଦିନକୁ ଦିନ ଭୟଙ୍କର ରୂପ ନେଉଥିବା ବେଳେ ସ୍ଥାୟୀ ପଦପଦବୀରେ ଏହି ଅସ୍ଥାୟୀ ନିଯୁକ୍ତି ନୂଆ ସମସ୍ୟା ସୃଷ୍ଟି କରୁଛି। ସେମାନଙ୍କ ସ୍ୱଳ୍ପ ବେତନ ନା ପେଟକୁ ଅଣ୍ଟୁଛି ନା ପିଠିକୁ। ଅଥଚ ସେମାନଙ୍କୁ ବେକାରମୁକ୍ତ ଭାବେ ଗଣତି କରାଯାଉଛି। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ କେନ୍ଦ୍ରସରକାରଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟାଳୟ ବା ଦପ୍ତରରେ ୯ ଲକ୍ଷ ୬୪ ହଜାର ମଞ୍ଜୁରୀପ୍ରାପ୍ତ ପଦ ଖାଲି ପଡ଼ିଥିବା ବେଳେ ଆମ ରାଜ୍ୟ ସରକାରଙ୍କ ଅଧୀନରେ ଶୂନ୍ୟ ପଡ଼ିଥିବା ପଦବୀ ସଂଖ୍ୟା ୨ ଲକ୍ଷରୁ ଊର୍ଦ୍ଧ୍ୱ। ସରକାରୀ ଦପ୍ତରରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ସଂଖ୍ୟା କେତେ ତାହା ଅସ୍ପଷ୍ଟ। ସରକାରଙ୍କ ଭଳି ବିଭିନ୍ନ ବେସରକାରୀ ଓ କର୍ପୋରେଟ ସଂସ୍ଥା ମଧ୍ୟ ବିଭିନ୍ନ ଏଜେନ୍ସି ଜରିଆରେ ଠିକା ନିଯୁକ୍ତି ଦେଇ ଚାଲିଛି। ସେମାନେ ଏକ ଅନ୍ଧକାରମୟ ଭବିଷ୍ୟକୁ ନେଇ ଜୀବନ ସହ ଯୁଝି ଚାଲିଛନ୍ତି।

ଉଚ୍ଚ ନ୍ୟାୟାଳୟ ଏହି ଠିକା ନିଯୁକ୍ତିକୁ ଏକ ଅସାଧୁ ଉପାୟ ବୋଲି ମନ୍ତବ୍ୟ ଦେଇଥିବା ବେଳେ ଆମେ ଏହାକୁ ସୁଚିନ୍ତିତ ବା ଯୋଜନାବଦ୍ଧ ଶୋଷଣ କହିବାରେ କିଛି ଅସୁବିଧା ନାହିଁ। ଏଠାରେ ଏତିକି କୁହାଯାଇପାରେ କି ଅନ୍ତତଃ ଠିକା କର୍ମଚାରୀଙ୍କ ସକାଶେ କେତେବର୍ଷରେ ସ୍ଥାୟୀ ନିଯୁକ୍ତି ମିଳିବ ତାହାର ପ୍ରାବଧାନ ସରକାର ନିର୍ଦ୍ଧାରଣ କରିବା ଉଚିତ୍।

## ଭାରତ – ଓମାନ ବାଣିଜ୍ୟ ରାଜିନାମା

ଭାରତୀୟ ସାମଗ୍ରୀ ଉପରେ ଆମେରିକା ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ କେନ୍ଦ୍ର କରି ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି ତାହାର ସମାଧାନ ପାଇଁ ଚାଲିଥିବା କଥାବାର୍ତ୍ତାର ନିଷ୍କର୍ଷତା ନେଇ ଅନିଶ୍ଚିତତା ଜାରି ରହିଛି। ଗତ ଅଗଷ୍ଟ ମାସରୁ ଦେଶର ବାଣିଜ୍ୟ ଅର୍ଥନୀତି ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସରକାର ନୂଆ ବଜାର ସନ୍ଧାନରେ ଅଛନ୍ତି। ମଧ୍ୟପ୍ରାଚ୍ୟରେ ଆରବ ଏମିରେଟ ସହ ୨୦୨୨ ରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଚଳିତ ତ୍ରିରାଷ୍ଟ୍ରୀୟ ଗସ୍ତବେଳେ ଓମାନ ସହ ଗୁରୁବାର ଅନୁରୂପ ରାଜିନାମାରେ ଉପନୀତ ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଭାଗରେ ବ୍ରିଟେନ ସହ ମଧ୍ୟ ମୁକ୍ତ ବାଣିଜ୍ୟ କାରବାର ପାଇଁ ରାଜିନାମା ସ୍ୱାକ୍ଷର ହୋଇଥିଲା। ୟୁରୋପୀୟ ରାଷ୍ଟ୍ର ଓ ନ୍ୟୁଜିଲାଣ୍ଡ ସହ ଅନୁରୂପ ନିଷ୍ପତ୍ତିରେ ଉପନୀତ ହେବା ପାଇଁ ଚାଲିଥିବା ଆଲୋଚନା ଏଥିମଧ୍ୟରେ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିଛି। ଗଲଫ୍ ସହଯୋଗ ପରିଷଦ ସହ ମଧ୍ୟ ଆଲୋଚନାର ପଥ ସୁଗମ ହୋଇଛି। ଆମେରିକାଠାରୁ ସୃଷ୍ଟି ହୋଇଥିବା ପ୍ରତିବନ୍ଧକକୁ ଅତିକ୍ରମ କରି ଭାରତୀୟ ସାମଗ୍ରୀର ରପ୍ତାନି ବାଣିଜ୍ୟକୁ ନୂଆ ଦିଗ ଦେବା ପାଇଁ ସରକାରୀ ସ୍ତରରେ ଚାଲିଥିବା ଉଦ୍ୟମ ଗୋଟିକ ପରେ ଗୋଟିଏ ଫଳବତୀ ହେବାରେ ଲାଗିଛି।

ବାଣିଜ୍ୟିକ କାରବାର ଦୃଷ୍ଟିରୁ ଓମାନ ବଜାର ସେଭଳି ବୃହତ୍ ନ ହେଲେ ମଧ୍ୟ ଏହା ଏକ ବାଣିଜ୍ୟିକ ପେଣ୍ଠସ୍ଥଳ, ଯାହାକି ଆଫ୍ରିକୀୟ ରାଷ୍ଟ୍ରମାନଙ୍କର ଭାରତୀୟ ସାମଗ୍ରୀ ଉପଲବ୍ଧତା ପାଇଁ ପଥ ପରିଷ୍କାର କରିବ। ଦୁଇ ରାଷ୍ଟ୍ର ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଭାଗିତା ସକାଶେ ଯେଉଁ ରାଜିମାନା ସ୍ୱାକ୍ଷରିତ ହୋଇଛି ସେଥିରେ ଭାରତ ରପ୍ତାନି କରୁଥିବା ୯୮ ପ୍ରତିଶତ ସାମଗ୍ରୀ ଶୁଳ୍କମୁକ୍ତ ହେବାର ସୁଯୋଗ ପାଇବ। ଓମାନ ମଧ୍ୟ ଅନୁରୂପ ଭାବେ ୯୪.୮୧ ପ୍ରତିଶତ ସାମଗ୍ରୀ ଉପରେ ଟିକସ ସହାୟତା ପାଇବ। ଶ୍ରମଭିତ୍ତିକ ଉତ୍ପାଦ, ବିଶେଷକରି ରତ୍ନ ପଥର, ଅଳଙ୍କାର, ବୟନ ସାମଗୀ, ଚମଡ଼ା ଜାତ ଦ୍ରବ୍ୟ, ଇଂଜିନିୟରିଂ, କୃଷି ଉତ୍ପାଦ, ଫାର୍ମାସ୍ୟୁଟିକାଲ, ମେଡିକାଲ ଯନ୍ତ୍ରାଂଶ, ଅଟୋମୋବାଇଲ୍ କ୍ଷେତ୍ର ଏହି ରାଜିନାମାର ସୁଯୋଗ ନେବ। ସେବା କ୍ଷେତ୍ର ପାଇଁ ସୃଷ୍ଟି ହୋଇଥିବା ବିପୁଳ ସୁଯୋଗ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପୋସାଦାରଙ୍କ ନିଯୁକ୍ତି କ୍ଷେତ୍ର ସଂପ୍ରସାରିତ ହୋଇଛି। ଏକ୍ଷେତ୍ରରେ ସେମାନଙ୍କ ଅବସ୍ଥାନ ସମୟ ସୀମା ୯୦ ଦିନରୁ ୪ ବର୍ଷକୁ ବୃଦ୍ଧି କରାଯାଇଛି। ଓମାନ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ସେବା କ୍ଷେତ୍ର ପାଇଁ ୧୨.୫୨ ବିଲିୟନ ଡଲାର ଖର୍ଚ୍ଚ କରୁଥିବା ବେଳେ ସେଥିରେ ଭାରତର ଅଂଶ ଥିଲା ୫.୩୧ %। ଏହି ରାଜିନାମା ଫଳରେ ଭାରତୀୟଙ୍କ ପାଇଁ ସୁଯୋଗ ସଂପ୍ରସାରିତ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତ ୪.୦୬ ବିଲିୟନ ଡଲାର ସାମଗ୍ରୀ ଓମାନକୁ ରପ୍ତାନି କରିଥିବା ବେଳେ ଓମାନ ରପ୍ତାନି କରିଥିଲା ୬.୫ ବିଲିୟନ ଡଲାର। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ କ୍ଷେତ୍ର ସଂପ୍ରସାରିତ ହୋଇଛି। ଦୁଇ ଦେଶର ଆବଶ୍ୟକତାକୁ ଚାହିଁ ବିଶେଷ ଜ୍ଞାନକୌଶଳ ପ୍ରୟୋଗରେ ଏହି ନିବେଶ ସହାୟକ ହେବ ବୋଲି ଆଶା ରହିଛି।

# ଏକ ପରିବେଶ-ପ୍ରତିକୂଳ ବିମାନ ବନ୍ଦର ପରିକଳ୍ପନା

**ସୁରେନ୍ଦ୍ର ତପସ୍ୱୀ**

ଆମ ଉପକୂଳ ଏକ ବାତ୍ୟାପ୍ରବଣ ଅଞ୍ଚଳ ଭାବେ ବ୍ରିଟିଶ ଶାସନ ସମୟରୁ ଘୋଷଣା କରାଯାଇ ଏହାର ନିରାକରଣ ନିମନ୍ତେ ୧୯୭୨ ମସିହାରୁ ସରକାରୀସ୍ତରରେ ବହୁ ଉଦ୍ୟମ ହୋଇଥିଲେ ହେଁ ବାତ୍ୟାର ପ୍ରକୋପ କମିବା ପରିବର୍ତ୍ତେ ବୃଦ୍ଧି ଘଟୁଛି। ସାଧାରଣତଃ ଅକ୍ଟୋବର, ନଭେମ୍ବର ମାସ ବାତ୍ୟା ସମୟ। ଗୋଟିଏ ବାତ୍ୟାର କ୍ଷତ ନ ଲିଭୁଣୁ ଆଉ ଏକ ବାତ୍ୟା ଓଡ଼ିଶାର ଉପକୂଳ ଅଞ୍ଚଳର ଧନଜୀବନର ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଏଭଳି ସ୍ଥିତିରେ ନିକଟରେ କେନ୍ଦ୍ର ସରକାର ଓଡ଼ିଶାର ପୁରୀ ଭଳି ଏକ ବାତ୍ୟା ଓ ସୁନାମୀ ପ୍ରବଣ ଅଞ୍ଚଳରେ ଏକ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ସମୁଦ୍ର ପୂର୍ବାପେକ୍ଷା ଅଧିକ ଅଶାନ୍ତ ଓ ପ୍ରଳୟମୁଖୀ ହୋଇପଡୁଥିବାରୁ 'ବିଶ୍ୱ ବେସାମରିକ ବିମାନ ପରିଚାଳନା କୌଶଳ ସଂସ୍ଥା' ବିମାନ ବନ୍ଦର ସ୍ଥାପନା ନ କରିବାକୁ ଏହାର ସଭ୍ୟଭୁକ୍ତ ଦେଶମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛି। ଅପରପକ୍ଷେ ଯେଉଁସବୁ ବିମାନ ବନ୍ଦର ସମୁଦ୍ର କୂଳରେ ରହିଛି, ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦିଆଯାଇଛି। ଫଳସ୍ୱରୂପ ଗୋଆ, ବିଶାଖାପାଟଣା, ମୁମ୍ବାଇ ଇତ୍ୟାଦି ବିମାନ ବନ୍ଦରଗୁଡ଼ିକୁ ସମୁଦ୍ରକୂଳଠାରୁ ୫୦-୬୦ କି.ମି ଦୂରକୁ ସ୍ଥାନାନ୍ତରଣ ପ୍ରକ୍ରିୟା ଜାରି ରହିଛି। ତେବେ ସରକାର ଏହାକୁ ଗୁରୁତ୍ୱ ନ ଦେଇ ପୁରୀ ବେଳାଭୂମିରେ ବିମାନ ବନ୍ଦର ନିର୍ମାଣ ଭଳି ଏକ ପରିବେଶ ବିରୋଧୀ ପ୍ରକଳ୍ପ ନିମନ୍ତେ ଅଣ୍ଟା ଭିଡ଼ିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ପ୍ରସ୍ତାବିତ ବିମାନ ବନ୍ଦର ପାଇଁ ୧୨୦୦ ଏକର ଜମି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏବଂ ଅନେକ ବନ୍ୟଜନ୍ତୁଙ୍କ ଆଶ୍ରୟ ସ୍ଥଳ, ବିରଳ ଅଲିଭ୍ ରିଡ୍‌ଲେ କଇଁଚମାନଙ୍କର ଅଣ୍ଡାଦାନ ସ୍ଥଳ ଏବଂ ବିରଳ ୱାଡି ୱାଡି ଡଲ୍‌ଫିନ୍‌ମାନଙ୍କର ବିଚରଣ ସ୍ଥଳ। ଏତଦ୍‌ବ୍ୟତୀତ କେତେକ ବିରଳ ଗୁଳ୍ମ ଏଠାରେ ଦେଖିବାକୁ ମିଳେ। ସବୁଠାରୁ ବଡ଼ କଥା ହେଉଛି ଉକ୍ତ ଜଙ୍ଗଲରୁ ଫଳ, କାଠ, ଶାଗ, ଛତୁ ଆଦି ସଂଗ୍ରହ କରି ପ୍ରାୟ ଏକ ହଜାର ପରିବାର ଜୀବିକା ନିର୍ବାହ କରୁଛନ୍ତି। ବିମାନ ବନ୍ଦର ହେଲେ ଏମାନେ ବିପୁଳ କ୍ଷତି ସହିବେ।

ସରକାରଙ୍କ ଯୁକ୍ତି ଯେ, ଅନ୍ତର୍ଜାତୀୟ ବିମାନ ବନ୍ଦର ହେଲେ ପୁରୀକୁ ବାର୍ଷିକ ପ୍ରାୟ ୪.୫ ଲକ୍ଷ ପର୍ଯ୍ୟଟକ ଆସିବେ। ପୁରୀର ବିକାଶ ହେବ। ଜମିର ମୂଲ୍ୟ ବୃଦ୍ଧି ଘଟିଲେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ପାଇବେ ଏବଂ ଜଗନ୍ନାଥ ସଂସ୍କୃତି ବିଶ୍ୱସ୍ତରରେ ଅଧିକ ପ୍ରଚାର ପ୍ରସାର ହେବ। ପର୍ଯ୍ୟଟନ ଋତୁ ପାଞ୍ଚମାସ, ଅର୍ଥାତ ନଭେମ୍ବର ଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପୁରୀକୁ ବିଦେଶୀ ପର୍ଯ୍ୟଟକ ଆସନ୍ତି। ଗ୍ରୀଷ୍ମ ଦିନେ ଓ ବର୍ଷାଦିନେ ବାରମ୍ବାର ଲଘୁଚାପ ଓ ଅଶାନ୍ତ ସମୁଦ୍ର ହେତୁ କୌଣସି ବିଦେଶୀ ପର୍ଯ୍ୟଟକ ପୁରୀ ଆସନ୍ତି ନାହିଁ। ଯେଉଁ ମୁଷ୍ଟିମେୟ ବିଦେଶୀ ପର୍ଯ୍ୟଟକ ଆସନ୍ତି ସେମାନଙ୍କୁ ମନ୍ଦିର ପ୍ରବେଶ ନିଷେଧ। ସେମାନଙ୍କ ରହଣି ପାଇଁ ଗୋଟିଏ ବି ପଞ୍ଚତାରକା ହୋଟେଲ ପୁରୀରେ ନାହିଁ କିମ୍ବା ଏକ ସୁସଂଗଠିତ, ସ୍ୱଚ୍ଛ, ସୁରକ୍ଷିତ ବେଳାଭୂମି ନାହିଁ। ପୁରୀଠାରୁ ମାତ୍ର ଷାଠିଏ କିମି ଦୂରତାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଅଛି, ଯେଉଁଠୁ ସଡ଼କ ପଥରେ ପୁରୀ ଆସିବା ପାଇଁ ମାତ୍ର ୪୦ ମିନିଟ୍ ସମୟ ଲାଗେ।

୨୦୨୩ ମସିହାରୁ ଭୁବନେଶ୍ୱର ବିମାନ ବନ୍ଦର ନ୍ତର୍ଜାତୀୟ ମାନ୍ୟତା ପାଇବ ପରଠାରୁ ଆଶାନୁରୂପକ ସଫଳତା ପାଉପାରିନାହିଁ। କାରଣ ଅନ୍ତର୍ଜାତୀୟ ବିମାନ ବନ୍ଦର ଘୋଷଣା ପରେ ଏଠାରୁ ଉଡ଼ାଣ କରୁଥିବା ଇଣ୍ଡିଗୋ- ୨୬, ଏୟାର ଇଣ୍ଡିଆ ୩, ଏୟାର ଇଣ୍ଡିଆ ଏକ୍ସପ୍ରେସ୍-୧୩, ଆକାସା-୧, ଇଣ୍ଡିଆ ୱାନ-୫ ଏହିପରି ମୋଟ ୪୬ଟି ବିମାନ ଉଡ଼ାଣ କରୁଛନ୍ତି। ତେବେ ଏହି ଆକାଶ ବଜାରରେ ଯାତ୍ରୀଙ୍କ ସଂଖ୍ୟା ଆଶାନୁରୂପକ ହେଉ ନଥିବାରୁ ବିମାନ ବନ୍ଦର କ୍ଷତିରେ ଚାଲୁଛି। ତେଣୁ ଘରୋଇ ବିମାନଗୁଡ଼ିକର ଉଡ଼ାଣଜନିତ କ୍ଷତିକୁ ଭରଣା କରିବା ପାଇଁ ରାଜ୍ୟ ସରକାର ଅଗଷ୍ଟ ୨୦୨୫ ସୁଦ୍ଧା ୧୭୦ କୋଟି ଟଙ୍କା ସାଧନଯୋଗ୍ୟ ସହାୟତା (ଭିଜିଏଫ୍) ରାଶି ଯୋଗାଇଛନ୍ତି। ଏତଦ୍‌ବ୍ୟତୀତ ବିଦେଶ ଓ ଦେଶ ଭିତରେ କେତେକ ବିମାନକୁ ଯାତ୍ରାପଥ ପିଛା ଯଥାକ୍ରମେ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କା ସାଧନ ସହାୟତା ଯୋଗାଉଛନ୍ତି।

ଅପରପକ୍ଷେ ସିଏଜି ରିପୋର୍ଟ ଅନୁଯାୟୀ କେନ୍ଦ୍ର ସରକାରଙ୍କ 'ଉଡ଼େ ଦେଶ୍‌କା ଆମ ନାଗରିକ(ଉଡ଼ାନ୍)' ଯୋଜନା ବିଫଳ ହୋଇଛି। କାରଣ 'ବନ୍ଦେ ଭାରତ' ଭଳି ଦ୍ରୁତଗାମୀ ଟ୍ରେନ୍, ସଂପ୍ରସାରିତ ରାଜପଥ ଯୋଗୁଁ ଦୁରନ୍ତ ଅଞ୍ଚଳକୁ ଯାତ୍ରା କରୁଥିବା ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ବସଗୁଡ଼ିକର ବ୍ୟାପକ ପ୍ରଚଳନ ହେତୁ ସାଧାରଣ ଜନତା ବିମାନ ସେବା ବଦଳରେ ସଡ଼କ ଓ ରେଳ ସେବାକୁ ଅଧିକ ପସନ୍ଦ କରୁଛନ୍ତି।

ଏଭଳି ସ୍ଥିତିରେ ପୁରୀରେ ଏକ ଅନ୍ତର୍ଜାତୀୟ 'ଗ୍ରୀନ ଫିଲ୍‌ଡ ବିମାନ ବନ୍ଦର' ପାଇଁ ସରକାରଙ୍କ ପ୍ରସ୍ତାବଟି ଚିନ୍ତାଜନକ ବିଷୟ। କାରଣ ପୁରୀରେ ବିମାନ ବନ୍ଦର ହେଲେ ଲକ୍ଷ ଲକ୍ଷ ବୃକ୍ଷ ଛେଦନ ସହିତ ଶହଶହ ବାଲୁବନ୍ତଗୁଡ଼ିକୁ ଭାଙ୍ଗିବାକୁ ପଡ଼ିବ। ପରିଣାମ ସ୍ୱରୂପ ବାତ୍ୟା ଓ ସାମୁଦ୍ରିକ ଜୁଆର ପ୍ରକୋପ ବୃଦ୍ଧି ପାଇବ। ସମୁଦ୍ର ଗର୍ଭରୁ ଅଣ୍ଡା ଦେବା ପାଇଁ ଆସୁଥିବା ଅଲିଭ ରିଡଲେ କଇଁଚମାନଙ୍କ ଆଗମନ ବାଧାପ୍ରାପ୍ତ ହେବା ସହିତ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ପ୍ରତି କେବଳ ସମସ୍ୟା ହେବ ନାହିଁ, ଉଡ଼ାଣ ଜନିତ 'ବାର୍ଡହିଟ୍' ଆଶଙ୍କା ଦେଖାଯାଇପାରେ। ଅନ୍ୟପଟେ ପୁରାତନ କୀର୍ତ୍ତିରାଜି ଶ୍ରୀମନ୍ଦିର ପ୍ରତି ମଧ୍ୟ ବିପଦ ଦେଖାଯିବ। ସାଧାରଣତଃ ଅନ୍ତର୍ଜାତୀୟସ୍ତରୀୟ ଉଡ଼ାଣ ହେଉଥିବା ବିମାନଗୁଡ଼ିକ ପ୍ରାୟତଃ ୪ଇଞ୍ଜିନ ବିଶିଷ୍ଟ। ଏହାର ଉଡ଼ାଣ ବେଳେ ଉତ୍ପନ୍ନ ହେଉଥିବା ଶବ୍ଦତରଙ୍ଗ ଜନିତ କମ୍ପନ ଶ୍ରୀମନ୍ଦିର ପ୍ରତି କ୍ଷତି ପହଁଚାଇବ ନାହିଁ ତ? ଯେଉଁଥିପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ସଂସ୍ଥାର ମହାନିର୍ଦ୍ଦେଶକ (ଡିଜିସିଏ) ଶ୍ରୀମନ୍ଦିର ନିକଟବର୍ତ୍ତୀ ଅଞ୍ଚଳର ଭୂମିଠାରୁ ୫୦ ହଜାର ଫୁଟ ଉଚ୍ଚ ଆକାଶ ଅଞ୍ଚଳକୁ 'ରେଡ୍ ଜୋନ୍' ବା 'ନୋ ଫ୍ଲାଇ ଜୋନ୍' ଘୋଷଣା କରିଛନ୍ତି।

ଅପରପକ୍ଷରେ 'ଭାରତ ବିମାନ ବନ୍ଦର ଆଇନ୍ ୧୯୯୪' ଅନୁଯାୟୀ ଗୋଟିଏ ବିମାନ ବନ୍ଦର ଅବସ୍ଥିତିଠାରୁ ୧୫୦ କି.ମି ଦୂରତା ମଧ୍ୟରେ ଭିନ୍ନ ଏକ ବିମାନ ବନ୍ଦର ସ୍ଥାପନା କରାଯାଇ ପାରିବ ନାହିଁ। ପୁନଃଶ୍ଚ ଆଇନ୍ ୧୯୩୪ ଅନୁଯାୟୀ ଦେଶର ସମସ୍ତ ସରକାରୀ ଓ ଘରୋଇ ବିମାନ ଏବଂ ବିମାନ ବନ୍ଦରଗୁଡ଼ିକର ଉନ୍ନତିକରଣ ଓ ପରିଚାଳନା ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ମହାନିର୍ଦ୍ଦେଶକଙ୍କ ସୂଚନାରୁ ସ୍ପଷ୍ଟ। ଏଭଳି ଏକ ସ୍ପର୍ଶକାତର ତଥା ସମ୍ବେଦନଶୀଳ ପ୍ରସଙ୍ଗକୁ ଯଦି ସରକାର ଗୁରତ୍ୱର ସହିତ ବିଚାର ନ କରିବେ ତେବେ ଜନପ୍ରତିବାଦ ତେଜିବ।

ଏଭଳି ସ୍ଥିତିରେ ବିଚାର କରାଗଲେ ଧନଜୀବନ ସୁରକ୍ଷା, ବ୍ୟବସାୟିକ, ସାଂସ୍କୃତିକ ଓ ପରିବେଶ କୌଣସି ଗୋଟିଏ ଦିଗରୁ ମଧ୍ୟ ପୁରୀରେ ବିମାନ ବନ୍ଦର ପରିକଳ୍ପନା ଅନୁକୂଳ ନୁହେଁ। ଯଦି ସରକାର ବାସ୍ତବରେ ଜନଗଣଙ୍କ ବିକାଶ ଚାହୁଁଛନ୍ତି ତେବେ ଭଲ ସୁଦୀର୍ଘ ବେଳାଭୂମି ଅଞ୍ଚଳରେ ବ୍ୟାପକ ବନୀକରଣ ସହିତ ପାରମ୍ପରିକ କୃଷି ବା ଜୈବିକ କୃଷି ପ୍ରଣାଳୀ (ପ୍ରୋମାକଲଚର)ର ଏକ ପ୍ରୟୋଗଶାଳା ଖୋଲନ୍ତୁ। ଯାହା ହଜାର ହଜାର ଲୋକଙ୍କୁ ନିଯୁକ୍ତିର ସୁଯୋଗ ସୃଷ୍ଟି ସହିତ ଉପକୂଳ ଅଞ୍ଚଳର ଜୈବ ବିବିଧତାକୁ ସୁରକ୍ଷା ଦେବ। କହିବା ବାହୁଲ୍ୟ ଯେ, ଯେବେଠାରୁ ପୁରୀରେ ଗ୍ରୀନଫିଲ୍‌ଡ ଆନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି ସେହିଦିନଠାରୁ ବିଭିନ୍ନ ଜନଶୁଣାଣିରେ ସ୍ଥାନୀୟ ଅଧିବାସୀ ଓ ପରିବେଶବିତ୍‌ମାନେ ଏହାକୁ ବିରୋଧ କରିଛନ୍ତି। ଏହା ବିରୁଦ୍ଧରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ମାମଲା ଦାୟର କରିଛନ୍ତି। ତେବେ ବିଡ଼ମ୍ବନାର ବିଷୟ ଏହି ଯେ, କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ନିଜର ହୀନ ଉଦ୍ୟମକୁ ସାର୍ଥକ କରିବା ପାଇଁ ବିମାନ ବନ୍ଦର ସପକ୍ଷରେ ନାନା ଗୁଜବ ପ୍ରଚାରରେ ଲିପ୍ତ ଅଛନ୍ତି। ବେଳାଭୂମିର ପରିବେଶ ଓ ଜନଗଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ଏହାର ପୁନର୍ବିଚାର କରିବା ଦରକାର।

ପୁରୀ, ମୋ: ୮୨୪୯୧୬୩୪୩୯

# ସଙ୍କେତ ସତ କୁହେ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ରାଜସ୍ଥାନ ଯୋଧପୁର ଜୟ ନାରାୟଣ ବ୍ୟାସ ବିଶ୍ୱବିଦ୍ୟାଳୟ ଜୀବବିଜ୍ଞାନ ବିଭାଗର ଅଧ୍ୟୟନରୁ ପ୍ରମାଣିତ ହୋଇଛି ଯେ, ପକ୍ଷୀମାନଙ୍କର ବସା ନିର୍ମାଣଠାରୁ ଆରମ୍ଭ କରି ପଶୁମାନଙ୍କ ଆଚରଣରୁ ପାଣିପାଗ ସଙ୍କେତ ଚିହ୍ନଟ କରାଯାଇପାରିବ। 'ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ଏନଭାୟର୍ନମେଣ୍ଟାଲ୍ ସାଇନ୍ସ'ରେ ପ୍ରକାଶିତ ଏହି ଗବେଷଣାରେ କୁହାଯାଇଛି ଯେ ପଶୁ ଆଚରଣରୁ ୮୦% ସଠିକତା ସହିତ ପାଣିପାଗ ପୂର୍ବାନୁମାନ କରିହେବ। ବିଶ୍ୱବିଦ୍ୟାଳୟର ଗବେଷକ ଦଳ କହିଛନ୍ତି ଯେ ପ୍ରାକୃତିକ ସଙ୍କେତଗୁଡ଼ିକ ଆଜି ମଧ୍ୟ ପ୍ରଭାବଶାଳୀ। ପଶୁ ଓ ପକ୍ଷୀଙ୍କ ଆଚରଣ ପାଣିପାଗର ପୂର୍ବାନୁମାନ କରିପାରିବ। ବୈଜ୍ଞାନିକ ଅଧ୍ୟୟନ ଏହି ତଥ୍ୟଗୁଡ଼ିକୁ ନିଶ୍ଚିତ କରିଛି।

ଏହି ଅଧ୍ୟୟନରୁ ପ୍ରମାଣିତ ହୋଇଛି ଯେ ଗାଁ ଲୋକଙ୍କ ଦ୍ୱାରା ବ୍ୟବହୃତ ଏହି ପାରମ୍ପରିକ ଜ୍ଞାନକୁ ଏବେ ବୈଜ୍ଞାନିକ ଭାବରେ ବୈଧ କରାଯାଇଛି। ଉଦାହରଣ ସ୍ୱରୂପ ମୟୂରର ନାଚ କିମ୍ବା ଚିତ୍କାର ମୌସୁମୀ ଆରମ୍ଭର ସଙ୍କେତ ଦିଏ। ସେହିପରି ପିମ୍ପୁଡ଼ି ଖାଦ୍ୟ ସଂଗ୍ରହ କରିବା ମରୁଡ଼ିର ସଙ୍କେତ ଦିଏ। ସାପ ଗଛରେ ଚଢ଼ିବା ବର୍ଷା ସମ୍ଭାବନାର ପୂର୍ବାନୁମାନ। ସେହିପରି ସିଆଳର ଉପସ୍ଥିତି କ୍ଷେତରେ ମୂଷାଙ୍କ ନିୟନ୍ତ୍ରଣକୁ ସୂଚିତ କରେ। ଯଦି ଏକ ପକ୍ଷୀ କିମ୍ବା ଚଢ଼େଇ ଘରେ ବସା ତିଆରି କରନ୍ତି, ତାହା ସମୃଦ୍ଧି ଓ ପ୍ରଗତିର ଏକ ସଙ୍କେତ। ପକ୍ଷୀମାନଙ୍କ ପାଣିପାଗ ସଙ୍କେତଗୁଡ଼ିକ ମଧ୍ୟରେ ସେମାନଙ୍କର କମ୍-ଉଚ୍ଚତା ଉଡ଼ାଣ ବର୍ଷାର ସଙ୍କେତ, ଉଚ୍ଚ-ଉଚ୍ଚତା ଉଡ଼ାଣ ଭଲ ପାଗକୁ ସଙ୍କେତ କରେ। ପକ୍ଷୀମାନଙ୍କର ଡାକ ଯଥା ପେଚାର ହୁଙ୍କାର କିମ୍ବା ମୟୂରର ନାଚ ବର୍ଷାର ସଙ୍କେତ ବୋଲି ବିବେଚନା କରାଯାଏ। ସେମାନେ ଝଡ଼ ପୂର୍ବରୁ ପ୍ରଚୁର ପରିମାଣରେ ଖାଦ୍ୟ ଖାଇଥା'ନ୍ତି।



ରାଜସ୍ଥାନ ଗ୍ରାମାଞ୍ଚଳର ଭିଲ, ମୀନା ଓ ବଞ୍ଜାରା ସମ୍ପ୍ରଦାୟର ଲୋକମାନେ ଏବେ ବି ପଶୁପକ୍ଷୀଙ୍କ ସଙ୍କେତକୁ ଅନୁସରଣ କରନ୍ତି। ଉଦାହରଣ ସ୍ୱରୂପ, ଯେତେବେଳେ ଲାଲ ପିମ୍ପୁଡ଼ି ସେମାନଙ୍କର ଅଣ୍ଡା ଘୁଞ୍ଚାଏ, ତାହା ବର୍ଷା ଆସିବାକୁ ସୂଚିତ କରେ। ଏହା ପରିବେଶ ପ୍ରଣାଳୀରେ ପ୍ରାଣୀଙ୍କ ପୂର୍ବାନୁମାନ ବୁଦ୍ଧିମତ୍ତାକୁ ପ୍ରତିଫଳିତ କରେ। ରାଜସ୍ଥାନର ମାରୱାଡ଼ ଗ୍ରାମରେ ପାଣିପାଗ ପୂର୍ବାନୁମାନ କରିବା ପାଇଁ ପ୍ରକୃତିର ସଙ୍କେତଗୁଡ଼ିକୁ ଏବେ ମଧ୍ୟ ଅନୁସରଣ କରାଯାଏ। ବିଜ୍ଞାନ ପାଣିପାଗ ପୂର୍ବାନୁମାନ ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ବିକଶିତ କରିଥିବା ବେଳେ ଏହି ପାରମ୍ପରିକ ପଦ୍ଧତିଗୁଡ଼ିକ ବହୁତ ଉପଯୋଗୀ। ଏହି ପ୍ରାଚୀନ ପ୍ରଥାଗୁଡ଼ିକୁ ବର୍ତ୍ତମାନ ଆଧୁନିକ ବିଜ୍ଞାନ ମାଧ୍ୟମରେ ଆହୁରି ବୈଧ କରାଯାଉଛି।

କିଛି ଗ୍ରାମୀଣ ପରମ୍ପରା ପକ୍ଷୀଙ୍କ ବସା ସ୍ଥାନକୁ ମଧ୍ୟ ପାଗର ସୂଚକ ଭାବରେ ବିବେଚନା କରେ। ପେଚାର ଚିତ୍କାର ଏବଂ ଧୂଳିରେ ଚଢ଼େଇର ଗଡ଼ିବା ବର୍ଷାର ସଙ୍କେତ ବୋଲି ବିବେଚନା କରାଯାଏ। ଯଦି କାଉ କଣ୍ଟା ଗଛରେ ବସା ତିଆରି କରେ ତେବେ ଏହାକୁ କମ୍ ବର୍ଷାର ସଙ୍କେତ ଭାବରେ ଦେଖାଯାଏ। ସେହିପରି ଉଚ୍ଚ ଆକାଶରେ ପକ୍ଷୀମାନେ ଉଡ଼ିଲେ ବର୍ଷା ହେବାର କୌଣସି ସମ୍ଭାବନା ନାହିଁ। କାଉମାନେ ଯୋଡ଼ା ହୋଇ ଉଡ଼ିବା ମଧ୍ୟ ଭଲ ପାଗକୁ ସୂଚିତ କରନ୍ତି। ବର୍ଷା ପୂର୍ବରୁ କୁକୁଡ଼ାମାନେ ଅସ୍ଥିର ହୋଇଯାଆନ୍ତି କିମ୍ବା ଧୂଳିରେ ନିଜକୁ ଘଷି ଦିଅନ୍ତି। ହଂସର ବକ୍ଷସ୍ଥଳର ଲାଲ କିମ୍ବା ଗାଢ଼ ରଙ୍ଗ ଶୀତ ଓ ଝଡ଼କୁ ସୂଚାଇପାରେ। ଯଦି ସାରସ ଆକାଶରେ ବୃତ୍ତାକାର ବୃତ୍ତରେ ଉଡ଼ନ୍ତି, ତେବେ ଏହା ଆସନ୍ନ ବର୍ଷାର ସଙ୍କେତ। ଯେତେବେଳେ ପକ୍ଷୀମାନେ ଏକାଠି ହୁଅନ୍ତି ଏବଂ ଡେଣା ଫଡ଼ ଫଡ଼ କରନ୍ତି, ସେତେବେଳେ ପାଗରେ ପରିବର୍ତ୍ତନ ଆଶା କରାଯାଏ। ଚାତକକୁ ବର୍ଷା ପକ୍ଷୀ ଭାବରେ ବିବେଚନା କରାଯାଏ ଏବଂ ଏହାର ଆଗମନ ମୌସୁମୀ ଋତୁର ସଙ୍କେତ ଦିଏ।

ବାସ୍ତବରେ ଏହା ହେଉଛି ପ୍ରାଣୀମାନଙ୍କ ବିଷୟରେ ଆମର ପାରମ୍ପରିକ ଜ୍ଞାନ, ଯାହାକୁ ଆମର ପୂର୍ବପୁରୁଷମାନେ ବହୁତ ସମ୍ମାନ କରୁଥିଲେ। ମଣିଷ ବହୁଦିନ ଧରି ପକ୍ଷୀଙ୍କ ଆଚରଣକୁ ପରିବର୍ତ୍ତନଶୀଳ ଋତୁର ସୂଚକ ଭାବରେ ବ୍ୟବହାର କରିଆସୁଛି। ଅନେକ ଲୋକକଥା ଏବଂ କାହାଣୀ ଅଛି, ଯାହା ସୂଚାଇ ଦିଏ ଯେ ପକ୍ଷୀ ଆଚରଣରେ ବୃଦ୍ଧି କିମ୍ବା ହ୍ରାସ ଗୋଟିଏ ଅଧ୍ୟାୟର ଶେଷ ଏବଂ ଏକ ନୂତନ ଅଧ୍ୟାୟର ଆରମ୍ଭକୁ ସଙ୍କେତ କରେ। ଆମ ମଧ୍ୟରୁ ଅଧିକାଂଶ ଏହି ସଂଯୋଗକୁ ଭୁଲି ଯାଇଛନ୍ତି। ପକ୍ଷୀ ପରୀକ୍ଷକ ଶୀତକାଳରେ ପକ୍ଷୀମାନଙ୍କୁ ରଙ୍ଗୀନ ରଙ୍ଗରେ ପରିବର୍ତ୍ତନ ହେବା ଦେଖି ଉତ୍ସାହିତ ହୁଅନ୍ତି। ପ୍ରବାସୀ ପକ୍ଷୀମାନେ ମଧ୍ୟ ଅନେକ ପୂର୍ବାନୁମାନଯୋଗ୍ୟ ଭବିଷ୍ୟବାଣୀ ପ୍ରଦାନ କରନ୍ତି। ଉଦାହରଣ ସ୍ୱରୂପ, ମର୍କିଂବର୍ଡ ଓ ବ୍ଲାକବର୍ଡଙ୍କ ରାତିର କିଚିରିମିଚିରି ଶବ୍ଦ ସୂଚାଇଥାଏ ଯେ ଗରମ ଦିନ ଆସୁଛି। ଅନେକ ପ୍ରବାସୀ ପକ୍ଷୀ ଶୀତର ଆଗମନ କିମ୍ବା ପ୍ରସ୍ଥାନକୁ ସଙ୍କେତ ଦିଅନ୍ତି। ପରିବେଶ ଦୃଷ୍ଟିରୁ ପକ୍ଷୀମାନଙ୍କର ଅଧ୍ୟୟନ ଆମକୁ ପରିବେଶଗତ ସନ୍ତୁଳନ ବୁଝିବାରେ ସାହାଯ୍ୟ କରେ। ସେମାନେ କୀଟପତଙ୍ଗ ନିୟନ୍ତ୍ରଣ, ପରାଗପଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ମୃତ ପ୍ରାଣୀ ଓ ଅଳିଆ ସଫା କରିବାରେ ପକ୍ଷୀମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ପକ୍ଷୀମାନଙ୍କର ବୈଜ୍ଞାନିକ ଅଧ୍ୟୟନ ଆମକୁ ସେମାନଙ୍କର ଆଚରଣ, ସ୍ଥାନାନ୍ତର, ପ୍ରଜନନ ଓ ଶାରୀରିକ ବୈଶିଷ୍ଟ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବୁଝିବାରେ ସାହାଯ୍ୟ କରେ। ଆମକୁ କେବଳ ଏହି ଜ୍ଞାନକୁ ବୁଝିବା ଏବଂ ଏହାର ବୈଜ୍ଞାନିକ ପ୍ରୟୋଗଗୁଡ଼ିକୁ ଚିହ୍ନିବାକୁ ହେବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

**ପ୍ରବୀର କୁମାର ପଟ୍ଟନାୟକ**

**ଦ୍ୱିତୀୟ-ବୁଦ୍ଧ କଥା**

ପଦ୍ମସମ୍ଭବ ବିଶ୍ୱର ଜଣେ ମହାନ୍ ଧାର୍ମିକ ଗୁରୁ ତଥା ଅଗ୍ରଣୀ ପଥପ୍ରଦର୍ଶକ। ସେ ହେଉଛନ୍ତି ବୌଦ୍ଧ ଜଗତର ଦ୍ୱିତୀୟ ବୁଦ୍ଧ। ବହୁ ଦେଶରେ ଉପସ୍ଥିତି ଜାହିର କରିଥିବା ତିବ୍ବତୀୟ ବୌଦ୍ଧ ଧର୍ମର କୋଟିକୋଟି ଅନୁଗାମୀ ଏବଂ ସମର୍ଥକମାନେ ତାଙ୍କୁ ଅସାମାନ୍ୟ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିଥା'ନ୍ତି। ସେ ହେଉଛନ୍ତି ଭାରତୀୟ। ଜୀବନର ପ୍ରଥମାବସ୍ଥା ତଥା ଶେଷାବସ୍ଥାରେ ଦୀର୍ଘ ବର୍ଷ ସେ ଭାରତରେ ବିତାଇଛନ୍ତି ଏବଂ ଏହି ଭାରତରେ ହିଁ ସେ ବୋଧି ବା ସିଦ୍ଧି ଲାଭ କରିଛନ୍ତି। କିନ୍ତୁ ତାଙ୍କ ନିଜ ଦେଶ ଭାରତରେ ତାଙ୍କୁ ପ୍ରାୟ ସମସ୍ତେ ଭୁଲି ଯାଇଛନ୍ତି। ବହୁ କମ୍‌ସଂଖ୍ୟକ ଲୋକ ତାଙ୍କ ବିଷୟରେ ତଥା ତାଙ୍କର ଆଶ୍ଚର୍ଯ୍ୟଜନକ ଧାର୍ମିକ କାର୍ଯ୍ୟକଳାପ, କୀର୍ତ୍ତି ତଥା ସାଫଲ୍ୟ ସଂପର୍କରେ ଜାଣିଛନ୍ତି ଅଥବା ଲିପିବଦ୍ଧ କରିଛନ୍ତି। ଦେଶ ବାହାରେ ଏକ ବିରାଟ ଭୂଖଣ୍ଡରେ ତାଙ୍କର କୀର୍ତ୍ତିମୟ ତଥା ଯଶୋମୟ କାର୍ଯ୍ୟକଳାପ ସବୁ ଆମ ପାଖରେ ଅନ୍ଧକାରରେ ରହିଯାଇଛି। ଆମ ଦେଶର ସାହିତ୍ୟ, ଇତିହାସ, ଏପରିକି ବୌଦ୍ଧ ସମୁଦାୟ ମଧ୍ୟ ତାଙ୍କ ବିଷୟରେ ନୀରବ।

ପଦ୍ମସମ୍ଭବଙ୍କ କାର୍ଯ୍ୟକାଳ ଥିଲା ମୁଖ୍ୟତଃ ଅଷ୍ଟମ-ନବମ ଶତାବ୍ଦୀ ମଧ୍ୟରେ। ଏବେ ସମଗ୍ର ବିଶ୍ୱରେ ତାଙ୍କର ଯେଉଁ ଧାର୍ମିକ କାର୍ଯ୍ୟକଳାପ ଆଲୋଚନାର ବିଷୟବସ୍ତୁ ପାଲଟିଛି ତାହା ମୁଖ୍ୟତଃ ତିବ୍ବତ ତଥା ତାହା ଚାରିପାଖରେ ବ୍ୟାପୀ ରହିଥିବା ହିମାଳୟ ଅଞ୍ଚଳରେ ହିଁ ସୀମିତ ଥିଲା। ଏଥିରେ ଭାରତବର୍ଷର ହିମାଳୟ ଅଞ୍ଚଳ ଓ ସିକ୍କିମ, ଭୁଟାନ, ଅରୁଣାଚଳ, ହିମାଚଳ ଓ ଲଦାଖ ଅଞ୍ଚଳ ମଧ୍ୟ ରହିଥିଲା। ଏହି କାରଣ ଯୋଗୁଁ ତାଙ୍କ ସମ୍ବନ୍ଧରେ ବହୁତ କମ୍ ଐତିହାସିକ ତଥ୍ୟ ଭାରତବର୍ଷରେ ରହିଛି। ଏବେ ପଦ୍ମସମ୍ଭବଙ୍କ ସମ୍ପର୍କରେ ଯେତିକି ତଥ୍ୟ ଆମଙ୍କୁ ଉପଲବ୍ଧ, ତାହା ମୁଖ୍ୟତଃ ତିବ୍ବତୀୟ ସୂତ୍ରରୁ ପ୍ରାପ୍ତ ଏବଂ ତାହା ମଧ୍ୟ ତିବ୍ବତୀୟ ବୌଦ୍ଧଗ୍ରନ୍ଥ ଏବଂ କିମ୍ବଦନ୍ତୀମୂଳକ ଜୀବନଚରିତଗୁଡ଼ିକରୁ।

ପଦ୍ମସମ୍ଭବଙ୍କ କାଳ ମୁଖ୍ୟତଃ ଅଷ୍ଟମ ଶତାବ୍ଦୀ ଥିଲା ବୌଦ୍ଧଧର୍ମର ଘୋର ପରିବର୍ତ୍ତନ ଅଥବା ସଂପୂର୍ଣ୍ଣ ରୂପାନ୍ତରକରଣର କାଳ। ଏହି କାଳ ବେଳକୁ ବୌଦ୍ଧଧର୍ମ ସଂପୂର୍ଣ୍ଣ ରୂପାନ୍ତରିତ ହୋଇ ତାନ୍ତ୍ରିକ ବୌଦ୍ଧ ଧର୍ମରେ ପରିଣତ ହୋଇଯାଇଥିଲା। ଏହାର ଅନୁଗାମୀମାନେ ମୁଖ୍ୟତଃ ପୂର୍ବ ଭାରତୀୟ ଅଞ୍ଚଳ ଓଡ଼ିଶା, ମଗଧ (ବିହାର), ବଙ୍ଗ ଓ ଆସାମ ଆଦି ଅଞ୍ଚଳରେ ହିଁ କେନ୍ଦ୍ରିତ ହୋଇଥିଲେ। ଦେଶର ଅନ୍ୟ ଅଞ୍ଚଳଗୁଡ଼ିକରେ ବୌଦ୍ଧଧର୍ମର ଘୋର ଅବନତି ଘଟିସାରିଥିଲା ଏବଂ ଏହାର ଶକ୍ତି ଓ ପ୍ରଭାବ ନିମ୍ନଗାମୀ ହୋଇଥିଲା ଅଥବା ହେଉଥିଲା। ଗାନ୍ଧାର- କାଶ୍ମୀର ଅଞ୍ଚଳରେ ତ ସପ୍ତମ ଶତାବ୍ଦୀ ସମୟକୁ ହୁଏନସାଂଙ୍କ ଭାରତ ଭ୍ରମଣ କାଳକୁ ବୌଦ୍ଧ ଧର୍ମ ଏକପ୍ରକାର ଲୋପ ପାଇ ସାରିଥିଲା। ବୌଦ୍ଧବିହାରଗୁଡ଼ିକ ଭଗ୍ନ ଏବଂ ପରିତ୍ୟକ୍ତ ଅବସ୍ଥାକୁ ଚାଲିଆସିବା ସହ ଭିକ୍ଷୁ ଏବଂ ବୌଦ୍ଧସନ୍ନ୍ୟାସୀଶୂନ୍ୟ ହୋଇସାରିଥିଲା। ହୁଏନସାଂ ଜଣେ ମହାଯାନ ବୌଦ୍ଧ ଧର୍ମର ଅନୁଗାମୀ ଥିଲେ। ସେ ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳ ତାମଲୁକ ବା ତାମ୍ରଲିପ୍ତ, ଓଡ୍ର, କଙ୍ଗୋଦ, କଳିଙ୍ଗ ଏବଂ କୋଶଳ (ଦକ୍ଷିଣ କୋଶଳ) ଭ୍ରମଣ ଏବଂ ଏ ସମସ୍ତ ଅଞ୍ଚଳରେ ତାଙ୍କ ସମୟକୁ ମହାଯାନ ବୌଦ୍ଧଧର୍ମ ଅତ୍ୟନ୍ତ ଉନ୍ନତ ତଥା ସମୃଦ୍ଧ ଅବସ୍ଥାରେ ରହିଥିବା ପ୍ରସଙ୍ଗ ସେ ଦର୍ଶାଇଛନ୍ତି।

ଓଡ଼ିଶା ହେଉଛି ମହାଯାନ ବୌଦ୍ଧଧର୍ମର ଉତ୍ପତ୍ତି ସ୍ଥଳ। ଏହା ଏକ ପ୍ରତିଷ୍ଠିତ ତଥା ପ୍ରମାଣସିଦ୍ଧ ପ୍ରସଙ୍ଗ। ଲାମା ତାରାନାଥଙ୍କ ତଥ୍ୟ ଅନୁଯାୟୀ ମହାଯାନ ଏହି ଓଡ଼ିଶାରେ ହିଁ ଜନ୍ମ ଲାଭ କରିଛି। ଓଡ଼ିଶା ମଧ୍ୟ ସେହି ସ୍ଥାନ, ଯେଉଁଠି ବୌଦ୍ଧଧର୍ମର ମହାଯାନ ଅନ୍ତର୍ଗତ ଯୋଗାଚାର ଶାଖାରୁ ତିନୋଟି ଯାକ ତାନ୍ତ୍ରିକ ଶାଖା ବଜ୍ରଯାନ, ସହଜଯାନ ଓ କାଳଚକ୍ରଯାନ ମଧ୍ୟ ଉଦ୍ଭବ ହୋଇଛନ୍ତି। ଅର୍ଥାତ୍ ସମଗ୍ର ତାନ୍ତ୍ରିକ ବୌଦ୍ଧଧର୍ମର ଉତ୍ପତ୍ତି ତଥା ବିକାଶ କ୍ଷେତ୍ର ହେଉଛି ଓଡ଼ିଶା। ଉଡ୍ଡୀୟାନ କ୍ଷେତ୍ର (ଓଡ଼ିଶା)ର ସମ୍ଭଳ (ସମ୍ବଲପୁର) ରାଜା ତଥା ସିଦ୍ଧ ଇନ୍ଦ୍ରଭୂତି ହେଉଛନ୍ତି ବଜ୍ରଯାନର ପ୍ରବର୍ତ୍ତକ। ତାଙ୍କ ଭଗିନୀ ଏବଂ ଶିଷ୍ୟା ସିଦ୍ଧ ଲକ୍ଷ୍ମୀଙ୍କରା ଯେ କି ଉଡ୍ଡୀୟାନ କ୍ଷେତ୍ର ଅନ୍ତର୍ଗତ ଲଙ୍କାପୁରୀ (ସୋନପୁର)ର ରାଜବଧୂ ଥିଲେ, ସେ ମଧ୍ୟ ବ୍ୟବସ୍ଥିତ ଢଙ୍ଗରେ ସହଜଯାନର ପ୍ରବର୍ତ୍ତିକା ଥିଲେ। ପରବର୍ତ୍ତୀ କାଳରେ ଆଚାର୍ଯ୍ୟ ପୀତୋପାଦ ବିରଜା କ୍ଷେତ୍ର ପାର୍ଶ୍ୱବର୍ତ୍ତୀ ରତ୍ନଗିରି ମହାବିହାରରୁ କାଳଚକ୍ରଯାନର ପ୍ରବର୍ତ୍ତନ କରିଥିଲେ। ଏହି ସମସ୍ତ ଅଞ୍ଚଳ ସମ୍ଭଳ, ଲଙ୍କାପୁରୀ ହେଉଛନ୍ତି ପଶ୍ଚିମ ଓଡ଼ିଶା ଅଥବା ଦକ୍ଷିଣ କୋଶଳ ଅନ୍ତର୍ଗତ ଏବଂ ରତ୍ନଗିରି ହେଉଛି ଓଡ୍ର ତଥା ତୋଷାଳୀ ଅନ୍ତର୍ଭୁକ୍ତ। ସବୁଗୁଡ଼ିକ ବୌଦ୍ଧଧର୍ମର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରସବୁ ଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବାଂଲାଦେଶରେ...

ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ନୂଆ ବାଂଲାଦେଶରେ ହିଂସାର କୌଣସି ସ୍ଥାନ ନାହିଁ ବୋଲି ସେ କହିଛନ୍ତି। ହସିନା ସରକାରଙ୍କୁ କ୍ଷମତାଚ୍ୟୁତ କରିବାଲାଗି ଗତବର୍ଷ ହୋଇଥିବା ଆନ୍ଦୋଳନର ପ୍ରମୁଖ ନେତା ୩୨ ବର୍ଷୀୟ ହାଦିଙ୍କୁ ଗତ ୧୨ ତାରିଖରେ କେତେକ ଦୁର୍ବୃତ୍ତ ଗୁଳି କରିଥିଲେ। ସଙ୍କଟାପନ୍ନ ଥିବା ହାଦିଙ୍କୁ ଉନ୍ନତ ଚିକିତ୍ସା ଲାଗି ସିଙ୍ଗାପୁର ହସପିଟାଲ ନିଆଯାଇଥିଲା। ଗତକାଲି ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା। ଭାରତ- ବିରୋଧୀ ରୂପେ ପରିଚିତ ହାଦିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାମାତ୍ରେ ଗତକାଲି ରାତି ଠାରୁ ତାଙ୍କର ହଜାର ହଜାର ସମର୍ଥକ ରାସ୍ତା ଉପରକୁ ଓହ୍ଲାଇ ହିଂସାକାଣ୍ଡରେ ମାତିଯାଇଥିଲେ। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଲାଗି ସେମାନେ ଦାବି କରଥିଲେ। ଦୈନିକ ଇଂରାଜୀ ସମ୍ବାଦପତ୍ର ଡେଲି ଷ୍ଟାର ଏବଂ ପ୍ରଥମ ଆଲୋ ନାମକ ସମ୍ବାଦପତ୍ର ଅଫିସ କୋଠା ଭିତରେ ପଶି ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇଦେଇଥିଲେ। ପୁଲିସ ସେଠାରେ ପହଂଚି ନିଆଁ ଲିଭାଇବା ସହିତ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ଏହି କୋଠାରେ ୨୦ରୁ ୩୦ ଜଣ କର୍ମଚାରୀ ଫସିଯାଇଥିଲେ। ଏହି ଦୁଇଟି ସମ୍ବାଦପତ୍ର ଭାରତ ସପକ୍ଷରେ ଆଭିମୁଖ୍ୟ ଗ୍ରହଣ କରିଥିବାରୁ ସେମାନଙ୍କ ଉପରେ ଆକ୍ରମଣ କରିଥିବା କୁହାଯାଉଛି। ଏହାପରେ ବିକ୍ଷୋଭକାରୀମାନେ ବିଳମ୍ବିତ ରାତିରେ ଚିଟାଗଙ୍ଗ ସ୍ଥିତ ଭାରତର ଆସିଷ୍ଟାଣ୍ଟ କମିସନ ଅଫିସ ଉପରେ ଆକ୍ରମଣ କରିଥିଲେ। ତେବେ ଠିକ୍ ସମୟରେ ପୁଲିସ ପହଞ୍ଚି ବିକ୍ଷୋଭକାରୀଙ୍କୁ ଘଉଡାଇଥିଲା।

ଆଜି ସକାଳେ ମଧ୍ୟ ବିକ୍ଷୋଭ ଜାରି ରହିଥିଲା। ବିକ୍ଷୋଭକାରୀ ଭାରତ ବିରୋଧରେ ସ୍ଲୋଗାନ ଦେବା ସହିତ ହସିନା ୱାଜେଦଙ୍କୁ ଭାରତ ତୁରନ୍ତ ହସ୍ତାନ୍ତର କରୁ ବୋଲି ଦାବି କରିଥିଲେ। ଏହାପରେ ସେମାନେ ମେମେନସିଂ ଜିଲଜଳାରେ ଦିପୁ ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ପିଟି ପିଟି ହତ୍ୟା କରିଥିଲେ। ଏହାପରେ ତାଙ୍କୁ ଗଛରେ ବାନ୍ଧି ନିଆଁ ଲଗାଇଦେଇଥିଲେ। ଇସଲାମ ଧର୍ମ ବିରୋଧୀ ମନ୍ତବ୍ୟ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ସେମାନେ କହିଥିଲେ। ଏହାପରେ ସେମାନେ ପୂର୍ବତନ ମନ୍ତ୍ରୀ ମୋଇବୁଲ ହସନଙ୍କ ବାସଭବନ ଏବଂ ହସିନାଙ୍କ ଅୱାମୀ ଲିଗ ଅଫିସରେ ଆକ୍ରମଣ କରି ନିଆଁ ଲଗାଇଦେଇଥିଲେ। ଏହିସବୁ ହିଂସା ଘଟଣାରେ ୧୦ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଛି। ବାଂଲାଦେଶ ମଧ୍ୟବର୍ତ୍ତି ସରକାରର ମୁଖ୍ୟ ଉପଦେଷ୍ଟା ହିନ୍ଦୁ ଯୁବକଙ୍କୁ ହତ୍ୟା ନେଇ ଉଦବେଗ ପ୍ରକାଶ କରି ସହିତ କହିଛନ୍ତି ଯେ ନୂଆ ବାଂଲାଦେଶରେ ହିଂସାର କୌଣସି ସ୍ଥାନ ନାହିଁ। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## 'ମାତରମ୍'ରୁ ଆରମ୍ଭ...

ଏହି ଅଧିବେଶନ ସଫଳ ହୋଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣର ରିଜିଜୁ କହିଛନ୍ତି। ସେ କହିଛନ୍ତି ଯେ ଉଭୟ ଲୋକସଭା ଏବଂ ରାଜ୍ୟସଭା ୯୨ ଘଣ୍ଟା ଧରି ଚାଲିଥିଲା। ବନ୍ଦେମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋକସଭାରେ ପ୍ରାୟ ସାଢ଼େ ୧୧ ଘଣ୍ଟା ଆଲୋଚନା ହୋଇଥିବା ବେଳେ ରାଜ୍ୟସଭାରେ ପ୍ରାୟ ୧୩ ଘଣ୍ଟା ଆଲୋଚନା ହୋଇଥିଲା। ବନ୍ଦେମାତରମ, ନିର୍ବାଚନ ସଂସ୍କାର ଓ ଜି-ରାମ-ଜି ଉପରେ ସରଗରମ ଆଲୋଚନା ହୋଇଥିଲା। ସଂସଦ ଆରମ୍ଭରୁ ଭୋଟ ଚୋରି, ଏସଆଇଆର ଆଦିକୁ ନେଇ ବିରୋଧୀ ଗୃହରେ ହଙ୍ଗାମା କରିବା ସହ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ଚର୍ଚ୍ଚା ପାଇଁ ରାଜି ହେବାରୁ ଗୃହ ଚାଲିଥିଲା। ମନରେଗା ବଦଳରେ ସରକାର ଲୋକସଭାରେ ଆଗତ କରିଥିବା ଭିବି-ଜି ରାମ ଜି ବିଲ୍ ବିରୋଧୀଙ୍କ ଦୃଢ଼ ବିରୋଧ ସତ୍ତ୍ୱେ ନିମ୍ନ ସଦନରେ ପାରିତ ହୋଇଯାଇଥିଲା। ଏହା ଉପରେ ଲୋକସଭାରେ ୧୮ ଘଣ୍ଟା ଏବଂ ରାଜ୍ୟସଭାରେ ୧୪ ଘଣ୍ଟା ଚର୍ଚ୍ଚା ହୋଇଥିଲା। ଚର୍ଚ୍ଚା ପରେ ବିରୋଧୀମାନେ କକ୍ଷତ୍ୟାଗ କରିଥିଲେ। ଏହି ବିଲ୍ ବିରୋଧରେ ବିରୋଧୀ ଦଳର ସାଂସଦ ଗୁରୁବାର ସାରାରାତି ସଂସଦର ମକର ଦ୍ୱାର ବାହାରେ ଧାରଣା ଦେଇଥିଲେ।

ଅଧିବେଶନ ଶେଷ ହେବା ପରେ ବାଚସ୍ପତି ଓମ୍ ବିର୍ଲାଙ୍କ ଚ୍ୟାମ୍ବରରେ ଚା ପାର୍ଟି ଆୟୋଜନ କରାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନେକ ବଡ଼ ନେତା ସାମିଲ ହୋଇଥିଲେ। ଏଠାରେ ପ୍ରିୟଙ୍କାଙ୍କ କଥାରେ ମୋଦୀ, ବିର୍ଲା ଏବଂ ଶାହା ହସୁଥିବା ଦେଖା ଯାଇଥିଲା।

## ତାମିଲନାଡୁରେ କଟିଲେ...

ନକଲି ନାମ ପଞ୍ଜୀକରଣ ତଥା ଏକାଧିକ ସ୍ଥାନରେ ନାମ ଥିବା ୩,୩୯, ୨୭୮ ଜଣ ସାମିଲ ଅଛନ୍ତି। ଅନ୍ୟ ସ୍ଥାନକୁ ପଳାଇ ଥିବା ଲୋକଙ୍କ ମଧ୍ୟରୁ ୬୬,୪୪, ୮୮୧ ଜଣ ନିଜେ ଦେଇଥିବା ଠିକଣାରେ ରହୁନାହାନ୍ତି।। ଘରକୁ ଘର ବୁଲି ତିନି ଥର ସର୍ଭେ କରିବା ପରି ଏହି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ରିପୋର୍ଟ ଅନୁଯାୟୀ, ଏ ପର୍ଯ୍ୟନ୍ତ ହୋଇଥିବା ଏସଆଇଆରରେ ତାମିଲନାଡୁ ରାଜଧାନୀ ଚେନ୍ନାଇରୁ ସର୍ବାଧିକ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏଠାରୁ ୧୪.୨୫ ଲକ୍ଷ ଭୋଟରଙ୍କୁ ହଟାଯାଇଛି। ଏମାନଙ୍କ ମଧ୍ୟରେ ୧.୫୬ ଲକ୍ଷ ମୃତ ଏବଂ ଅନ୍ୟତ୍ର ପଳାଇ ଥିବା ୧୨ ଲକ୍ଷ ସାମିଲ ଅଛନ୍ତି। ଏବେ ଚେନ୍ନାଇରେ ୨୬ ଲକ୍ଷ ବୈଧ ଭୋଟର ରହିଛନ୍ତି। ସେହିପରି କୋଏମ୍ବାଟୁର ତାଲିକାରୁ ୬.୫ ଲକ୍ଷଙ୍କ ନାମ କଟାଯାଇଛି। କୋଏମ୍ବାଟୁର ଲୋକସଭା କ୍ଷେତ୍ରରେ ୬ଟି ବିଧାନସଭା କ୍ଷେତ୍ର ରହିଛି। ଏବେ ୫ଟି ଆସନ ଏଆଇଡିଏମକେ ଏବଂ ଗୋଟିଏ ବିଜେପି ହାତରେ ରହିଛି। ଡିଣ୍ଡିଗୁଲ ଜିଲ୍ଲାରୁ ୨.୩୪ ଲକ୍ଷ ଏବଂ କାଞ୍ଚିପୁରମରୁ ୨.୭୪ ଲକ୍ଷ ଭୋଟରଙ୍କ ନାମକୁ ବାଦ୍ ଦିଆଯାଇଛି। ଏହା ବାଦ କରୁରରୁ ୮୦ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଛି।

ଏବେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର ଆରମ୍ଭ ହେବ। ଜାନୁଆରୀ ୧୮ ତାରିଖ ସୁଦ୍ଧା ଭୋଟର ନିଜ ଦାବି ଉପସ୍ଥାପନ କରି ତାଲିକାରେ ସାମିଲ ହୋଇପାରିବେ। ଏହା ପରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି ହେବ। ତାମିଲନାଡୁର କ୍ଷମତାସୀନ ଡିଏମକେର ବିରୋଧ ସତ୍ତ୍ୱେ ରାଜ୍ୟରେ ଏସଆଇଆର ହୋଇଛି। ଡିଏମକେ ଏହାକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଏହାକୁ ବିରୋଧ କରି କହିଥିଲେ ଯେ ଏହି ଗଣତନ୍ତ୍ର ବିରୋଧୀ ପଦକ୍ଷେପକୁ ଏଡ଼ାଇବା ପାଇଁ ସର୍ବଦଳୀୟ ବୈଠ କରାଯାଇଥିଲା। ଏସଆଇଆର ବିରୋଧରେ ଏକ ସଙ୍କଳ୍ପ ପାରିତ ହୋଇଥିଲା। ନିର୍ବାଚନ କିଛି ମାସେ ପୂର୍ବରୁ ଇସିଙ୍କ ଦ୍ୱାରା ଏସଆଇଆର କରାଇବା ଏକ ସୁଚିନ୍ତିତ ଷଡ଼ଯନ୍ତ୍ରକୁ ଦର୍ଶାଉଛି।

ସେହିଭଳି ଗୁଜରାଟରେ ୭୩.୭୩ ଲକ୍ଷ ଭୋଟରଙ୍କ ନାମ ହଟାଇ ଦିଆଯାଇଛି। ପୂର୍ବରୁ ରାଜ୍ୟରେ ୫.୦୮ କୋଟି ଭୋଟର ଥିବାବେଳେ ଏବେ ଏହା ହ୍ରାସ ପାଇ ୪.୩୪ କୋଟିରେ ପହଞ୍ଚି ଯାଇଛି।

## ଚାଷୀଙ୍କ ଡକରାରେ...

ବେଳେ ସକାଳେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି, ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଲକ୍ଷ୍ମୀଟକିଜ୍ ଛକରେ ପିକେଟିଂ କରାଯାଇଥିଲା। ପରେ ସହରର ଅଇଁଠାପାଲି, ଧନୁପାଲି ଆଦି ଛକମାନଙ୍କରେ ପିକେଟିଂ କରି ଜନସାଧାରଣଙ୍କ ବନ୍ଦକୁ ସମର୍ଥନ କରିବାକୁ ଅନୁରୋଧ କରାଯାଇଥିଲା।

ଅଇଁଠାପାଲି ଛକରେ ଜାତୀୟ ରାଜପଥ ନଂ. ୫୩କୁ ଚାଷୀମାନେ ଅବରୋଧ କରିଥିଲେ। ଉଭୟ ପାର୍ଶ୍ୱରେ ଶହଶହ ଭାରୀଯାନଗୁଡ଼ିକର ଲମ୍ବାଧାଡ଼ି ଲାଗିଯାଇଥିଲା। ପ୍ରାୟ ୩ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରୋକ ପରେ ପୂର୍ବାହ୍ନ ୧୧ଟାରେ ଆନ୍ଦୋଳନକାରୀ ରାସ୍ତାରୁ ହଟି ଯାଇଥିଲେ। ପ୍ରଥମରୁ ନିଷ୍ପତ୍ତି ଅନୁଯାୟୀ ରେଳ ଚଳାଚଳକୁ ଚାଷୀମାନେ ଅବରୋଧ କରିନଥିଲେ। ସମ୍ବଲପୁରରେ ଘରୋଇ ଓ ସରକାରୀ ବସ ତଥା ସିଟି ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

ପ୍ରତିଦିନ ଭଳି ପୂର୍ବାହ୍ନରେ ଜିଲ୍ଲା ଓ ଦୌରାଜଜ୍ ଓ ଅନ୍ୟ ବିଚାରପତିମାନେ ସେମାନଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଚାଷୀମାନେ ସେମାନଙ୍କୁ ଅନ୍ନଦାତାର ବନ୍ଦକୁ ସମର୍ଥନ ଜଣାଇ ନଯିବାକୁ ଅନୁରୋଧ କରିଥିଲେ। କିଛିଟା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପରେ ସେମାନେ ଆସିବେ ବୋଲି କହି କାର୍ଯ୍ୟାଳୟକୁ ଯାଇଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କାର୍ଯ୍ୟାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ସଦର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ସଦର ତହସିଲ କାର୍ଯ୍ୟାଳୟ, ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ଆଦିରେ ଚାଷୀମାନେ ପହଞ୍ଚି କର୍ମଚାରୀଙ୍କୁ ବନ୍ଦକୁ ସମର୍ଥନ କରି ବାହାରି ଆସିବାକୁ ଅନୁରୋଧ କରିଥିଲେ। ପରେ କର୍ମଚାରୀମାନେ ଚାଲି ଯାଇଥିଲେ। ଘରୋଇ କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ ବନ୍ଦ କରିବାକୁ ଅନୁରୋଧ କରାଯାଇଥିଲା। ବିଜେଡି ପକ୍ଷରୁ ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ଏକ ରାଲିରେ ବିଜେଡି କର୍ମୀମାନେ ବନ୍ଦକୁ ସମର୍ଥନ ଜଣାଇବା ସହ କଚେରୀ ଛକରେ ବନ୍ଦରେ ସାମିଲ ହୋଇଥିଲେ। ସମ୍ବଲପୁର ସହର ସାରା ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ଫୋର୍ସ ନିୟୋଜିତ ଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲାରେ ମାସେ ବିଳମ୍ବରେ, ଗତ ନଭେମ୍ବର ୨୮ ତାରିଖରୁ ମଣ୍ଡି ଖୋଲିଥିଲେ ହେଁ ଆଜିଯାଏ ସମସ୍ତ ଚାଷୀଙ୍କ ଟୋକନ୍ ନ ଆସିବା ଏବଂ ଆନୁଷଙ୍ଗିକ ସମସ୍ୟାକୁ ନେଇ ଚାଷୀମାନେ 'ସମ୍ବଲପୁର ବନ୍ଦ' ଡାକରା ଦେଇଥିଲେ।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପ୍ରବକ୍ତା ସରୋଜ କହିଛନ୍ତି, ଗତ ସରକାର ସମୟରେ ଜଣେ ଚାଷୀ ପଞ୍ଜୀକରଣ ହିସାବରେ କେତେ ଧାନ ବିକିବ ତାହା ଅନ୍‌ଲାଇନରେ ଦେଖାଯାଉଥିଲା। ତାହା ମଧ୍ୟ ଏବେ ଆଉ ଦେଖାଯାଉନାହିଁ। ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ, ଅନିଶ୍ଚିତତା ଓ ଆଶଙ୍କା ରହିଛି। ଛତିଶଗଡ଼ରେ ସମାନ ସରକାର ଥିବା ବେଳେ ସେଠାରେ ସୁରୁଖୁରୁରେ ଧାନ କିଣା ହେଉଥିବା ବେଳେ ଏଠାରେ କାହିଁକି ସମସ୍ୟା ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଟ୍ରିପଲ୍ ଇଞ୍ଜିନ ସରକାରରେ ଯଦି ଏଫ୍‌ସିଆଇ ଚାଉଳ ନେଉନାହିଁ, ତାହାହେଲେ କେବେ ନେବ? ବର୍ତ୍ତମାନ ପର୍ଯ୍ୟନ୍ତ ବରଗଡ଼, କଳାହାଣ୍ଡି ଆଦିରେ ଧାନକ୍ରୟ ଆରମ୍ଭ ହୋଇନାହିଁ କହିଲେ ଚଳେ। ଏଣୁ ପରବର୍ତ୍ତୀ ସମୟରେ କେବଳ ସମ୍ବଲପୁରରେ ନୁହେଁ, ପଶ୍ଚିମ ଓଡ଼ିଶା ସ୍ତରରେ ବ୍ୟାପକ ଆନ୍ଦୋଳନ ପାଇଁ ଚାଷୀ ପ୍ରସ୍ତୁତ ହେଲାଣି ବୋଲି ସେ କହିଛନ୍ତି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ଡିବିଟି ନାମରେ ପ୍ରାୟ ୧୮୦୦ ଚାଷୀଙ୍କ ପ୍ରଥମ ଟୋକନ ଆସିନାହିଁ। ପୁଣି ତୃତୀୟ ଓ ଚତୁର୍ଥ ଟୋକନ ଅଛି। ଶେଷ ଟୋକନ ନଆସିବା ପର୍ଯ୍ୟନ୍ତ ଚାଷୀମାନଙ୍କ ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିବ। ସରକାର ଯଦି ଟୋକନ କିଛିଦିନ ମଧ୍ୟରେ ଇସ୍ୟୁ କରିବେ ବୋଲି କହୁଛନ୍ତି ତେବେ ପରବର୍ତ୍ତୀ ଲମ୍ବା ତାରିଖସହ ସମସ୍ତ ଟୋକନ ଏକସମୟରେ ଇସ୍ୟୁକରି ପୋର୍ଟାଲରେ କାହିଁକି ଦେଖାଉ ନାହାନ୍ତି ବୋଲି ସଭାପତି ଶ୍ରୀ ଠାକୁର ପ୍ରଶ୍ନ କରିଛନ୍ତି।

# ଅଶୋକ ବାସା 'ଡବ୍ଲ୍ୟୁଏଫଇଓ'ର ଆଭ୍ୟନ୍ତରୀଣ ଅଡିଟର ନିଯୁକ୍ତ



ଭୁବନେଶ୍ୱର,୧୯ ।୧୨(ସମିସ): ଭାରତ ତଥା ଓଡ଼ିଶାର ସୁଖ୍ୟାତ ଇଞ୍ଜିନିୟର ଅଶୋକ ବାସା ୱାର୍ଲ୍ଡ ଫେଡେରେସନ୍ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ (ଡବ୍ଲ୍ୟୁଏଫଇଓ)ର ଆଭ୍ୟନ୍ତରୀଣ ଅଡିଟର୍ ଭାବେ ନିଯୁକ୍ତ ହୋଇଛନ୍ତି। ୨୦୨୫-୨୦୨୭ ଅବଧି ପାଇଁ ପାଇଁ ଇଂ ବାସାଙ୍କୁ ଏହି ପଦରେ ନିଯୁକ୍ତି ମିଳିଛି। 'ଡବ୍ଲ୍ୟୁଏଫଇଓ'ର କାର୍ଯ୍ୟକାରୀ ବୋର୍ଡ ଦ୍ୱାରା ସଂସ୍ଥାର କାର୍ଯ୍ୟପଦ୍ଧତି ନିୟମାବଳୀ ଅନୁସାରେ ଏହି ସମ୍ମାନନୀୟ ପଦବୀରେ ଇଞ୍ଜିନିୟର ଅଶୋକ ବସାଙ୍କ ନିଯୁକ୍ତି କରାଯାଇଛି। ଇଞ୍ଜିନିୟର ଅଶୋକ ବାସା ଆର୍‌ଇସି (ବର୍ତ୍ତମାନ ଏନ୍‌ଆଇଟି) ରାଉରକେଲାର ପୂର୍ବତନ ଛାତ୍ର ଏବଂ ପୂର୍ବରୁ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ଭଳି ସୁପ୍ରତିଷ୍ଠିତ ଅନୁଷ୍ଠାନର ଅଧ୍ୟକ୍ଷ ପଦରେ ମଧ୍ୟ ରହି ଆସିଛନ୍ତି।

୧୯୬୮ ମସିହାରେ ୟୁନେସ୍କୋର ପ୍ରେରଣାରେ ଗଠିତ ଡବ୍ଲ୍ୟୁଏଫଇଓ ବିଶ୍ୱର ସବୁଠାରୁ ବଡ଼ ଅନ୍ତର୍ଜାତୀୟ ପେସାଦାର ଇଞ୍ଜିନିୟରିଂ ସଂସ୍ଥା। ୧୯୬୮ ମସିହାରେ ଡବ୍ଲ୍ୟୁଏଫଇଓ ଗଠନ ହେବା ପରେ ଇଞ୍ଜିନିୟର ଅଶୋକ ବାସା ପ୍ରଥମ ଭାରତୀୟ ଭାବେ ଏହାର ଆଭ୍ୟନ୍ତରୀଣ ଅଡିଟର ନିଯୁକ୍ତ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୨୨-୨୫ ଅବଧିରେ ଏହି ସଂସ୍ଥାର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଏହି ନିଯୁକ୍ତିକୁ ଭାରତୀୟ ଇଞ୍ଜିନିୟରିଂ ସମୁଦାୟ ପାଇଁ ଗର୍ବର ବିଷୟ ଭାବେ ଦେଖାଯାଉଛି ଏବଂ ଜାତୀୟ ଓ ବିଶ୍ୱସ୍ତରରେ ଇଞ୍ଜିନିୟରିଂ ନେତୃତ୍ୱକ୍ଷେତ୍ରରେ ଇଞ୍ଜିନିୟର ଅଶୋକ ବାସାଙ୍କର ଦୀର୍ଘସ୍ଥାୟୀ ଅବଦାନର ସ୍ୱୀକୃତି ରୂପେ ଏହାକୁ ଗଣାଯାଉଛି।

# ଅମୀୟ ପଟ୍ଟନାୟକ ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ

ଭୁବନେଶ୍ୱର,୧୯ ।୧୨(ସମିସ): ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଶ୍ରୀ ପଟ୍ଟନାୟକଙ୍କୁ ଏହି ଦାୟିତ୍ୱରେ ନିଯୁକ୍ତି ଦେଇଛନ୍ତି। ପ୍ରକାଶ ଥାଉକି ଓଡିଶା ପ୍ରଦେଶ କଂଗ୍ରେସ କମିଟି ପରାମର୍ଶ କ୍ରମେ ନବନିଯୁକ୍ତ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗାମୀ ଦିନରେ ସମବାୟ ପ୍ରକୋଷ୍ଠର କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରୁ ତ୍ୱରାନ୍ୱିତ କରାଯିବା ସହିତ ପ୍ରତି ପଞ୍ଚାୟତସ୍ତରରୁ ସମବାୟବିତ୍‌ମାନଙ୍କୁ ଚିହ୍ନଟ କରାଯାଇ ସମବାୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଅଣାଯିବ ବୋଲି ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି।

# ୪୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୯ ।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାଠାରେ ୪୧ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୨୪ଜଣ କୁଖ୍ୟାତ ମାଓବାଦୀ ରହିଛନ୍ତି। ଏମାନଙ୍କ ନାମରେ ୧କୋଟି ୪୬ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ସେମାନଙ୍କଠାରୁ ୨୪ଟି ବିଭିନ୍ନ ଅସ୍ତ୍ରଶସ୍ତ୍ର, ବନ୍ଧୁକ, ବିଜିଏଲ ଲଞ୍ଚର, ବିସ୍ଫୋରକ ପୁଲିସ ଜବତ କରିଛି। ସେହିପରି ୭୩୩ଟି ଗୁଳି ମଧ୍ୟ ପୁଲିସକୁ ହସ୍ତାନ୍ତର କରାଯାଇଛି। ସରକାରୀ ନୀତି ଅନୁଯାୟୀ ସମସ୍ତ ମାଓବାଦୀଙ୍କୁ ୨୫ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିବା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୁଲିସ କହିଛି।

# ପ୍ରକାଶ ପାଇଲା +୨ ଆଡ୍‌ମିଟ୍ କାର୍ଡ

ଭୁବନେଶ୍ୱର, ୧୯ ।୧୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସଇ) ପରିଚାଳିତ +୨ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ପ୍ରକାଶ ପାଇଛି। ସାମ୍ସ ଇ-ସ୍ପେସ୍‌ରେ ଆଡମିଟ୍ କାର୍ଡ ଆଜିଠାରୁ ଉପଲବ୍ଧ ହୋଇଥିବା ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଅଧ୍ୟକ୍ଷମାନଙ୍କୁ ଅବଗତ କରିଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ସମେତ ଦୂର ନିରନ୍ତର ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆଡମିଟ୍ କାର୍ଡ ପ୍ରଦାନ ସମୟରେ ନାମ, ବାପା ଓ ମା'ଙ୍କ ନାମ, ପରୀକ୍ଷା ବିଷୟ ଆଦି ବିଷୟକୁ ଭଲ ଭାବେ ତନଖି କରିବା ସହ ପରୀକ୍ଷାର୍ଥୀଙ୍କୁ ପ୍ରଦାନ ପୂର୍ବରୁ ଉଭୟ ଅଧ୍ୟକ୍ଷ ଓ ପିଲା ସ୍ୱାକ୍ଷର କରିବାକୁ ବାଧ୍ୟତାମୂଳକ କରାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ପରୀକ୍ଷା ଦେବା ପାଇଁ ମୋଟ୍ ୪ ଲକ୍ଷ ୭୩୭ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ତନ୍ମଧ୍ୟରେ କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୪୩ ଜଣ ଛାତ୍ରଛାତ୍ରୀ ଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୨୩୮, ବାଣିଜ୍ୟରେ ୨୪,୫୩୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେବା ପାଇଁ ୫୯୨୩ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ଚଳିତ ଥର ପ୍ରାୟ ୨୫ହଜାର ଏକ୍ସ-ରେଗୁଲାର୍ ପିଲା ରହିଛନ୍ତି।


**OFFICE OF THE DIVISIONAL FOREST OFFICER : ATHMALLIK (KL) DIVISION**
**AT- Haridanali, PO/PS-Athmallik, Dist.-Angul, Pin-759125**
**Email – dfo.kl.alk@gmail.com, Mob No.8280342716**

Order No.175/Date 18.12.2025 MM-409

**NOTICE INVITING TENDER**
**Bid Identification No. DFO (KL) ALK-03 (online) 2025-26**

1. The Divisional Forest Officer, Athmallik (KL) Division, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work " **Construction of four (04) Ministerial Staff Quarters (two quarters per floor) in G+1 configuration at Athmallik (KL) Range, Athmallik town under Athmallik (KL) Division for the year 2025-26**".

| | | |
|---|---|---|
| 2. | No. of Works | : 1 No. |
| 3. | Nature of Works | : Building works |
| 4. | Class of Contractor | : 'C' Class |
| 5. | Estimated Cost | : 39,00,000/- |
| 6. | Completion period | : 2.5 Calendar Months |
| 7. | Availability of Bid documents | : 20.12.2025 (5.30 PM) to 06.01.2026 (5.00 PM) |
| 8. | Last date for Receipt of Bids | : 06.01.2026 up to 5.00 PM |
| 9. | Opening of Bids | : 07.01.2026 at 5.00 PM. |

Further details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athmallik (KL) Division

OIPR-08155/11/0006/2526



**RECRUITMENT**

BRM IMIT a leading B-School in Bhubaneswar with 30 years of group experience required the following personnel for its upcoming PGDM programme.

1. **Professor**: Ph. D. with minimum 10-15 years' experience in teaching.
2. **Associate Professor**: Ph. D. with minimum 8 years' experience in teaching/industry.
3. **Assistant Professor**: MBA/PGDM with 2 years' teaching experience. Fresher's may also apply.

**Experience required:** In teaching Risk & Insurance, Economics/Finance, Comp. Science/IT, Math/Business Statistic, etc.

Candidates are requested to mail their Resume with scan copy of all certificates, Photo, Aadhaar Card & PAN Card to the following mail and call over phone for one to one meeting:

**Mail ID** – recruitmentbrm2025@gmail.com or
**WhatsApp** to Mobile No. 8093085700 / 7008390931.
**Address**: BRM Institute of Mgnt. & IT, Pubasasan, Kausalyaganga, Bhubaneswar-751001



**Notice (Above 18 years of age)**

By Virtue of an Affidavit sworn before the Executive Magistrate, Baripada, Mayurbhanj, dated 16.12.2025, I, Lija Behera, D/o- Rabindra Behera Address At- Haldipal, Po- Chitrada, Ps- Morada, Dist- Mayurbhanj, Pin- 757018 declare that I have changed my name from Shambhu Behera to Lija Behera. Henceforth I shall be known as Lija Behera for all purposes.

**Lija Behera.**



**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
**Campus:**
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL



**AFFIDAVIT**

By virtue of an affidavit No.1598 before the Executive Magistrate, Ranpur, dtd.01.12.2025, I, GITA DEI, R/o Ranpur Tarasia Sahi, P.O. Raj Ranpur, P.S. Ranpur, Dist. Nayagarh hereby declare that my correct name is GITA DEI as per my Aadhaar, PAN and Bank records. But its wrongly mentioned as PRAMODINI NAYAK in my LIC Policy. That GITA DEI & PRAMODINI NAYAK is one and the same person, i.e., myself. Henceforth I shall be known as **GITA DEI** for all purposes.

**AFFIDAVIT**

I, Subrat Kumar Gouda, aged about 56 years, S/o- Danda Pani Gouda, resident of At-2nd Lane, Jagannath Bihar, Bagdevi Road, Ps- Bhanjanagar, Dist- Ganjam, Odisha, Pin- 761126 declare by this affidavit No.2551, dtd- 18/12/2025, that now onwards I shall be known as **SUBRATA KUMAR GOUDA** for all future purposes.

**LOST OF ORIGINAL SALE DEEDS**

I Krushna Ch. Sethy, S/o-Late Kshetra Mohan Sethy of vill- Narayanpur, Po-Kulana, Ps- Bhandaripokhari Dist-Bhadrak, Odisha declare that, on Dt. 20.11.25 while I return from Bhadrak to Chhatabar I have Lost my two numbers of original Sale Deed bearing no-352, Dt-18.4.2006 & 434, Dt-24-4-2000. To This Effect I have filed FIR on Dt-3.12.25 before IIC Bhandaripokhari Police Station & the P.s registered as. G.D No-7 Dt- 9.12.25. Also I have filed one Self Declared Affidavit which was registered before Executive Magistrate, Bhadrak, Odisha bearing registration no:- 4537 on Dt-8.12.25 and the same was submitted before Bhandaripokhari Police Station.

**Krushna ch. Sethy**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 1244, dated. 17.12.2025 I, BHUBANI GOUDA , D/o. - Krushna Gouda, At Village - Chacharaguda, PO. - Charamulla, PS. - Tentulikhunti, Dist- Nabarangpur, Odisha, Pin - 764070, declare that I have changed my name from BHUBAN GAUDA to BHUBANI GOUDA. Henceforth, I shall be known as BHUBANI GOUDA for all purposes.

**Sd/- BHUBANI GOUDA**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 18/12/2025. I, **Roshani Takri** (new name), formerly called as **Roshani Manahre** (old name), W/o- Devraj Takri, permanent resident of AT- Kurlubhata, PO- Bhursaguda, PS- Sindhekela, Dist- Bolangir, (Odisha), PIN- 767035 now residing at the same place declare that I have changed my name from **Roshani Manahre** to **Roshani Takri.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Roshani Takri** (new name) for all future purposes.

**Roshani Takri**

**AFFIDAVIT**

By virtue of an affidavit before the Notary Public, Sonepur, I, Mahendra Deheri, At- Souripali, P.O. Dhamasala, P.S. Birmaharajpur, Dist. Subarnapur, hereby declare that my son's correct name is PRADIP DEHERI, S/o- MAHENDRA DEHERI, but wrongly mentioned as LALIT DEHERI, S/o- PREMALATA DEHERI in his Aadhaar Card. That I want correction of my son's name as **Pradip Deheri, S/o- Mahendra Deheri** in his Aadhaar Card.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 1264, dated 18.12.2025, I, AMBIKA SANTA , D/o- Late. Ghasi Santa, At Village- Danduguda, PO.- Manchagam, PS.- Khatiguda, Dist - Nabarangpur, Odisha, Pin - 764070, declare that I have changed my name from AMBIKA JANI to AMBIKA SANTA. Henceforth, I shall be known as AMBIKA SANTA for all purposes.

**Sd/- AMBIKA SANTA**

**AFFIDAVIT**

By virtue of an affidavit before the Executive Magistrate, Bhubaneswar on 19.12.2025 residing at Plot No- N-5/176, IRC Village, Ps- Nayapalli, Bhubaneswar, I change my name from Minakshi Khuntia to Minakshi Patnaik. Henceforth I shall be known as **MINAKSHI PATNAIK** w/o Satyabrata Patnaik for all purposes.

**AFFIDAVIT**

By virtue of an affidavit sworn Before The Notary Public, Kesinga, dated- 18/12/2025. I, **Sumit Kumar Jain,** S/o- Sajan Kumar Jain, residing At- Ward No. 12, Durgamandap Road, Po/Ps- Kesinga, Dist- Kalahandi, Odisha declare that, I have changed my Son's name from **Shourya Jain** To **Shourya Shresth Jain.** Henceforth, he will be known as **Shourya Shresth Jain** for all purpose.

**Sumit Kumar Jain**



**BHUBANESWAR DEVELOPMENT AUTHORITY**
AKASH SHOVA BUILDING,
SACHIVALAYA MARG, BHUBANESWAR – 751001
Visit us at: http://www.bda.gov.in/

CAD-2776

**Invitation for Bids**

**Bid Identification No. 119 7 /EE-I/BDA/2025-26** **Date.19.12.2025**

Executive Engineer, Division No.I, BDA on behalf of Bhubaneswar Development Authority, Bhubaneswar invites percentage rate bids in single cover system in ONLINE MODE from eligible contractors for civil works as mentioned below:

| | | |
|---|---|---|
| 1. | Nature of works | : Civil Work |
| 2. | Total No. of works | : 01 (One) No. |
| 3. | Amount put to tender | : Rs.16.24 Lakh |
| 4. | Class of Contractor | : 'D '& 'C" Class |
| 5. | Period of Completion | : 01 (One) Calendar month |
| 6. | Cost of Bid Documents | : Rs.6000.00 + 18% GST (Online transfer by the last date & time for receipt of bids) |
| 7. | Earnest Money Deposit (EMD) | : 1% of estimated cost put to tender. (Online transfer by the last date & time for receipt of bids) |
| 8. | Availability of Tender | : **From 20.12.2025 to 5.00 PM of 29.12.2025.** https://tendersodisha.gov.in. |
| 9. | Date of opening of Tender | : **Dt.30.12.2025 at 11.30 AM** |
| 10. | Place of opening of Tender | : O/o–ExecutiveEngineer,Div-I,BDA, Bhubaneswar. |

Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Executive Engineer,**
**Division No.I,BDA**

OIPR-13033/11/0425/2526



ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ
**ODISHA ELECTRICITY REGULATORY COMMISSION**
BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021
TEL. No.: 2721048, 2721049
E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org
Together, Let us light up our lives

**ସର୍ବସାଧାରଣ ସୂଚନା**
**କେସ୍ ନମ୍ବର - ୧୩୮ /୨୦୨୫**

**ବିଷୟ ସମ୍ପର୍କିତ : ଏଲ୍‌ଟି ଗ୍ରାହକମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ (Open Access) ଶୁଳ୍କ ଅନୁମୋଦନ ପାଇଁ ଟିପିସିଓଡିଏଲ୍ ର ଆବେଦନ।**

ମେସର୍ସ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) ବିଦ୍ୟୁତ ଆଇନ୍, ୨୦୦୩ର ଧାରା ୪୨, ଓଇଆର୍‌ସି (ଆନ୍ତଃ ରାଜ୍ୟ ଓପନ ଆକ୍ସେସ୍) ନିୟମାବଳୀ ୨୦୨୦ ଏବଂ ଓଇଆର୍‌ସି (ଗ୍ରୀନ୍ ଏନର୍ଜି ଓପନ ଆକ୍ସେସ ମାଧ୍ୟମରେ ଅକ୍ଷୟ ଶକ୍ତିର ପ୍ରସାର) ନିୟମାବଳୀ, ୨୦୨୩ ଅନୁଯାୟୀ ଆନ୍ତଃରାଜ୍ୟ ପରିବହନ / ବିତରଣ ବ୍ୟବସ୍ଥା ବ୍ୟବହାର କରୁଥିବା ଏଲଟି ଓପନ ଆକ୍ସେସ ଗ୍ରାହକ ମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ ଶୁଳ୍କର ଅନୁମୋଦନ ପାଇଁ ଏକ ଆବେଦନ ଦାଖଲ କରିଛି।

ଉପରୋକ୍ତ ଆବେଦନ ନକଲ ଆୟୋଗଙ୍କ ୱେବସାଇଟ୍ (www.orierc.org) କିମ୍ବା ଲାଇସେନ୍ସପ୍ରାପ୍ତ ସଂସ୍ଥାର ୱେବସାଇଟ (www.tpcentraloridha.com) ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା ଆୟୋଗଙ୍କ କାର୍ଯ୍ୟାଳୟରୁ ୧୦୦ ଟଙ୍କା (ଏକଶହ ଟଙ୍କା) ମୂଲ୍ୟର ଫଟୋକପି ଶୁଳ୍କଦେଇ ପ୍ରାପ୍ତ କରାଯାଇ ପାରିବ। ଆୟୋଗଙ୍କ ଏହି ବିଷୟକୁ **କେସ୍ ନମ୍ବର ୧୩୬ / ୨୦୨୫**ରେ ଆବେଦନକାରୀଙ୍କ ବର୍ଷ - ୨୦୨୬-୨୭ ପାଇଁ ଏଆର୍‌ଆର୍ ଏବଂ ଆରଏସ୍‌ଟି ଆବେଦନ ସହିତ ଏକ ସାର୍ବଜନୀନ ଶୁଣାଣି ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁଣାଣିର ତାରିଖ ଏବଂ ସ୍ଥାନ ପରେ ଜଣାଇ ଦିଆଯିବ।

ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନ / ସଂଗଠନ ସେମାନଙ୍କର ମତାମତ / ପରାମର୍ଶ / ଆପତ୍ତି ସତ୍ୟପାଠ (Affidavit) ସହ **୧୬.୦୧.୨୦୨୬** ସୁଦ୍ଧା କମିଶନଙ୍କ ନିକଟରେ ଦାଖଲ କରିପାରିବେ ଏବଂ ଏହାର ଏକ ନକଲ ଆବେଦନକାରୀ ଟିପିସିଓଡିଲ କୁ ପ୍ରଦାନ କରିବେ। ଟିପିସିଓଡିଲ ଏହି ଆପତ୍ତି / ପରାମର୍ଶର ଜବାବ ତା **୨୭.୦୧.୨୦୨୬** ରିଖ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି / ସଂସ୍ଥାଙ୍କୁ ଏକ ନକଲ ପ୍ରଦାନ ସହ ଦାଖଲ କରିବେ।

**ତାରିଖ : ୧୭.୧୨.୨୦୨୫**

କମିଶନଙ୍କ ଆଦେଶ ଅନୁଯାୟୀ
ସ୍ୱା/- ସଚିବ

ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।

### ଜଗତସିଂହପୁରରେ ବାଲି ଚୋରାଚାଲାଣ ପଛରେ ଯାଜପୁର ଡିଡିଏମ୍‌ଙ୍କ ହାତ!

# ଡିଡିଏମ୍‌ଙ୍କୁ ନିଲମ୍ବନ କରିବାକୁ ଜିଲ୍ଲାପାଳଙ୍କ ସୁପାରିସ

ଜଗତସିଂହପୁର/ଯାଜପୁର,୧୯।୧୨(ସମିସ): ଜଗତସିଂହପୁର ଜିଲ୍ଲାରେ ହେଉଥିବା ବାଲି ଚୋରା ଚାଲାଣ ପଛରେ ଯାଜପୁର ଡିଡିଏମ୍ ଜୟପ୍ରକାଶ ନାୟକଙ୍କ ହାତ ଥିବା ସନ୍ଦେହ କରିଛନ୍ତି ଜିଲ୍ଲାପାଳ। ଡିଡିଏମ୍‌ଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ସରକାର କୋଟି କୋଟି ରାଜସ୍ୱ ହରାଉଥିବା ଏବଂ ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅବଜ୍ଞା କରିବା ଅଭିଯୋଗରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଗତସିଂହପୁର ଜିଲ୍ଲାପାଳ ସୁପାରିସ କରିଥିବା ଜଣାପଡିଛି। ତାଙ୍କୁ ତୁରନ୍ତ ନିଲମ୍ବିତ କରିବାକୁ ଇସ୍ପାତ୍ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଚିଠି ନଂ ୨୩୪୦୯ରେ ଗତ ୧୬ ତାରିଖରେ ସୁପାରିସ କରିଛନ୍ତି।

ସୂଚନା ମୁତାବକ ଯାଜପୁର ଡିଡିଏମ୍‌ଙ୍କ ଅଧୀନରେ ଜଗତସିଂହପୁର ଖଣି ଜିଲ୍ଲା ଆସୁଛି। ଜଗତସିଂହପୁର ଜିଲ୍ଲାରେ ବ୍ୟାପକ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଗତ ନଭେମ୍ବର ୨୫ ତାରିଖରେ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ନେତୃତ୍ୱରେ ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଲ୍ଲିପାଳ ସଇରାତରେ ଚଢ଼ଉ କରାଯାଇ ମୋଟ ୪୬ଟି ହାଇୱା ଓ ୩ଟି ମେସିନ ଜବତ କରାଯାଇଥିଲା। ଏହା ପରେ



ଗତ ଡିସେମ୍ବର ୧୧ ତାରିଖ ଦିନ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଜଇପୁରରେ ଚଢ଼ଉ କରାଯାଇ ୨୨ଟି ହାଇୱା ଏବଂ ୨ଟି ମେସିନ ଜବତ କରାଯାଇଥିଲା। ଜିଲ୍ଲାରେ ଏଭଳି ବ୍ୟାପକ ମାତ୍ରାରେ ବାଲି ଚୋରାଚାଲାଣ ସଂପର୍କରେ ପଦକ୍ଷେପ ନେବାକୁ ଡିଡିଏମଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇନଥିଲେ। ଏପରିକି ଏ ନେଇ ମଧ୍ୟ ଗତ ନଭେମ୍ବର ୨୮ ତାରିଖରେ ଚିଠି ନଂ. ୨୧୮୩୫ରେ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା। କିନ୍ତୁ ସେ ମଧ୍ୟ ତାହାର ଉତ୍ତର ଦେଇନଥିଲେ। ଫଳରେ ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅଣଦେଖା କରିବା ସହିତ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରିବା ସହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଗତସିଂହପୁର ଜିଲ୍ଲାପାଳ ସୁପାରିସ କରିଛନ୍ତି। ବାଲିମାଫିଆଙ୍କ ସହିତ ସିଧାସଳଖ ସଂପର୍କ ରହିଥିବା ଜିଲ୍ଲାପାଳ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯାଜପୁରରେ ମଧ୍ୟ ଲଘୁଖଣିଜ ସଂପଦର ବ୍ୟାପକ ଚୋରା କାରବାର ନେଇ ରାଜ୍ୟ ରାଜନୀତି ବେଶ ହୁଲସ୍ଥୁଲ ହୋଇଥିଲା। ଜଗତସିଂହପୁର ଜିଲ୍ଲାପାଳଙ୍କ ଏହି ସୁପାରିସ ପରେ ଖଣି ବିଭାଗ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାକୁ ଦେଖିବାକୁ ବାକି ରହିଲା।

## ଟିପିସିଓଡିଏଲ୍‌ର ମନମାନୀକୁ ନେଇ ବିରୋଧ

ରଘୁନାଥପୁର,୧୯।୧୨(ସମିସ): ସମଗ୍ର ରାଜ୍ୟରେ ଟିପିସିଓଡିଏଲର ମନମାନୀକୁ ନେଇ ବିରୋଧଭାସ ସୃଷ୍ଟି ହୋଇଥିବା ବେଳେ ଆଜି ରଘୁନାଥପୁରରେ କମ୍ପାନୀର ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ, ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମା ମାଧ୍ୟମରେ କରୁଥିବା ଲୁଟକୁ ବିରୋଧ କରାଯାଇଛି। ଆଡ୍‌ଭୋକେଟ ବାସୁଦେବ, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମୀରଂଜନ ସ୍ୱାଇଁ ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ସହିତ ଆଗାମୀ ଦିନରେ ହାତରେ ଠେଙ୍ଗା ଏବଂ ତ୍ରିରଙ୍ଗା ପତାକା ଧରି ଲୋକମାନେ ରାଜରାସ୍ତାକୁ ଓହ୍ଲାଇବ



ପାଇଁ ଆହ୍ୱାନ ଦେଇଛନ୍ତି। ଗତ ଚାରି ବର୍ଷ ଧରି ବିଦ୍ୟୁତ୍ ଦେୟ ବୃଦ୍ଧି ପାଇଁ ନଥିବା ବେଳେ ଟାଟା କମ୍ପାନୀ କାହିଁକି ଉପଭୋକ୍ତା ମାନଙ୍କ ଉପରେ ଆର୍ଥିକ ଚାପ ପ୍ରୟୋଗ କରୁଛନ୍ତି। ଟାଟା କମ୍ପାନୀ ଉପଭୋକ୍ତାମାନଙ୍କୁ ଯେତିକି ସେବା ପ୍ରଦାନ କରିବା କଥା ତାହା ନକରି କେବଳ ପଇସା ପାଇବା ପାଇଁ ଷଡ଼ଯନ୍ତ୍ର କରିବା ଅତ୍ୟନ୍ତ ଇତର କାର୍ଯ୍ୟ। ତେଣୁ ଅତିରିକ୍ତ ସୁରକ୍ଷା ଜମା ସମ୍ପୂର୍ଣ୍ଣ ବନ୍ଦ୍ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ୍ କରିବା ଏବଂ ଟିପିସିଓଡିଲ୍ ଦ୍ୱାରା କରାଯାଉଥିବା ବେଆଇନ ବିଜୁଳିକାଟ ବିରୋଧରେ ଜଗତସିଂହପୁର ଜିଲ୍ଲାବାସୀ ଏକଜୁଟ ହୋଇ ଆନ୍ଦୋଳନରେ ସାମିଲ ହେବା ପାଇଁ ପଥପ୍ରାନ୍ତ ସଭା ମାଧ୍ୟମରେ ରଘୁନାଥପୁର ବଜାରରେ ଉପସ୍ଥିତ ଥିବା ସାଧାରଣ ଜନତାଙ୍କୁ ଆହ୍?ାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ଦିନରେ ଟିପିସିଓଡିଏଲର ମନମାନୀକୁ ବିରୋଧ କରି ରଘୁନାଥପୁର ଅଞ୍ଚଳର ବହୁ ଜନସାଧାରଣ ଏକ ଜୋରଦାର ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଏରସମା,୧୯।୧୨(ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ପତିତ ପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଛି। ଦୁଇଦିନ ଧରି ଆୟୋଜିତ ପ୍ରତିଯୋଗୀତାର ୧୭ଟି ବିଭାଗରେ ୭୫ ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ। ଶୁକ୍ରବାର ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ମହାପାତ୍ର, ପତିତପାବନ ହାଇସ୍କୁଲ ପୂରାତନ ଛାତ୍ର ସଂସଦ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାପାତ୍ର, ପ୍ରଧାନ ଶିକ୍ଷକ ତାପସ ଜେନା,ସହକାରୀ ଶିକ୍ଷକ ରାମନାରାୟଣ ନାୟକ, ଗୟାଧର ବାରିକ, ପ୍ରଭଞ୍ଜନ ସାମନ୍ତରାୟ,ଉମେଶ ଚନ୍ଦ୍ର ପରିଡା, ରାଲିସ୍ମିତା କାଣ୍ଡି, ସ୍ମିତାଞ୍ଜଳୀ ସେଠୀ ଓ ଶ୍ରଦ୍ଧାଞ୍ଜଳୀ ରାଉଳ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଚାମ୍ପିଅନ ହୋଇଥିବା ସୋନୁ ସ୍?ାଇଁ ଓ ସଙ୍ଗୀତା ସ୍?ାଇଁଙ୍କ ସମେତ ସମସ୍ତ କ୍ର୍‌ଟଡି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

## କଂଗ୍ରେସର ମଶାଲ ଶୋଭାଯାତ୍ରାରେ ଧସ୍ତାଧସ୍ତି




ଜଗତସିଂହପୁର,୧୯।୧୨(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜେପି କାର୍ଯ୍ୟାଳୟ ଘେରାଉ ବେଳେ ଧସ୍ତାଧସ୍ତି ହୋଇଥିବା ଜଣାପଡିଛି। ଶତାଧିକ କଂଗ୍ରେସ କର୍ମୀ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ଓ ଓପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ରଙ୍କ ଉପସ୍ଥିତିରେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଘେରଉ କରିବା ପାଇଁ ଟାଉନ ହଲଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ସରକାର ବିରୁଦ୍ଧରେ ନାରାବାଜି କରିଥିଲେ। ଜୟବଡ ବାଳିକା ବିଦ୍ୟାଳୟ ନିକଟରେ ପୁଲିସ କଂଗ୍ରେସ କର୍ମୀଙ୍କୁ ଅଟକାଇଥିଲା। କିଛି ସମୟ ପୁଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ କଂଗ୍ରେସ କର୍ମୀ। ଏହି କାର୍ଯ୍ୟକ୍ରମରେ ଓପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ମହନି ଚରଣ ରାଉତ, ଅଭିଜିତ ସାହୁ, ରାଜେନ୍ଦ୍ର ସ୍ୱାଇଁ, ଈଶ୍ୱର ଚନ୍ଦ୍ର ସ୍ୱାଇଁ, ବୃନ୍ଦାବନ ପ୍ରଧାନ, ହିଫଜୁର ରେହମାନ, ଦେବ ପ୍ରସାଦ ମହାପାତ୍ର, ଅବଦୁଲ ମାଜିଦ, ସେକ୍ ହିଦାୟତ ଅଲ୍ଲୀ, ସତ୍ୟବ୍ରତ ଦାସ, ଲକ୍ଷ୍ମୀଧର ମଲ୍ଲିକ, ଦିଲ୍ଲୀପ କୁମାର ମାହାର, ସୁଶାନ୍ତ ଦାଲ, ଚିନ୍ମୟ ବିଶ୍ୱାଳ, ପ୍ରୀତମ ପରିଜା, ସୁବ୍ରତ ରାୟ, ମନୋଜ ଦାସ, ବ୍ରଜକିଶୋର ମଲ୍ଲିକ, ମହମ୍ମଦ ଅବଦୁଲ ୱାହିଦ, ମହମ୍ମଦ ଇସମାଇଲି, ନିତ୍ୟାନନ୍ଦ ବେହେରା, ରଘୁନାଥ ସ୍ୱାଇଁ, ସ୍ୱରୂପ କାନୁନଗୋ, ଅଭିଷେକ ବଳ, ରିତେଶ ମଲ୍ଲିକ, ଅବିନାଶ ବଳ, ବିଶ୍ୱଜିତ ମହାନ୍ତି, କହ୍ନେୟା ଦାସ, ଅନନ୍ତ ପୃଷ୍ଟି, କିଶୋର ପଟ୍ଟନାୟକ, ନାରାୟଣ ନାୟକ, ପ୍ରଦୀପ୍ତ ଦାସ, ପ୍ରଦୀପ୍ତ ଶତପଥୀ, ଅମରେଶ ପଟ୍ଟନାୟକ, ଗଗନ ବିହାରୀ ସାହୁ, ଶୁଭାଶିଷ ସ୍ୱାଇଁ, ମୁକ୍ତାର ଅଲ୍ଲୀ, ପ୍ରତ୍ୟୁଷ ନାୟକ, ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## କୁତାମଚଣ୍ଡୀ ବିଦ୍ୟାପୀଠରେ କ୍ରୀଡ଼ା ଉଦ୍‌ଯାପିତ

ଜଗତସିଂହପୁର,୧୯।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡିଶ ସ୍ଥିତ କୁତାମଚଣ୍ଡୀ ବିଦ୍ୟାପୀଠ ଖେଳ ପଡିଆରେ ଉପ୍ରା ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଲାଲୁପ୍ରସାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ପୂର୍ବତନ ସରପଞ୍ଚ ମୁରଲୀଧର ଲେଙ୍କା, ମୁଖ୍ୟ ବକ୍ତା ଭାବେ ଦେବେନ୍ଦ୍ର ନାଥ ବେହେରା ଏବଂ ସମ୍ମାନିତ ଅତିଥି ରୂପେ ସୁଦର୍ଶନ ଷଡ଼ଙ୍ଗୀ, ବିବେକାନନ୍ଦ ଦାସ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ରୂପେ ପୂର୍ବତନ ଶାରୀରିକ କ୍ରୀଡା ଅଧିକାରୀ ଦିଲ୍ଲୀପ କୁମାର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ କ୍ରୀଡା ସଂଗଠକ ବେଣୁଧର ମହାନ୍ତି, ସମ୍ମାନିତ ଅତିଥି ରୂପେ ଶିକ୍ଷବିତ ଶରତ ଚନ୍ଦ୍ର ବାରିକ, ନଗେନ ପଣ୍ଡା, ଶିଶିର କୁମାର ତ୍ରିପାଠୀ, ହରେକୃଷ୍ଣ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁନୀଲ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜେନ୍ଦ୍ର ଗଡ଼େଇ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସ୍ମୃତିରଞ୍ଜନ ରାଉତ. ସୁକାନ୍ତ କୁମାର ନାୟକ, ରେଣୁକା ବିଶ୍ୱାଳ, ଜୟନ୍ତୀ ପଣ୍ଡା, ସତ୍ୟବତୀ ବେହେରା, ଦିପେନ୍ଦ୍ର ବେହେରା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

## ମତ୍ସ୍ୟଜୀବୀଙ୍କ ଠାରୁ ଟଙ୍କା ଛଡ଼ାଇ ନେଲେ

ପାରାଦୀପ,୧୯।୧୨(ସମିସ): ଗତକାଲି ରାତି ପାଖାପାଖି ୧୦.୩୦ ହେବ ଦୁଇ ଜଣ ଦୁର୍ବୃତ୍ତ ଜଣେ ମତ୍ସ୍ୟଜୀବୀଙ୍କୁ ନିସ୍ତୁକ ପିଟିବା ସହ ତାଙ୍କ ଠାରୁ ୭ ହଜାର ୪ଶହ ଟଙ୍କା ଛଡ଼ାଇ ନେଇଥିବା ପାରାଦୀପ ଲକ



ଥାନାରେ ଅଭିଯୋଗ ହୋଇଛି। ଦୋଛକିର କାର୍ବନ ଫ୍ୟାକ୍ଟ୍ରି ସମ୍ମୁଖ ରାସ୍ତାରେ ଘଟିଛି ଏପରି ଘଟଣା। ମତ୍ସ୍ୟଜୀବୀ ଆମ୍ବିକି ଅଞ୍ଚଳର ସୋନୁ ସେନାପତି ମାଛଧରା ବୋର୍ଟର ଜଣେ କର୍ମଚାରୀ। ସେ ଗତକାଲି ରାତିରେ ନେହୁରବଙ୍ଗଳାରୁ ଆସି ଦୋଛକିରେ ଓହ୍ଲାଇ ଜିରୋ ପଏଣ୍ଟ ପାଖକୁ ଚାଲି ଚାଲି ଯାଉଥିବା ସମୟରେ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଏହି ମତ୍ସ୍ୟଜୀବୀଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନଦେବାରୁ ତାଙ୍କୁ ବହୁ ଜୋରରେ ପିଟିବା ସହିତ ତାଙ୍କ ପାଖରେ ଥିବା ୭ ହଜାର ୪ଶହ ଟଙ୍କାକୁ ଛଡାଇ ନେଇ କେଉଁଆଡେ ପଳାଇ ଯାଇଥିଲେ। ଏହି ସମୟରେ ପୁଲିସର ଏକ ପିସିଆର ଭ୍ୟାନ ଆସିବାର ଦେଖି ବାଇକ୍ ଛାଡି ପଳାଇଥିଲେ। ତେବେ ମତ୍ସ୍ୟଜୀବୀ ଜଣକ ପୁଲିସ ସେଠାରେ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ସବୁ କହିବା ସହିତ ସେମାନେ ଛାଡି ଯାଇଥିବା ବାଇକକୁ ପୁଲିସର ଜିମା ଦେଇଥିଲେ। ଆଜି ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ର ବାର୍ଷିକ କ୍ରୀଡା ଉତ୍ସବ

ପାରାଦୀପ,୧୯।୧୨(ସମିସ): ଆଜି କେନ୍ଦ୍ରୀୟ ବିଦ୍ୟାଳୟ ପାରାଦୀପ ବନ୍ଦରର ବାର୍ଷିକ କ୍ରୀଡା ଦିବସ୨୦୨୫-୨୬ ବିଦ୍ୟାଳୟପରିସରରେଅନୁଷ୍ଠିତ ହୋଇଥିଲା। ପାରାଦୀପବନ୍ଦରକର୍ତ୍ତୃପକ୍ଷର ସିଆଇଏସଏଫ ୟୁନିଟ୍‌ର କମାଣ୍ଡାଣ୍ଟ ସନତ କୁମାର ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ସକାଳ ୮ଟାରେ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦର ସମ୍ପାଦକ ଧୂର୍ଜଚନ୍ଦ୍ର ତରାଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର




ଅଧ୍ୟକ୍ଷ ପଙ୍କଜ ବାର୍ଷ୍ଣେୟ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡ଼ାର ଭୂମିକା ଏବଂ କ୍ରୀଡାର ବିକାଶ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ମାଧ୍ୟମିକ ସ୍ତରରେ ସୁଭାଷ ହାଉସ ଚାମ୍ପିଅନ ହୋଇଥିବା ବେଳେ ଅଶୋକ ହାଉସ ରନର୍ସଅପ୍ ହୋଇଥିଲେ। ମାଧ୍ୟମିକ ସ୍ତରରେ ଏମଡି ଆୟାଜ, ପ୍ରତ୍ୟୁଷ ରଥ, ବିଦିଶା ମିଶ୍ର, ସ୍ୱୟଂଶ୍ରୀ ଦାସ ଏବଂ ଜେକଲିନ୍ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ପ୍ରାଥମିକ ସ୍ତରରେ ତନିଷ୍କା ଛତ୍ରାଜ ଏବଂ ରୂପାଲି ବିଶ୍ୱାସ ବରିଷ୍ଠ ଏବଂ କନିଷ୍ଠ ବର୍ଗରେ ଚାମ୍ପିଅନ ହୋଇଛନ୍ତି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶ୍ରୀ କମଲ କ୍ରିଷ୍ଣା ଯୋଶୀ, ସୁଶ୍ରୀ ନିବେଦିତା ତରାଇ ଏବଂ ଶ୍ରୀ ଅଶ୍ୱିନୀ କୁମାର ପଲାଇ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମର ସୁପରିଚାଳନାରେ ଅଭିଷେକ ଚନ୍ଦ୍ରା, ରୁପରଞ୍ଜନ ବୁଡେକ୍, ସୌମୀ ଚାଟାର୍ଜୀ ନାଥ, ଆଦେଶ ପ୍ରଧାନ, ପଦ୍ମନାଭ ବେହେରା ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

## ଅଙ୍ଗେଶ୍ୱରପଡ଼ା ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

ନାଉଗାଁ,୧୯।୧୨(ସମିସ): ନାଉଗାଁ ବ୍ଲକର ପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ଅଙ୍ଗେଶ୍ୱରପଡ଼ାର ବାର୍ଷିକ କ୍ରୀଡ଼ା ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷୟତାରେ ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡାଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ବେହୁରା, ମୁଖ୍ୟବକ୍ତା ଭାବରେ ସମାଜସେବୀ ଉପେନ୍ଦ୍ର ନାଥ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ବିବ୍ରତ ପୁହାଣ ଯୋଗଦେଇଥିଲେ। ସଂସ୍କୃତ ଶିକ୍ଷକ ଶିଶିର କୁମାର ପାତ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଖେଳକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜ୍ଞାନରଞ୍ଜନ ବିଶ୍ୱାଳ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## କ୍ରୀଡ଼ା ଶିକ୍ଷୟିତ୍ରୀ ଯକୃତ ଜନିତ ରୋଗରେ ମୃତ୍ୟୁ

ବାଲିକୁଦା,୧୯।୧୨(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ତାଳଗାଁ ଠାରେ ଥିବା ପତିତପାବନ ବାଳିକା ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ କ୍ରୀଡ଼ା ଶିକ୍ଷୟିତ୍ରୀ ସବିତା ମିଶ୍ର (୫୩)ଙ୍କ ଯକୃତ ଜନିତ ରୋଗରେ ଅକାଳ ମୃତ୍ୟୁ ଘଟିଛି। ଅପଣ୍ଡରା ପଞ୍ଚାୟତ ପୋଦରୁଆଁ ଗ୍ରାମର ସବିତାଙ୍କ ଦୀର୍ଘ ୨ ବର୍ଷ ହେବ ୨ଟି ଯକୃତ ନଷ୍ଟ ହୋଇଥିବା ବେଳେ ସେ ଡାକ୍ତରଙ୍କ ପରାମର୍ଶରେ



ଔଷଧ ସେବନ କରି ନିଜର ଶିକ୍ଷାଦାନ ପକ୍ରିୟା ଜାରି ରଖିଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ସ୍ୱାମୀ ପ୍ରଦୀପ୍ତ ମହାନ୍ତି ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଅନ୍ତିମ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ନେଇଥିବା ବେଳେ ପୁତ୍ର ଅନିନ୍ଦ୍ୟ ମହାନ୍ତି ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କ ମୃତ୍ୟୁରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସମେତ ଗ୍ରାମର ସନ୍ତୋଷ କୁମାର ବିଶ୍ୱାଳ, ନିରଞ୍ଜନ ନାୟକ, ପ୍ରସନ୍ନ ଶତପଥୀ, ସତ୍ୟବ୍ରତ ବିଶ୍ୱାଳ, ତରୁଣ ବିଶ୍ୱାଳ, ବୀରବର ବିଶ୍ୱାଳଙ୍କ ସମେତ ସମସ୍ତ ଗ୍ରାମବାସୀ ଶୋକ ବ୍ୟକ୍ତ କରିଥିଲେ।

## ବିଜେଡି ନାଉଗାଁ ବ୍ଲକ ସଭାପତିଙ୍କ ପରଲୋକ

ନାଉଗାଁ,୧୯।୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତର ଜାମୁଗାଁ ଗ୍ରାମର ବର୍ଷିୟାନ ରାଜନେତା ତଥା ବିଜୁ ଜନତା ଦଳ ନାଉଗାଁ ବ୍ଲକ ସଭାପତି ନଟବର ପ୍ରଧାନଙ୍କ ବିୟୋଗ ଖବର ସମଗ୍ର ନାଉଗାଁ ବ୍ଲକ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଶ୍ରୀ




ପ୍ରଧାନ ଜାମୁଗାଁ ଗ୍ରାମପଞ୍ଚାୟତର ଏକାଧିକ ଥର ସରପଞ୍ଚ ଭାବେ ନିର୍ବାଚିତ ହେବା ସହିତ ବ୍ଲକର ଜନତା ଦଳ ଓ ପରେ ବିଜୁ ଜନତା ଦଳର ଜଣେ ବରିଷ୍ଠ ନେତା ଭାବେ ଘରେ ଘରେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ନିରଞ୍ଜନ ବେହୁରା, ଦୋଳଗୋବିନ୍ଦ ରାଉଳ, ଜିଲ୍ଲା ପରିଷଦ ସଭ୍ୟା ମମତା ପରିଡା, ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଣ, ସମାଜସେବୀ ଦିଲୀପ ଲେଙ୍କା, ପୂର୍ବତନ ବ୍ଲକ ସଭାପତି ସୁଜିତ ମଲ୍ଲିକ, ତରୁଣକାନ୍ତ ବାରିକ, ନିହାର ରଞ୍ଜନ ବସ୍ତିଆ, ପ୍ରଶାନ୍ତ ଜେନା, ଦିଲୀପ ଲେଙ୍କା, ଶାଶ୍ୱତ ରଞ୍ଜନ ନାୟକ, ସୁନିଲ କୁମାର ମାଟିଆ, ପଦ୍ମଚରଣ ରାଉତ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ପ୍ରତ୍ୟୁଷଙ୍କ 'ଲିଟିଲ ଷ୍ଟାର' ଉନ୍ମୋଚିତ

ଜଗତସିଂହପୁର,୧୯।୧୨(ସମିସ): କେଏମ୍‌ବିବି ପବ୍ଲିକ ସ୍କୁଲର ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଜଗତସିଂହପୁର ଜିଲ୍ଲାର ଛାତ୍ର ପ୍ରତ୍ୟୁଷ କୁମାରଙ୍କ ଚତୁର୍ଥ ପୁସ୍ତକ 'ଲିଟିଲ ଷ୍ଟାର' ଉନ୍ମୋଚିତ ହୋଇଯାଇଛି। ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଚଳଚ୍ଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ବିଶିଷ୍ଟ ସାହିତ୍ୟିକ ତରୁଣକାନ୍ତି ମିଶ୍ର ଏବଂ ପ୍ରାଧ୍ୟାପକ ସରୋଜ କୁମାର ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ। ଏହା ପୂର୍ବରୁ ପ୍ରତ୍ୟୁଷ କୁମାରଙ୍କ ରଚିତ ପୁସ୍ତକ 'ଫୁଲ ପରି ଫୁଟିବା', ମୋ ପ୍ରିୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଦ୍ରୌପଦୀ ମୁର୍ମୁ ଇନସ୍ପାଇରେସନ ଅଫ ଲିଡ଼ରସିପ ପୁସ୍ତକ ପ୍ରକାଶିତ ହୋଇ ଲୋକାଦୃତ ହୋଇପାରିଛି। ସାହିତ୍ୟ ସାଧନା ପାଇଁ ଜିଲ୍ଲା ଏବଂ ରାଜ୍ୟସ୍ତରରେ ଅନେକ ବାର ପୁରସ୍କୃତ ହୋଇଛନ୍ତି। ପ୍ରତ୍ୟୁଷ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ଗୋପାଳପୁର ଗ୍ରାମର ସୁଲେଖିକା ଅଧ୍ୟାପିକା ଡ. ସଂଗୀତା ପଣ୍ଡା ଏବଂ ପ୍ରକାଶ ଚନ୍ଦ୍ର ଗିରିଙ୍କ ସୁପୁତ୍ର।




## ଅଙ୍ଗଦାନ କରି ଅମର ହେଲେ ସନ୍ତୋଷ

ବିରିଡ଼ି,୧୯।୧୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଶଙ୍ଖେଶ୍ୱର ଗ୍ରାମପଞ୍ଚାୟତ ବଡଦିଙ୍ଗର ଗ୍ରାମର ସନ୍ତୋଷ କୁମାର ଦାସଙ୍କ ଏକ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ପରେ ପରିବାର ପକ୍ଷରୁ ତାଙ୍କର ଅଙ୍ଗଦାନ କରାଯାଇଥିଲା। ସମାଜ କଲ୍ୟାଣ ପାଇଁ ତାଙ୍କର ଅଙ୍ଗଦାନ କରାଯାଇଥିବା ଖବର ପାଇ ବିରିଡି ବ୍ଲକ ଅଙ୍ଗଦାନ



ସଚେତନ ଗ୍ରୁପସମିତିର କର୍ମକର୍ତ୍ତାମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମୃତି ସଭାରେ ସ୍ୱର୍ଗତ ଦାସଙ୍କ ସହଧର୍ମିଣୀ ସରଳା ଦାସ, ପୁତ୍ର ସତ୍ୟପ୍ରକାଶ ଦାସ, ଝିଅ ଅଙ୍କିତା ଦାସ ଉପସ୍ଥିତ ଥିବା ବେଳେ ସରପଞ୍ଚ ଆରତୀ ମାଝୀଙ୍କ ସମେତ ଅଙ୍ଗଦାନ ଗ୍ରୁପର ମୁଖ୍ୟ ଉପଦେଷ୍ଟା ଡା. ଲୋକନାଥ ସାହୁ, ନିକୁଞ୍ଜ ବିହାରୀ ଭଞ୍ଜ, ବନବିହାରୀ ରାଉତ, ସୂବେନ୍ଦୁ ଭୋଇ,ସଭାପତି ଶିବପ୍ରସାଦ ଦାସ, ସମ୍ପାଦିକା ପ୍ରତିମା ମହାରଣା, କୋଷାଧକ୍ଷ ବିଶ୍ୱଜିତ ପାତ୍ର, ମନୋରଞ୍ଜନ ଓଝା, ବସନ୍ତ କୁମାର ବେହେରା, ସୁବ୍ରତ ପ୍ରଧାନ, ଚିତ୍ତରଞ୍ଜନ ବେହେରା, ଗଣେଶ ଚନ୍ଦ୍ର ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ , ପ୍ରଭାସ ବେହେରା, ଶ୍ରଦ୍ଧାଞ୍ଜଳି ବେହେରା, ଅମ୍ବିକା ଦାସ, କବିତା ଦାସ, କନକ ଲତା ଦାସ, ଶରତଚନ୍ଦ୍ର ଦାସ, ବିଭୁତି ଦାସ, ବାବାଜୀ ଦାସ, ସୁବାସ ଦାସ, ଶିବ ଦାସ, ସଂଗ୍ରାମ ଦାସ, ପ୍ରମୁଖ ସାମିଲ ହୋଇଥିଲେ।

### ତିନି ଟର୍ମିନାଲରେ ବେଆଇନ ଚାନ୍ଦା ଆଦାୟ ଅଭିଯୋଗ

# ୩ ମାସ ବନ୍ଦ ଥିଲା, ପୁଣି ଆରମ୍ଭ

ପାରାଦୀପ, ୧୯।୧୨ (ସମିସ): ପାରାଦୀପରେ ଦିନକୁ ଦିନ ବଢୁଛି ଅସାମାଜିକ କାର୍ଯ୍ୟକଳାପ। ଏ ନେଇ ଜିଲ୍ଲା ପ୍ରଶାସନ ଆକ୍ସନ ମୁଡ୍‌ରେ ରହିଛି। ଯାହାର ପ୍ରତ୍ୟକ୍ଷ ଉଦାହରଣ ପାଲଟିଛି ବାଉରିଆପାଳନ୍ଦାଠାରେ ଥିବା ତିନୋଟି ଅଏଲ ଟ୍ୟାଙ୍କର ଯୋଗେ ପରିବହନ ହେଉଛି। ଦୁଃଖ ଓ ପରିତାପର ବିଷୟ ଏହି ଟ୍ୟାଙ୍କର ଚାଳକଙ୍କ ପ୍ରତି ଜୁଲମ କରି ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଉଛି। ଯାହାର ପ୍ରଚ୍ଛଦପଟରେ ରହିଛନ୍ତି ଜଣେ ତଥାକଥିତ ଶ୍ରମିକ ନେତା। ଯାହାଙ୍କ

### ଟ୍ୟାଙ୍କର ଚାଳକଙ୍କ ଉପରେ ଜୁଲୁମ

ଟର୍ମିନାଲ ଅଞ୍ଚଳରେ। ପ୍ରଶାସନର ହସ୍ତକ୍ଷେପ ପରେ ଏହି ଟର୍ମିନାଲରେ ଦୀର୍ଘ ଦେଢବର୍ଷ ହେବ ଚାଲିଥିବା ଅରାଜକତାର ପୂର୍ଣ୍ଣଚ୍ଛେଦ ପଡିଥିବାବେଳେ ପୁଣି ଦୁଇରୁ ତିନିଦିନ ହେବ ପୁଣି ଡ୍ରାଇଭରଙ୍କ ଜୁଲୁମ ହେଉଛି। ଆଜି ଏ ନେଇ ଉକ୍ତ ତିନି ଟର୍ମିନାଲର ଡ୍ରାଇଭର ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିଛନ୍ତି। ଏହି ତିନୋଟି ଟର୍ମିନାଲରୁ ଦୈନନ୍ଦିନ ଓଡ଼ିଶା ଓ ଓଡିଶା ବାହାରକୁ ହଜାର ହଜାର ତେଲ ନାମରେ କିଛିଦିନ ହେବ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ପୁଲିସ ପକ୍ଷରୁ ଏକାଧିକ ମାମଲା ରୁଜୁ ହୋଇଥିବା ସମୟରେ ଏହି ଶ୍ରମିକ ନେତାଙ୍କୁ ପାରାଦୀପରେ ଦେଖିବାକୁ ମିଳୁନାହିଁ। ପୁଲିସ ମଧ୍ୟ ଏହି ଶ୍ରମିକ ନେତାଙ୍କ ଉପରେ କଡା ନଜର ରଖିଥିବା ଗୋପନୀୟ ସୂତ୍ରରୁ ଖବର ମିଳୁଛି। ଏହି ଶ୍ରମିକ ନେତାଙ୍କ ନାମ ନେଇ କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ଟ୍ୟାଙ୍କର ଚାଳକଙ୍କୁ ବିଭିନ୍ନ ଧମକ ଦେଇ ବେଆଇନ ଭାବେ ମନଇଚ୍ଛା ଚାନ୍ଦା ପୁଣି ଆଦାୟ



କରୁଛନ୍ତି। ଯାହାକୁ ନେଇ ଏଚପିସିଏଲ ଟର୍ମିନାଲ ନିକଟରେ ଟ୍ୟାଙ୍କର ଚାଳକ ଆଜି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି।

ଟ୍ୟାଙ୍କର ଚାଳକଙ୍କ କହିବା ଅନୁଯାୟୀ, ଦୀର୍ଘ ଏକବର୍ଷ ଧରି ଶ୍ରମିକ ନେତା ପ୍ରକାଶଙ୍କ ନିର୍ଦ୍ଦେଶରେ ବେଆଇନ ଭାବେ ଡରାଇ, ଧମକାଇ ଚାନ୍ଦା ଆଦାୟ କରାଯାଉଥିଲା। ଫଳରେ ଟ୍ୟାଙ୍କର ଚାଳକ ନିରୂପାୟ ହୋଇ ପ୍ରଶାସନର ଦ୍ୱାରସ୍ଥ ହେବା ପରେ ଦୁଇ ତିନିମାସ ହେବ ଚାନ୍ଦା ଆଦାୟ ବନ୍ଦ ରହିଥିଲା। କିଛିଦିନ ପୂର୍ବରୁ ଚାନ୍ଦା ଆଦାୟ କରୁଥିବା ବ୍ୟକ୍ତିମାନେ ହଠାତ ପହଞ୍ଚି ଟ୍ୟାଙ୍କର ଚାଳକଙ୍କୁ ଚାନ୍ଦା ମାଗିଥିଲେ। ଟେବୁଲ, ଚେୟାର ପକାଇ ଏବେ ଚାନ୍ଦା ମଧ୍ୟ ମାଗୁଛନ୍ତୁ। ଯିଏ ପ୍ରତିବାଦ କରୁଛି, ତାଙ୍କୁ ଧମକ ଦେଇ ଷଣ୍ଢ ଫେରିଛି। ପ୍ରଶାସନ ଆମର, ତୁମେ ଆମର କିଛି କରିପାରିବନାହିଁ। ପ୍ରଶାସନକୁ ଆମକୁ ଚାନ୍ଦା ଦେବାକୁ ପଡିବ କହୁଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି ଟ୍ୟାଙ୍କର ଚାଳକ। ଆମେ ଡ୍ରାଇଭର ଲୋକ, ଗାଡି ଚଳାଇଲେ ପରିବାର ପୋଷିବୁ, ଏମାନଙ୍କୁ କୋଉଁଠୁ ଆଣି ଚାନ୍ଦା ଦେବୁ। ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଜିଲ୍ଲାପାଳ ଓ ଏସପିଙ୍କୁ ନ୍ୟାୟ ପାଇଁ ଆକୁଳ ନିବେଦନ କରିବା ସହିତ ଆମର ପ୍ରଶାସନ ଉପରେ ପୂର୍ଣ୍ଣ ଭରଷା ଅଛି। ପ୍ରଶାସନ ଆମ ଦୁଃଖ ଶୁଣିବା ସହିତ ଏହି ବେଆଇନ ଚାନ୍ଦା ଆଦାୟ ଉପରେ ରୋକ ଲଗାଇବା ସହିତ ଏଥିରେ ସାମିଲ ଥିବା ବ୍ୟକ୍ତି ବିଶେଷଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି ଟ୍ୟାଙ୍କର ଚାଳକ। ଆଜି ଶହ ଶହ ଡ୍ରାଇଭର ଟର୍ମିନାଲ ନିକଟରେ ଡ୍ରାଇଭର ଏକତା ଜିନ୍ଦାବଦ, ଜିଲ୍ଲା ପ୍ରଶାସନ ଜିନ୍ଦାବାଦ, ପ୍ରଶାସନ ଉପରେ ଆମର ଭରସା ଅଛି, ଆଉ ଆମେ ଡରିବୁ ନାହିଁ ବୋଲି ସ୍ଲୋଗାନ ଦେଇଥିଲେ।

# ଦାଦାବଟି ପାଇଁ ମରଣାନ୍ତକ ଆକ୍ରମଣ

କାମାକ୍ଷାନଗର,୧୯ ।୧୨(ସମିସ):

କାମାକ୍ଷାନଗର ଥାନା କେନ୍ଦୁପଶିସ୍ଥିତ ସରକାରୀ ଚାଉଳ ଗୋଦାମ କର୍ମଚାରୀଙ୍କୁ ଦାଦାବଟି ମାଗି ମରଣାନ୍ତକ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ। ଗଣ୍ଡଗୋଳ ଛଡ଼ାଇବାକୁ ଯାଇ ଗୁରୁତର ଆହତ ହୋଇଛନ୍ତି

## ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ଧାରଣା

ସ୍ଥାନୀୟ ଯୁବକ। ସରକାରୀ ଚାଉଳ ଗୋଦାମରେ ଦୁର୍ବୃତ୍ତଙ୍କ ଗୁଣ୍ଡାଗିରି ବନ୍ଦ ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଚାଉଳ ଗୋଦାମ ସାମ୍ନାରେ ଧାରଣାରେ ବସିଛନ୍ତି ଯୁବକଙ୍କ ପରିବାର ଲୋକ ଓ ଗ୍ରାମବାସୀ। ସୂଚନା ଅନୁସାରେ ଗୁରୁବାର କେନ୍ଦୁପଶି ଚାଉଳ ଗୋଦାମ ସାମ୍ନାରେ କେତେକ



ଟ୍ରକରେ ଚାଉଳ ଲୋଡିଂ ହେଉଥିବା ବେଳେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ଗୋଦାମ ଦାୟିତ୍ୱରେ ଥିବା ମଳୟ ଚୌଧୁରୀଙ୍କୁ ବଟି ମାଗିବା ସହ ଧମକଚମକ ଦେଇଥିଲେ। ମଳୟ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ସେହି ସମୟରେ କେନ୍ଦୁପଶି ଗ୍ରାମର ତପନ ନାୟକ ସେହି ରାସ୍ତାରେ ଯାଉଥିବା ବେଳେ ଗଣ୍ଡଗୋଳ ଦେଖି ଦୁର୍ବୃତ୍ତମାନଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଦୁର୍ବୃତ୍ତମାନେ ତପନଙ୍କୁ ମାରଣାସ୍ତ୍ର ଓ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ତପନ ମରିଯାଇଥିବା ଭାବି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତପନଙ୍କ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ତପନଙ୍କ ହାତ ଓ ଗୋଡ଼ ଭାଙ୍ଗିଛି। ଅନ୍ୟପଟେ ସରକାରୀ ସହାୟତା ଏବଂ ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ଶୁକ୍ରବାର ତପନଙ୍କ ପରିବାର ଲୋକେ ଗୋଦାମ ସାମ୍ନାରେ ଧାରଣା ଦେଇଥିଲେ। କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକ, ଏସଡିପିଓ ରଜନୀକାନ୍ତ ସାମଲ ଓ ଯୋଗାଣ ବିଭାଗ ଅଧିକାରୀ ପହଞ୍ଚି ତପନଙ୍କୁ ସରକାରୀ ସହାୟତା ପ୍ରଦାନ ଓ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ବୌଦ୍ଧିକ ଦିବ୍ୟାଙ୍ଗ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ




ଢେଙ୍କାନାଳ,୧୯ ।୧୨(ସମିସ): ଢେଙ୍କାନାଳ ସଦର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଜ୍ୟୋତିନଗରଠାରେ ତିନିଦିନ ବ୍ୟାପୀ ବୌଦ୍ଧିକ ଦିବ୍ୟାଙ୍ଗ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏସଏସଇପିଡି ବିଭାଗ ଉପସଚିବ ବସନ୍ତ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, ଅନୁଷ୍ଠାନର ସଭାପତି ଗୋଲକ ବିହାରୀ ସାହୁ, ଇନରହୁଇଲ କ୍ଲବ ସମ୍ପାଦିକା ମିନଲ୍ ସିଂହଦେଓ, ବିଶ୍ୱ ଚେତନର ସମ୍ପାଦିକା ରୋଜାଲିନ୍ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାର ଲକ୍ଷ୍ମୀ ବାସନ୍ତୀ, ଭୁବନେଶ୍ୱର ଓପନ ଲର୍ଣ୍ଣିଂ ସିଷ୍ଟମ, କଟକ ଜିଲ୍ଲାର ମଦର ଟେରେସା, ସହାୟ, ମୟୂରଭଞ୍ଜ ଜିଲ୍ଲାର ରୋଜ, ବରଗଡ଼ ଜିଲ୍ଲାର ବାପୁଜୀ, ନୟାଗଡ଼ର ଶୃତି, ସେବା, ଝାରସୁଗୁଡ଼ାର ଆଶା କିରଣ, ଭୁବନେଶ୍ୱରର ଚେତନା, ଝାରସୁଗୁଡ଼ାର ଉତ୍କଳ କଲ୍ୟାଣ ଓ ଢେଙ୍କାନାଳର ଅକ୍ଷମ କଲ୍ୟାଣ ସମିତିର ଦିବ୍ୟାଙ୍ଗ ବିଦ୍ୟାଳୟ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୩୦୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷା ଆରତୀପ୍ରଭା ସେନାପତି, ଘନଶ୍ୟାମ ମହାନ୍ତ, ଲିପିକା କର, ଲକ୍ଷ୍ମୀକାନ୍ତ କର, ବନ୍ଦନା ସାହୁ, ରଶ୍ମିରଞ୍ଜନ ପୃଷ୍ଟି, ଜ୍ୟୋତି ମହାପାତ୍ର ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜୀବନଜ୍ୟୋତିର ମୁଖ୍ୟ ପ୍ରଦ୍ୟୁମ୍ନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୁନିୟର ରେଡକ୍ରସ୍ ତାଲିମ ଶିବିର ଉଦଯାପିତ



ଢେଙ୍କାନାଳ,୧୯ ।୧୨(ସମିସ): ଢେଙ୍କାନାଳ ସହର ନିକଟ ସୁନ୍ଦରୀଖାଲଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୩୭ତମ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଶିବିରରେ ସର୍ବଧର୍ମ ପ୍ରାର୍ଥନା, ଯୋଗାସନ, ଦିନଚର୍ଯ୍ୟା ଲିଖନ ଓ ପ୍ରଦର୍ଶନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ରୂପେ ବିରଞ୍ଚି ନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଜୁନିୟର ରେଡକ୍ରସ୍ ସମ୍ପାଦକ ଉମେଶ ଚନ୍ଦ୍ର ସାମଲ, ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସୁବ୍ରତ କୁମାର ମିଶ୍ର, ସଂଗଠନ ସମ୍ପାଦକ ତଥା ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ, ପ୍ରୋଗ୍ରାମ କୋଅର୍ଡିନେଟର ନରେଶ କୁମାର ମହାରଣା, ଶିଶୁ ମନ୍ଦିର ସମ୍ପାଦକ ଗଗନ ବିହାରୀ ନାୟକ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ସେବା ମନୋବୃତ୍ତି ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଓଏଭି ବାରିହାପୁରର ଶୀତଲ ସାହୁଙ୍କୁ ଶ୍ରେଷ୍ଠ ଜୁନିୟର ଓ ଆରକେଜେୟୁବିପି କଙ୍କିଳିର ଗଦାଧର ପ୍ରଧାନଙ୍କୁ ଶ୍ରେଷ୍ଠ କାଉନସେଲର୍ ଭାବେ ପୁରସ୍କୃତ କରାଯାଇଥିଲା। ସାଧନକର୍ମୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ସୁଶୀଲ କୁମାର ପଣ୍ଡା, ବିପିନ ବିହାରୀ ଶତପଥୀ, ପ୍ରଶାନ୍ତ ଧଳ, ୮ ବ୍ଲକର ସଂଯୋଜକ, ପ୍ରଧାନଶିକ୍ଷକ ସନ୍ତୋଷ ଆଚାର୍ଯ୍ୟ, ପ୍ରମୋଦ କୁମାର ପଣ୍ଡା, ସତ୍ୟବ୍ରତ ପାତ୍ର ଓ ଶ୍ରୀରାମ ରାଉତ ସହଯୋଗ କରିଥିଲେ। ବିପିନ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡ; ଜଳିଗଲା ୪ ବଖରା

ଭୁବନ,୧୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଭୁଷଳ ପଞ୍ଚାୟତ କୀର୍ତ୍ତନପୁର ଗ୍ରାମ ଗଙ୍ଗାମଲିକ ସାହିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ପୋଡ଼ିଯାଇଛି। ଗ୍ରାମର ବିଶ୍ୱନାଥ ମଲ୍ଲିକ ଓ ସୁଶାନ୍ତ ମଲ୍ଲିକଙ୍କ ୨ବଖରା ଲେଖାଏଁ ଘର ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଶୁକ୍ରବାର ସକାଳେ କାମାକ୍ଷାନଗର



ବିଧାୟକ ଶତ୍ରୁଘ୍ନ ଜେନା ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ, ଚୁଡ଼ା ଚାଉଳ, ବସ୍ତ୍ର ପ୍ରଦାନ କରିଥିଲେ। ଏଥିସହ ବିଡିଓ ଆୟୁଷୀ ମହାପାତ୍ର, ତହସିଲଦାର ଅନିଲ ମହାନ୍ତି ଓ ରାଜସ୍ୱ ନିରୀକ୍ଷକ ରାଜେଶ ଭୋଇ, ସରପଞ୍ଚ ଉତ୍ତମ ପଣ୍ଡା, ଆମ୍ବା ସଭାପତି ଜଗବନ୍ଧୁ ପୃଷ୍ଟି, ଗ୍ରାମ ସଭାପତି ସୌମ୍ୟରଞ୍ଜନ ଧୀରଙ୍କ ଉପସ୍ଥିତରେ ସମସ୍ତ ସହାୟତା ବ୍ୟବସ୍ଥା କରିଥିଲେ। ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ଓ ପଲିଥିନ ଯୋଗାଇ ଦିଆଯିବା ସହ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ବିଧାୟକ କହିଥିଲେ। ସେହିପରି ପୂର୍ବତନ ସମିତି ସଭ୍ୟ ବିମଳ ପଣ୍ଡା, ପଙ୍କଜ ନାୟକ ସଞ୍ଜୟ ଦାସ, ଜୟକୃଷ୍ଣ ପାତ୍ର, ରବୀନ୍ଦ୍ର ସ୍ୱାଇଁ, ଦଣ୍ଡ ଖଟୁଆ, ରବି ମଲ୍ଲିକ, ପବିତ୍ର ତରାଇ ଗଣେଶ୍ୱର ନାୟକ, ହୃଷିକେଶ ଦାସ, ସମୀର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଗାଁରେ ଥିବା ଏକ ମାତ୍ର ଡିଙ୍କିଟି ନିଆଁ ଦାଉରୁ ବର୍ତ୍ତିଯାଇଛି। ପରେ ଗୋପବନ୍ଧୁ ଦାସ ସେବା ସଂଗଠନ ପକ୍ଷରୁ ସଭାପତି ଅମ୍ବୁଜ କୁମାର ସାହୁଙ୍କ ନେତୃତ୍ୱରେ ୪ଟି କମ୍ବଳ ପ୍ରଦାନ କରାଯାଇଛି।

## ହିନ୍ଦୋଳରୁ ୩ କୋଟି ଲୁଟିବାକୁ ଟାଟା ପାୱାରର ମସୁଧା

ଖଜୁରିଆକଟା,୧୯ ।୧୨(ସମିସ): ଯେଉଁଦିନଠାରୁ ଓଡ଼ିଶାରେ ଟାଟା ବିଦ୍ୟୁତ ବିତରଣ ଦାୟିତ୍ୱ ନେଇଛି ସେବେଠାରୁ ଉପଭୋକ୍ତାଙ୍କୁ ବିଭିନ୍ନ ଉପାୟରେ ଲୁଟ୍ କରିବା ଆରମ୍ଭ କରିଛି। ପୂର୍ବରୁ ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ଲୁଚାଛପାରେ କିଛି କିଛି ଟଙ୍କା ବିଭିନ୍ନ ବାହାନାରେ ବିଦ୍ୟୁତ୍ ବିଲରେ ଯୋଗକରି ନେଉଥିଲା। ମାତ୍ର ଏବେ ପ୍ରତ୍ୟେକ ଉପଭୋକ୍ତାଙ୍କଠାରୁ ଶହ ଶହ ଟଙ୍କା ଲୁଟ୍ କରିବା ଯୋଜନାରେ ଅଛି। ଏବେ ପ୍ରତ୍ୟେକ ଉପଭୋକ୍ତାଙ୍କୁ ୫୦୦ରୁ ଆରମ୍ଭ କରି ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଡିସନାଲ୍ ସିକ୍ୟୁରିଟି ପଇଠ କରିବାକୁ ଟାଟା ତରଫରୁ ନୋଟିସ ଜାରି ହୋଇଛି। ହିନ୍ଦୋଳର ପ୍ରାୟ ୩୦ ହଜାର ଉପଭୋକ୍ତାଙ୍କୁ ଏହି ନୋଟିସ ଆସିଥିବା ଜଣାପଡ଼ିଛି। ଆଡିସନାଲ




ସିକ୍ୟୁରିଟି ନାମରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କେବଳ ହିନ୍ଦୋଳବାସୀଙ୍କଠାରୁ ଆଦାୟ କରିବା ଲକ୍ଷ୍ୟ ରଖିଛି ଟାଟା। ଯେଉଁମାନେ ଏହି ଆଡିସନାଲ୍ ସିକ୍ୟୁରିଟି ନ ଦେବେ ସେମାନଙ୍କଠାରୁ ୧୫ ପ୍ରତିଶତ ହିସାବରେ ସୁଧ ଆଦାୟ ପାଇଁ ମଧ୍ୟ ନିର୍ଦ୍ଦେଶ ହୋଇଛି। ପୂର୍ବରୁ ପ୍ରତି ବିଲ୍‌ରେ ୨୦/୩୦ ଟଙ୍କା ଅତିରିକ୍ତ ନେଉଥିବା ଟାଟା ଏବେ ବଡ଼ ଲୁଟ୍ ପାଇଁ ଉଦ୍ୟମ ଆରମ୍ଭ କରିଛି। ଯାହାକୁ ସାଧାରଣ ଜନତା ଦୃଢ଼ ବିରୋଧ କରିବା ଆରମ୍ଭ କରିଛନ୍ତି। ସହରାଞ୍ଚଳରେ ବିରୋଧର ସମ୍ମୁଖୀନ ହୋଇ ବର୍ତ୍ତମାନ ଗ୍ରାମାଭିମୁଖୀ ହୋଇଛି ଟାଟା। ଟାଟାର ଏହି ଲୁଟ୍ ଏବଂ ସ୍ମାର୍ଟ ମିଟର ଲଗାଇବାକୁ ଢେଙ୍କାନାଳ ସହରରେ ଜୋରଦାର ବିରୋଧ କରାଯାଇ ଢେଙ୍କାନାଳ ବନ୍ଦ ମଧ୍ୟ କରାଯାଇଥିଲା। ଯାହା ଅତ୍ୟନ୍ତ ସଫଳ ହୋଇଥିଲା। ଏବେ ହିନ୍ଦୋଳର ଗ୍ରାମାଞ୍ଚଳରେ ଟାଟା ତରଫରୁ ତଞ୍ଚକତା କରି ସ୍ମାର୍ଟ ମିଟର ଲଗାଇବା କାର୍ଯ୍ୟ ମନ୍ଥର ଗତିରେ ଆରମ୍ଭ ହୋଇଛି। ଯଦି ଏହାକୁ ପ୍ରତ୍ୟାହାର କରା ନ ଯାଏ ତେବେ ଟାଟାର କୌଣସି କର୍ମଚାରୀଙ୍କୁ କୌଣସି ଗ୍ରାମରେ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ଉପଭୋକ୍ତା ମତ ପ୍ରକାଶ କରିଛନ୍ତି।

## ଶିଶୁ ବାଟିକା ଅଚଳ; ତୁରନ୍ତ ପଦକ୍ଷେପ ନେବାକୁ ଦାବି

ଭୁବନ,୧୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମୁରୁଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତି ପାଇଁ ଏ ପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଶିଶୁବାଟିକା ଅଚଳ ହୋଇପଡ଼ିଛି। ବର୍ତ୍ତମାନ ବିଦ୍ୟାଳୟ ଶିଶୁବାଟିକାରେ ୧୫ ଜଣ, ପ୍ରଥମ ଶ୍ରେଣୀରେ ୭ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୧୯ ଜଣ ମୋଟ ୪୧ ପିଲା ପାଠ ପଢୁଛନ୍ତି। ମାତ୍ର ଶିଶୁବାଟିକା ପାଇଁ ଶିଶୁ ସେବିକା ନ ଥିବାରୁ ଛୋଟ ପିଲାମାନେ ଆବଶ୍ୟକ ଯତ୍ନ, ଶିକ୍ଷା ଓ ସାମାଜିକ ବିକାଶରୁ ବଞ୍ଚିତ ହେଉଛନ୍ତି। ଶିଶୁ ସେବିକା ନ ଥିବାରୁ ଶିକ୍ଷକମାନେ ଅତିରିକ୍ତ ଦାୟିତ୍ୱ ନେବାକୁ ବାଧ ହେଉଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଇଓ ତତ୍କାଳ ହସ୍ତକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଓ ଅଭିଭାବକମାନେ ଦାବି କରିଛନ୍ତି। ଯଦିଶୀଘ୍ର ସେବିକା ନିଯୁକ୍ତ କରା ନ ଗଲେ ଗ୍ରାମାଞ୍ଚଳର ଶିଶୁମାନଙ୍କ ଭବିଷ୍ୟତ ଶିକ୍ଷା ଗଭୀର ଭାବେ ପ୍ରଭାବିତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଜିଲ୍ଲାସ୍ତରୀୟ ସେମିନାର ଉଦଘାଟିତ




ଢେଙ୍କାନାଳ,୧୯ ।୧୨(ସମିସ): ଢେଙ୍କାନାଳ ସହରସ୍ଥିତ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଭୂତି ଆଧାରିତ ଶିକ୍ଷଣ, କାର୍ଯ୍ୟପନ୍ଥା, ଆହ୍ୱାନ ଓ ସକାରାତ୍ମକ ଅଭ୍ୟାସ ଶୀର୍ଷକ ଦୁଇଦିନିଆ ପାଠଚକ୍ର ଉଦଘାଟିତ ହୋଇଛି। ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଖେଳ, ନାଚ, କ୍ଷେତ୍ର ପରିଭ୍ରମଣର ସୁଯୋଗ ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଡ. ସୁସନ୍ଧ୍ୟା ମହାନ୍ତି ଯୋଗଦେଇଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରଞ୍ଜନ କୁମାର ରାଉତ ଭିତ୍ତିପ୍ରବନ୍ଧ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ସ୍ୱାଗତିକା ଶରଣଙ୍କ ସଂଯୋଜନାରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସୌମ୍ୟା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲ୍ୟାଣୀ ସାହୁ ସେମିନାରର ଉଦେଶ୍ୟ ଉପସ୍ଥାପନ କରିଥିଲେ। ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରତିଭା ଦଳେଇଙ୍କ ସଂଯୋଜନାରେ ଯୋରନ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନିମା ପରିଡ଼ା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁବାସିନୀ ମିଶ୍ର, ସିଆରସିସି ବିକ୍ରମ କୁମାର ବେହେରା ଓ ଦିପୁନା ପାତ୍ର ସେମାନଙ୍କ ଗବେଷଣାଭିତ୍ତିକ ନିବନ୍ଧ ଉପସ୍ଥାପନ କରିଥିଲେ। ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଁଦିଆ ପ୍ରେସ୍ କ୍ଲବର ସାଂଗଠନିକ ବୈଠକ



ଗଁଦିଆ,୧୯ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଗୁଣ୍ଡୁରାପଶି ଗ୍ରାମରେ ଗଁଦିଆ ପ୍ରେସ କ୍ଲବର ସାଂଗଠନିକ ବୈଠକ ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ପ୍ରେସ କ୍ଲବ କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ସରୋଜ କୁମାର ଶତପଥୀ ପ୍ରେସ କ୍ଲବ ପଞ୍ଜୀକରଣ ସାର୍ଟିଫିକେଟ ପ୍ରଦର୍ଶନ କରିଥିଲେ। ଉପଦେଷ୍ଟା ଶିଶିର କୁମାର ଶତପଥୀ କ୍ଲବ୍‌ର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ ପ୍ରଧାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯିବା ସହିତ ସାମ୍ବାଦିକ ସୁଦାମ ସାହୁଙ୍କୁ ସାଂଗଠନିକ କାର୍ଯ୍ୟ ଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଭ୍ୟ ତାରାକାନ୍ତ ନାୟକ, ସହସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ପ୍ରଦୀପ କୁମାର ଦାସ, ସଭ୍ୟ ଅଶୋକ ପାତ୍ର, ପ୍ରଦ୍ୟୁମ୍ନ ପଣ୍ଡା, ଶିଶିର ପାଣି, ମଦନ ମୋହନ ଶତପଥୀ, ଅସୀତ କୁମାର ମହାନ୍ତି, ପ୍ରତ୍ୟୁଷହରି ପ୍ରଧାନ, ରାକେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ବାଦଲ ମହାନ୍ତି ଧନ୍ୟବାଦ ଦେଇଥିଲେ। ସୌମ୍ୟରଞ୍ଜନ ମହାନ୍ତି, ବିଶ୍ୱମୋହନ ସାହୁ, ଅକ୍ଷୟ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩୦ତମ ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଗଁଦିଆ,୧୯ ।୧୨(ସମିସ): ଗଁଦିଆ ବ୍ଲକ ଯୋରନ୍ଦା ମହାବୀର କ୍ରିକେଟ କ୍ଲବ ତରଫରୁ ୩୦ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଯୋରନ୍ଦା ପଡ଼ିଆରେ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ପଞ୍ଚାନନ ସ୍ୱାଇଁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟ ବିଶ୍ୱନାଥ ଚିନରା, ସମିତିସଭ୍ୟ ପ୍ରତ୍ୟୁଷହରି ପ୍ରଧାନ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ନାୟକ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ଭାଲିଆବାଡ଼ି ଖୋର୍ଦ୍ଧା ଓ ମେଣ୍ଢାଶାଳ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ମେଣ୍ଢାଶାଳ ବିଜୟୀ ହୋଇଛି। ବିଜୟୀ ଦଳର ମିଥୁନ ମଜୁମଦାର ୬୦ ରନ ଏବଂ ୩ଟି ଉଇକେଟ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଜଗମୋହନ ନାୟକ ଓ ମହମ୍ମଦ ଇଶାନ ମ୍ୟାଚ ପରିଚାଳନା କରିଥିଲେ। ସତ୍ୟଜିତ ନାୟକ, ପ୍ରଭାସ କୁମାର ରାଉତ, ପାରସେଶ୍ୱର ନାୟକ, ଅଗ୍ନିଦୀପ ନାୟକ, ତୁତୁଲ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ହାତୀ ଉପଦ୍ରବରେ ଧାନ ଫସଲ ନଷ୍ଟ



କଙ୍କଡ଼ାହାଡ଼,୧୯ ।୧୨(ସମିସ): କଙ୍କଡ଼ାହାଡ଼ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପାଟବେଡ଼ା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ପଶି ଧାନ ଫସଲ ଉଜାଡ଼ି ଦେଇଛନ୍ତି। ଗ୍ରାମର ବ୍ରଜବନ୍ଧୁ ସିଂହ ଅମଳ କରି ରଖିଥିବା ଅଢ଼େଇ ଏକର ଜମିର ଧାନ ବିଡ଼ାକୁ ନଷ୍ଟ କରିଦେଇଛନ୍ତି। ଧାରକରଜ କରି ବ୍ରଜବନ୍ଧୁ ଚାଷ କରିଥିବା ବେଳେ କିଭଳି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ରହିଛନ୍ତି। କ୍ଷତିପୂରଣ ପାଇଁ ବନଖଣ୍ଡ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାର୍ଷିକ କ୍ରୀଡ଼ା ଉତ୍ସବ










ଗଁଦିଆ,୧୯ ।୧୨(ସମିସ:

ଗଁଦିଆ ବ୍ଲକ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁନିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶିଶିର କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳାଇ ଓ ନିୟୁ ଇଣ୍ଡିଆ ସଂସ୍ଥାର ନିର୍ଦ୍ଦେଶକ ଶେଷଦେବ ରାଉତ ଯୋଗଦେଇଥିଲେ। ଗଣିତ ଶିକ୍ଷକ ମନୋଜ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଆକାଶ ଅଭିଷେକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସନ୍ଥପୁର ସରପଞ୍ଚ ବନମାଳୀ ଲେଙ୍କା, ସମ୍ମାନିତ ଅତିଥି ଭାବେ ଗ୍ରାମ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ରାଉତ ଓ ଉପସଭାପତି ଅରୁଣ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବାଜୀ ଚରଣ ସ୍ୱାଇଁ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ଜେନା, ମନୋଜ କୁମାର ବଳିଆରସିଂ, ଶିକ୍ଷୟିତ୍ରୀ ମିନତୀ ସାହୁ, ବର୍ଷା ସେଠୀ, କନିଷ୍ଠ ସହାୟିକା ରାଜଲକ୍ଷ୍ମୀ ଭୋଇ, ଡମ୍ବରୁଧର ସ୍ୱାଇଁ ଓ ହେମନ୍ତ କୁମାର ନାୟକ ସହଯୋଗ କରିଥିଲେ।

**ଖଜୁରିଆକଟା:** ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝି, ସମ୍ମାନିତ ଅତିଥି ଭାବେ ବିକେଟି ଟାୟାରର ଆଞ୍ଚଳିକ ମୁଖ୍ୟ ଲିପୁନ ଭୁକ୍ତା ଯୋଗଦେଇଥିଲେ। କ୍ରୀଡ଼ା ବିଭାଗ ସଭାପତି ଅଧ୍ୟାପକ ପ୍ରଣବ କୁମାର ହୋତା, କ୍ୟାପଟେନ ଅକ୍ଷୟ କୁମାର ସାହୁ, ଡ. ଦୀନନାଥ ଦାସ ଏବଂ ବ୍ରହ୍ମାନନ୍ଦ ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। +୩ ବାଳକ ବିଭାଗରେ ଶୁଭଙ୍କର ସାହୁ, ବାଳିକାରେ ମୋନାଲିସା ସାହୁ ଏବଂ +୨ ବାଳକରେ ପାର୍ଥସାରଥି ରାଉଳ, ବାଳିକାରେ ପ୍ରୀତି ପ୍ରିୟାଂଶା ସାହୁ ଚାମ୍ପିଅନ ହୋଇଥିଲେ। ଫିଲ୍ଡ ମାର୍ଶାଲ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ କ୍ରୀଡ଼ା ଶିକ୍ଷକ ଜମ୍ବେଶ୍ୱର ସାହୁ, ନିବାରଣ ମହାରଣା ଓ ବିକାଶ ବରାଳ କ୍ରୀଡ଼ା ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଏବଂ ଅଧ୍ୟାପକ ରବିନାରାୟଣ ସାହୁ କ୍ରୀଡ଼ା ଉତ୍ସବ ସଂଯୋଜନା କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୬ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ କ୍ରୀଡ଼ା ମଶାଲ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କରୁଣାକର ସେଠୀ ଯୋଗଦେଇ ପିଲାମାନଙ୍କର ଖେଳପ୍ରତି ଆଗ୍ରହ ରହିବା ଦରକାର ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା ବିବରଣୀ ପାଠ କରିଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଓ ମେଡାଲ ପ୍ରଦାନ କରିଥିଲେ।

**ଢେଙ୍କାନାଳ:** ଢେଙ୍କାନାଳ ପୌର ପରିଷଦ ୧ନଂ ୱାର୍ଡ ଅନ୍ତର୍ଗତ କାଠଗଡ଼ା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ସଦର ବିଡିଓ ଅୟସକାନ୍ତ ଦାଶ ମୁଖ୍ୟଅତିଥି, ଅବସରପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ନିରଞ୍ଜନ ମିଶ୍ର ମୁଖ୍ୟବକ୍ତା, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ଷଣ୍ଢ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ କମିଟି ସଭାପତି ସମାୟ କଳା ଏବଂ କାଉନସିଲର ବଳରାମ ସେଠୀଙ୍କ ସହିତ ଶିକ୍ଷକ ଅନିଲ ରଞ୍ଜନ ଦାସ ଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଶୟନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ମମତା ବେହେରା ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ମିହିର କୁମାର ଦେହୁରୀ କ୍ରୀଡ଼ା ପରିଚାଳନା କରିଥିଲେ।

ସକାଳ
THE SAKALA



www.sakalaepaper.com

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୦.୭୫
- ପାଉଣ୍ଡ ୧୨୦.୧୫
- ୟୁରୋ ୧୦୫.୨୫
- ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୩,୦୦୦ (ନୂଆଦିଲ୍ଲୀ)
- ରୁପା : ୨,୧୮,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୯୨୯.୦୦
- ନିଫ୍ଟି ୨୫,୯୬୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଡେଥ୍ କ୍ଲେମ୍ ନିୟମ ବଦଳାଇଲା ଇପିଏଫ୍‌ଓ

# ଚାକିରି ମଧ୍ୟରେ ସପ୍ତାହାନ୍ତ, ସରକାରୀ ଛୁଟିକୁ ସର୍ଭିସ୍ ବ୍ରେକ୍ ଧରାଯିବନାହିଁ




ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟଙ୍କ ପାଇଁ ଭଲ ଖବର। କାରଣ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଇପିଏଫ୍‌ଓ ଏହାର ଡେଥ୍ କ୍ଲେମ୍ ବା ମୃତ୍ୟୁକାଳୀନ ଦାବି ସମ୍ପର୍କିତ ନିୟମରେ ବଡ଼ ପରିବର୍ତ୍ତନ କରିଛି। ନୂତନ ସର୍କୁଲାର ଅନୁଯାୟୀ, ଇପିଏଫ୍‌ଓ ଏହାର କର୍ମଚାରୀ ଜମା ଲିଙ୍କ୍‌ଡ ବୀମା ଯୋଜନା (ଇଡିଏଲ୍‌ଆଇ) ନିୟମକୁ ଅଧିକ ବ୍ୟବହାରିକ କରିଛି। ଏହା ସିଧାସଳଖ ସେହି ପରିବାରଗୁଡ଼ିକୁ ଲାଭ ଦେବ, ଯେଉଁମାନଙ୍କର ମୃତ୍ୟୁ କାଳୀନ ଦାବି ପୂର୍ବରୁ ଛୋଟ ଯାନ୍ତ୍ରିକ ସମସ୍ୟା କିମ୍ବା ଚାକିରି ପରିବର୍ତ୍ତନରେ ସାମାନ୍ୟ ବ୍ୟବଧାନ ଯୋଗୁଁ ବିଳମ୍ବ କିମ୍ବା ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହୋଇଥିଲା। ଏହି ନୂତନ ସର୍କୁଲାର କର୍ମଚାରୀ ଏବଂ ଚାକିରି ପରିବର୍ତ୍ତନ କରୁଥିବା ସେମାନଙ୍କ ନିର୍ଭରଶୀଳ ପରିବାର ଲୋକଙ୍କୁ ଯଥେଷ୍ଟ ଲାଭ ଦେବ। ଏହି ନୂତନ ନିଷ୍ପତ୍ତି ସହିତ, ସପ୍ତାହାନ୍ତ ବା ୱିକ୍‌ଏଣ୍ଡ ଏବଂ ସରକାରୀ ଛୁଟିକୁ ଆଉ ସେବାରେ ବିରତି ଭାବରେ ବିବେଚନା କରାଯିବ ନାହିଁ, ଯାହା ମୃତ୍ୟୁ ଦାବି ସହିତ ଜଡିତ ବିବାଦକୁ ଯଥେଷ୍ଟ ଦୂର କରିପାରିବ।

ଇପିଏଫ୍‌ଓ ଏହା ସ୍ପଷ୍ଟ କରିଛି ଯେ ଯଦି ଜଣେ କର୍ମଚାରୀ ଗୋଟିଏ କମ୍ପାନୀ ଛାଡି ଅନ୍ୟ ଏକ କମ୍ପାନୀରେ ଯୋଗ ଦେଉଥିଲେ, ଏଥିରେ ଶନିବାର, ରବିବାର କିମ୍ବା ଘୋଷିତ ଛୁଟି ମଧ୍ୟ ଏହା ମଧ୍ୟରେ ପଡ଼େ। ତେବେ ଏହାକୁ ସେବା ବିରତି ଭାବରେ ବିବେଚନା କରାଯିବ ନାହିଁ। ପୂର୍ବରୁ, ଏହା ଦେଖାଯାଇଥିଲା ଯେ ଦୁଇଟି ଚାକିରି ମଧ୍ୟରେ ଏକ ସପ୍ତାହାନ୍ତକୁ ଜଣେ କର୍ମଚାରୀଙ୍କ ସେବା ବିରତି ଭାବରେ ବିବେଚନା କରାଯାଉଥିଲା, ଯାହା ତାଙ୍କ ପରିବାରକୁ ବୀମା ଏବଂ ପେନସନ ଲାଭରୁ ବଞ୍ଚିତ କରୁଥିଲା। ଉଦାହରଣ ସ୍ୱରୂପ, ଜଣେ କର୍ମଚାରୀ ଶୁକ୍ରବାର ଦିନ ଗୋଟିଏ କମ୍ପାନୀରୁ ଇସ୍ତଫା ଦିଅନ୍ତି ଏବଂ ସୋମବାର ଦିନ ଏକ ନୂତନ କମ୍ପାନୀରେ ଯୋଗ ଦିଅନ୍ତି। ସେ ମୋଟ ୧୨ ମାସରୁ ଅଧିକ ସମୟ ପାଇଁ ସେବା କରିଥିବେ, କିନ୍ତୁ ମଧ୍ୟରେ ସପ୍ତାହାନ୍ତ ବିରତିକୁ ଏକ ବିରତି ଭାବରେ ବିବେଚନା କରାଯାଉଥିଲା। ଫଳସ୍ୱରୂପ, ପରିବାରକୁ ଇଡିଏଲ୍‌ଆଇ ସୁବିଧାରୁ ବଞ୍ଚିତ କରାଯାଉଥିଲା।

ନୂତନ ନିୟମରେ ଯଥା, ଶନିବାର, ରବିବାର, କିମ୍ବା ଦୁଇଟି ଚାକିରି ମଧ୍ୟରେ ନିର୍ଦ୍ଧାରିତ ସାପ୍ତାହିକ ଛୁଟିକୁ ବିରତି ଭାବରେ ବିବେଚନା କରାଯିବନାହିଁ। ଜାତୀୟ ଛୁଟିଦିନ, ଗେଜେଟେଡ୍ ଛୁଟିଦିନ, ରାଜ୍ୟ ଛୁଟିଦିନ ଏବଂ ପ୍ରତିବନ୍ଧିତ ଛୁଟିଦିନଗୁଡ଼ିକୁ ମଧ୍ୟ ଅଣଦେଖା କରାଯିବ। ଏହାଛଡା ଯଦି ଜଣେ କର୍ମଚାରୀ ଏକାଧିକ ଇପିଏଫ୍ କଭର ହୋଇଥିବା କମ୍ପାନୀରେ କାମ କରନ୍ତି ଏବଂ ଚାକିରି ମଧ୍ୟରେ ୬୦ ଦିନ ପର୍ଯ୍ୟନ୍ତ ବ୍ୟବଧାନ ଥାଏ, ତେବେ ଏହାକୁ ନିରନ୍ତର ସେବା ଭାବରେ ବିବେଚନା କରାଯିବ। ଏହାର ଅର୍ଥ ହେଉଛି ଯେ ଛୋଟ ଏବଂ ବାଧ୍ୟତାମୂଳକ ବିରତି ପରିବାରଗୁଡିକୁ ଆଉ ବୀମା ଲାଭରୁ ବଞ୍ଚିତ କରିବ ନାହିଁ।

ଏଠାରେ ସୂଚନାଯୋଗ୍ୟ ଯେ, ଇପିଏଫ୍‌ଓ ଇଡିଏଲ୍‌ଆଇ ଯୋଜନା ଅଧୀନରେ ସର୍ବନିମ୍ନ ଦେୟ ୫୦ ହଜାର ଟଙ୍କା କୁ ବୃଦ୍ଧି କରିଛି। କର୍ମଚାରୀ ୧୨ ମାସର ନିରନ୍ତର ସେବା ସମାପ୍ତ କରି ନ ଥିଲେ ମଧ୍ୟ ଏହି ରାଶି ନାମିତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। ଏହା ବ୍ୟତୀତ, ସଦସ୍ୟଙ୍କ ହାରାହାରି ପିଏଫ୍ ବାଲାନ୍ସ ୫୦ ହଜାର ରୁ କମ୍ ଥିଲେ ମଧ୍ୟ ସର୍ବନିମ୍ନ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ଏହି ନିଷ୍ପତ୍ତିକୁ କମ୍ ଦରମା ନେଉଥିବା ଏବଂ ନୂତନ କର୍ମଚାରୀଙ୍କ ପରିବାର ପାଇଁ ଏକ ପ୍ରମୁଖ ଆଶ୍ୱସ୍ତି ଭାବରେ ବିବେଚନା କରାଯାଏ। ନୂତନ ସର୍କୁଲାର ଅନୁଯାୟୀ, ଯଦି ଜଣେ କର୍ମଚାରୀ ତାଙ୍କର ଶେଷ ପିଏଫ୍ ଯୋଗଦାନ ତାରିଖରୁ ୬ମାସ ମଧ୍ୟରେ ମୃତ୍ୟୁବରଣ କରନ୍ତି ଏବଂ ନିଯୁକ୍ତିଦାତାଙ୍କ ତାଲିକାରେ ଅଛନ୍ତି, ତେବେ ସର୍ବନିମ୍ନ ଇଡିଏଲ୍‌ଆଇ ଲାଭ ଏ ପର୍ଯ୍ୟନ୍ତ ପ୍ରଯୁଜ୍ୟ ହେବ। ପୂର୍ବରୁ, ଏପରି ମାମଲାରେ ଦାବିଗୁଡ଼ିକ ପ୍ରାୟତଃ ଯଥେଷ୍ଟ ଦ୍ୱନ୍ଦ୍ୱ ଏବଂ ବିଳମ୍ବର ସମ୍ମୁଖୀନ ହେଉଥିଲା।

## ଦିନକରେ ଟାଟା ସିଆରାର ୭୦,୦୦୦ ବୁକିଂ



ମୁମ୍ବଇ, ୧୯।୧୨: ଆଇକନିକ୍ ଟାଟା ସିଆରା ବୁକିଂର ପ୍ରଥମ ଦିନରେ ୭୦,୦୦୦ ରୁ ଅଧିକ ବୁକିଂ ହାସଲ କରିଛି। ଏବଂ ଅତିରିକ୍ତ ୧.୩୫ ଲକ୍ଷ ଗ୍ରାହକ ସେମାନଙ୍କ ପସନ୍ଦିତ ବିନ୍ୟାସ ଦାଖଲ କରି ବୁକିଂ ଆନୁଷ୍ଠାନିକତା ସମାପ୍ତ କରିବାକୁ ଅଗ୍ରଗତି କଲେ ଛୁ ଏହି ଅଦ୍ଭୁତ ପ୍ରତିକ୍ରିୟା ସିଆରାର ଆଇକନିକ୍ ସ୍ଥିତି ଏବଂ ଏହାର ଚୁମ୍ବକୀୟ ଆବେଦନକୁ ସମଗ୍ର ଭାରତରେ ଗ୍ରାହକଙ୍କ ହୃଦୟ ଏବଂ ମନରେ ଏକ ପ୍ରିମିୟମ୍ ମିଡ୍-ଏସୟୁଭି ଭାବରେ ଦର୍ଶାଏ। ଏହି ବୁକିଂ ମାଇଲଖୁଣ୍ଟ ବିଷୟରେ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟିର ମୁଖ୍ୟ ବାଣିଜ୍ୟ ଅଧିକାରୀ ବିବେକ ଶ୍ରୀବାଟା କହିଛନ୍ତି, ଟାଟା ସିଆରାର କିମ୍ବଦନ୍ତୀ ସ୍ଥିତିକୁ ପୁନର୍ବାର ପ୍ରମାଣିତ କରୁଥିବା ଏହି ଜବରଦସ୍ତ ପ୍ରତିକ୍ରିୟା ପାଇଁ ଆମେ ଆମର ଗ୍ରାହକଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛୁ। ଆଦର୍ଶର ପୁନ ନର୍ବାର ବ୍ୟାଖ୍ୟା କରିବାର ଉତ୍ତରାଧିକାରୀ ଅନୁଯାୟୀ, ସିଆରା ଏକ ନୂତନ ବର୍ଗକୁ ଅଗ୍ରଗତି କରିଛି। ପ୍ରିମିୟମ୍ ମିଡ୍-ଏସୟୁଭି ଗ୍ରାହକଙ୍କ ଆକାଂକ୍ଷା ବିକାଶର ଏକ ଗଭୀର ବୁଝାମଣାକୁ ବ୍ୟବହାର କରି, ଏହା ମଧ୍ୟମ ଆକାରର ଏସ୍‌ୟୁପି କ'ଣ ହୋଇପାରେ ତାହା ପୁନଚିତ୍ରଣ କରେ। ସିଆରା ଏକ ଯାନଠାରୁ ଅଧିକ - ଏହା ପ୍ରଗତି, ବ୍ୟକ୍ତିଗତତା ଏବଂ ଆକାଂକ୍ଷାର ପ୍ରତୀକ ଭାବରେ ଛିଡା ହୋଇଛି।


## 'ପରବ ୨୦୨୫' ପାଳୁଛି ବେଦାନ୍ତ ଆଲୁମିନିୟମ୍




ଭୁବନେଶ୍ୱର, ୧୯।୧୨(ସମିସ): କୋରାପୁଟର ପ୍ରତୀକାତ୍ମକ ସାଂସ୍କୃତିକ ମହୋତ୍ସବର ୨୮ତମ ସଂସ୍କରଣ 'ପରବ ୨୦୨୫'ର ସମାରୋହରେ ଯୋଗଦେଇଛି ବେଦାନ୍ତ ଆଲୁମିନିୟମ। ଏହି ୫ ଦିନିଆ ଆଦିବାସୀ ମହୋତ୍ସବ ଦକ୍ଷିଣ ଓଡ଼ିଶାର କାଳଜୟୀ ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଜଣାଇବା ପାଇଁ ସମ୍ପ୍ରଦାୟ, କଳାକାର ଏବଂ ଶିଳ୍ପ ଏକତ୍ରିତ। ଉଦଘାଟନୀ ଦିବସରେ ବେଦାନ୍ତ ଆଲୁମିନିୟମ ଏହାର ଉତ୍ସର୍ଗୀକୃତ ଷ୍ଟଲକୁ ଉନ୍ମୋଚନ କରିଥିଲା, ଯାହା କମ୍ପାନୀର ସାମୁଦାୟିକ ବିକାଶ ଏବଂ ସାଂସ୍କୃତିକ ସଂରକ୍ଷଣ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରକାଶ କରିଥିଲା। ଏହି ଷ୍ଟଲକୁ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର, ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା,କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲା ପରିଷଦ ସଦସ୍ୟ ସସ୍ମିତା ମେଲେକା ଏବଂ କୋରାପୁଟର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ମନୋଜ ସତ୍ୟବାନ ମହାଜନଙ୍କ ସମ୍ମାନଜନକ ଉପସ୍ଥିତିରେ ଉଦଘାଟନ କରିଥିଲେ। ସମାବେଶୀ ଏବଂ ନିରନ୍ତର ବିକାଶ ଦିଗରେ ଏହି ଅଞ୍ଚଳର ଯାତ୍ରାକୁ ପ୍ରତିଫଳିତ କରୁଥିବାବେଳେ ଆଦିବାସୀ ସଂସ୍କୃତିକୁ ଆଲୋକିତ କରିଥିବାରୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି ଉତ୍ସବର ପ୍ରଶଂସା କରିଥିଲେ।

## ବ୍ୟାସନଗରରେ ଖିମଜୀ ଜୁଏଲର୍ସର ୧୧ତମ ଶୋ'ରୁମ୍

### ଯାଜପୁର ରୋଡ୍‌ର ସବୁଠାରୁ ବଡ଼ ଷ୍ଟୋର



ବ୍ୟାସନଗର,୧୯।୧୨(ସମିସ): ଖିମଜୀ ଜୁଏଲର୍ସ ଶନିବାର ଯାଜପୁର ରୋଡ୍‌ରେ ଏହାର ଭବ୍ୟ ୬୦୦୦ ବର୍ଗଫୁଟର ଶୋ'ରୁମ୍ ଖୋଲିବାକୁ ଯାଉଛି। ସହରର ପଙ୍କଜ ହୋଟେଲ ନିକଟସ୍ଥ ବ୍ୟାଙ୍କ ଷ୍ଟ୍ରିଟ୍ ରୋଡରେ ଅବସ୍ଥିତ ଏହି ଶୋ'ରୁମ ଯାଜପୁର ରୋଡ୍‌ର ସବୁଠାରୁ ବଡ଼ ଜୁଏଲରୀ ଶୋ'ରୁମ୍ ଏବଂ ବ୍ରାଣ୍ଡର ଓଡ଼ିଶାରେ ୧୧ତମ ଶୋ'ରୁମ୍। ଏଠାରେ ସୁନା, ହୀରା, ପ୍ଲାଟିନମ୍ ଓ ରୁପା ଗହଣାର ବିଶାଳ ଓ ଅସାଧାରଣ ସଂଗ୍ରହ ସହିତ ବିଭିନ୍ନ ପ୍ରକାରର ଫ୍ୟାଶନ ଗହଣା ଏବଂ କର୍ପୋରେଟ୍ ଉପହାର ସାମଗ୍ରୀ ବିକଳ୍ପମାନ ଉପଲବ୍ଧ। ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ, ନିର୍ଦ୍ଦେଶକ ସୁମୀତ ଖିମଜୀ, ଖିମଜୀ ପରିବାରର ସଦସ୍ୟମାନେ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ କାଳଜୟୀ ସୁନା ଓ ହୀରା ଗହଣାରୁ ଆରମ୍ଭ କରି ନୂଆ ରୂପା ଓ ଫ୍ୟାଶନ ଗହଣା ପର୍ଯ୍ୟନ୍ତ ରହିଛି। ଏହି ଷ୍ଟୋର୍ କର୍ପୋରେଟ୍ ଉପହାରର ବଢୁଥିବା ଚାହିଦାକୁ ମଧ୍ୟ ପୂରଣ କରିବ ଏବଂ କର୍ପୋରେଟ୍ କ୍ଲାଏଣ୍ଟମାନଙ୍କ ପାଇଁ ଅନନ୍ୟ ଓ ବେସ୍ପୋକ୍ ଉତ୍ପାଦ ପ୍ରଦାନ କରିବ।

ଏହି ଅବସରରେ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି, ଯାଜପୁର ରୋଡ୍ ଦୀର୍ଘ କାଳରୁ ଓଡ଼ିଶାର ଶିଳ୍ପ ବିକାଶର କେନ୍ଦ୍ରବିନ୍ଦୁ ରହିଛି ଏବଂ ଆଜି ଏହା ଉଦୀୟମାନ ଆକାଂକ୍ଷା ଓ ବିକଶିତ ଜୀବନଶୈଳୀର ଏକ ପ୍ରମୁଖ ସ୍ଥାନ। ନୂଆ ଶୋ'ରୁମ୍ ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ କେବଳ ଆମର ବିଶ୍ୱାସ ଓ କାରିଗରୀର ଐତିହ୍ୟ ନୁହେଁ ବରଂ ସେମାନଙ୍କ ଆଧୁନିକ ଓ ପ୍ରିମିୟମ୍ ଜୀବନଶୈଳୀର ଆକାଂକ୍ଷା ସହିତ ମିଶୁଥିବା ଡିଜାଇନ୍ ମଧ୍ୟ ଆଣିବୁ। ନୂଆ ଶୋରୁମର ଶୁଭାରମ୍ଭ ପୂର୍ବରୁ ବିଶେଷ ଉଦଘାଟନୀ ଅଫର୍ ଘୋଷଣା କରାଯାଇଛି। ଗ୍ରାହକମାନେ ସୁନା ଗହଣାର ନିର୍ମାଣ ଶୁଳ୍କରେ ଫ୍ଲାଟ୍ ୫୦ % ରିଆତି, ହୀରାରେ ୨୦% ପର୍ଯ୍ୟନ୍ତ ରିଆତି, ରୂପା ଓଜନ ଆଇଟମର ଗଢ଼ା ମୂଲ୍ୟରେ ଫ୍ଲାଟ୍ ୨୫% ରିଆତି, ରୁପା ଓ ଫ୍ୟାଶନ ଗହଣା ଏମ୍‌ଆରପି ଆଇଟମରେ ଫ୍ଲାଟ୍ ୧୫% ରିଆତି ଏବଂ ଆର୍ଟିଫ୍ୟାକ୍ଟସର ଫ୍ଲାଟ୍ ୧୦% ରିଆତି ପାଇପାରିବେ।

## ଇକ୍ୱିଟି ଓ ରିଅଲ ଇଷ୍ଟେଟ୍‌କୁ ପଛରେ ପକାଇଲା ସୁନା

ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି): ବିଶ୍ୱ ସହ ଘରୋଇ ବଜାରରେ ସୁନା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ସୁନା ଦର ଏମିତି ବେଗରେ ବଢ଼ିବାରେ ଲାଗିଛି ଯେ, ଏହା ଅନ୍ୟ ସମସ୍ତ ନିବେଶ ରିଟର୍ଣ୍ଣକୁ ପଛରେ ପକାଇଛି। ଉଦାହରଣ ସ୍ୱରୂପ ବିଗତ ୨୦ ବର୍ଷ ମଧ୍ୟରେ ଭାରତରେ ରିଅଲ୍ ଇଷ୍ଟେଟ୍ ଏବଂ ଇକ୍ୱିଟିକୁ ପଛରେ ପକାଇ ସୁନା ଏତେ ଅଧିକ ରିଟର୍ଣ୍ଣ ପ୍ରଦାନ କରିଛି।

ଦୀର୍ଘକାଳୀନ ଚକ୍ରବୃଦ୍ଧି ବାର୍ଷିକ ରିଟର୍ଣ୍ଣ ଦୃଷ୍ଟିରୁ ସୁନାରେ ନିବେଶ ଅଧିକାଂଶ ନିବେଶ ବିକଳ୍ପକୁ ପଛରେ ପକାଇଛି। ଭାରତୀୟ ଇକ୍ୱିଟିଗୁଡ଼ିକ ୨୦ ବର୍ଷ ମଧ୍ୟରେ ୧୩.୫ ପ୍ରତିଶତ ଚକ୍ରବୃଦ୍ଧି ବାର୍ଷିକ ରିଟର୍ଣ୍ଣ(ସିଏଆର୍‌ଜି) ପ୍ରଦାନ କରିଥିବାବେଳେ, ଏହି ସମୟ ମଧ୍ୟରେ ସୁନା ୧୫ ପ୍ରତିଶତ ରିଟର୍ଣ୍ଣ ଦେଇଛି। ରିଅଲ୍ ଇଷ୍ଟେଟ୍ ୭.୮ ପ୍ରତିଶତର ସିଏଆର୍‌ଜି ପ୍ରଦାନ କରିଛି। ଫଣ୍ଡସ ଇଣ୍ଡିଆର ଏକ ଅଧ୍ୟୟନ ରିପୋର୍ଟ ଅନୁଯାୟୀ, ଗତ ୨୦ ବର୍ଷ ମଧ୍ୟରେ ଭାରତୀୟ ଇକ୍ୱିଟିରୁ ୧୩.୫ ପ୍ରତିଶତ ସିଏଆର୍‌ଜି ରିଟର୍ଣ୍ଣ ଆମେରିକୀୟ ଇକ୍ୱିଟିରୁ ୧୪.୮ ପ୍ରତିଶତ ସିଏଆର୍‌ଜି ରିଟର୍ଣ୍ଣ ଅପେକ୍ଷା କମ୍ ଥିଲା, ଯାହାକୁ ଏସ୍‌ଆଣ୍ଡପି ୫୦୦ ଟିଆର୍‌ଆଇ ଦ୍ୱାରା ଟଙ୍କାରେ ମାପ କରାଯାଇଛି। ସିଏଆର୍‌ଜି ଦୃଷ୍ଟିରୁ ସୁନାରେ ନିବେଶ ଅଧିକାଂଶ ନିବେଶ ବିକଳ୍ପକୁ ପଛରେ ପକାଇଛି। ୨୦ ବର୍ଷ ମଧ୍ୟରେ ଭାରତୀୟ ଇକ୍ୱିଟିଗୁଡ଼ିକ ବାର୍ଷିକ ୧୩.୫ ପ୍ରତିଶତ ଚକ୍ରବୃଦ୍ଧି ହାରରେ ରିଟର୍ଣ୍ଣ ପ୍ରଦାନ କରିଥିଲେ ମଧ୍ୟ ଏହି ସମୟ ମଧ୍ୟରେ ସୁନା ଦର ୧୫ ପ୍ରତିଶତ ବୃଦ୍ଧି ପାଇଛି। ଫଣ୍ଡସଇଣ୍ଡିଆ ଅଧ୍ୟୟନ ଅନୁଯାୟୀ, ୭.୮ ପ୍ରତିଶତ ସିଏଆର୍‌ଜି ସହିତ ରିଅଲ୍ ଇଷ୍ଟେଟ୍ ଏବଂ ୭.୬ ପ୍ରତିଶତ ସିଏଆର୍‌ଜି ସହିତ ଋଣ ମୂଲ୍ୟାଙ୍କନର ସବୁଠାରୁ ତଳେ ରହିଥିଲା।

**୨୦ ବର୍ଷରେ ଦେଇଛି ୧୬% ରିଟର୍ଣ୍ଣ**

ଫଣ୍ଡସ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ୫ ବର୍ଷର ଏକ ଛୋଟ ଅବଧିରେ ସୁନାର ସିଏଆର୍‌ଜି ରିଟର୍ଣ୍ଣ ୨୩.୨ ପ୍ରତିଶତ ଥିଲା, ଯାହା ଭାରତୀୟ ଇକ୍ୱିଟିର ୧୬.୫ ପ୍ରତିଶତ ଏବଂ ଆମେରିକୀୟ ଇକ୍ୱିଟିର ୧୯.୬ ପ୍ରତିଶତ ତୁଳନାରେ ଭଲ। ଏହି ପ୍ରଭାବଶାଳୀ ରିଟର୍ଣ୍ଣ ସତ୍ତ୍ୱେ, ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ବର୍ଷରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବିଶେଷକରି ଯଦି ବିଶ୍ୱରେ ବର୍ତ୍ତମାନର ମୁଦ୍ରାସ୍ଫୀତି ଏବଂ ଅନିଶ୍ଚିତତା ସ୍ଥିତି ଜାରି ରୁହେ, ତେବେ ସୁନା ଦର ଆଗକୁ ମଧ୍ୟ ବୃଦ୍ଧି ପାଇବ। ରିପୋର୍ଟ ଅନୁଯାୟୀ, ଘରୋଇ ଇକ୍ୱିଟି ସେଗମେଣ୍ଟରେ ମଧ୍ୟମ ଏବଂ କ୍ଷୁଦ୍ର-କ୍ୟାପ୍ କମ୍ପାନୀଗୁଡ଼ିକର ୨୦ ବର୍ଷର ସିଏଆର୍‌ଜି ରିଟର୍ଣ୍ଣ ଯଥାକ୍ରମେ ୧୬.୫ ପ୍ରତିଶତ ଏବଂ ୧୪.୩ ପ୍ରତିଶତ ଥିଲା, ଯାହା ଲାର୍ଜ-କ୍ୟାପ୍ କମ୍ପାନୀଗୁଡ଼ିକ ପାଇଁ ୧୩.୮ ପ୍ରତିଶତ ରିଟର୍ଣ୍ଣଠାରୁ ଅଧିକ।

## ସୁଧ ହାର ବଢ଼ାଇଲା ବ୍ୟାଙ୍କ ଅଫ୍ ଜାପାନ

ଟୋକିଓ,୧୯।୧୨(ଏଜେନ୍ସି): ଜାପାନର କେନ୍ଦ୍ରୀୟ ବ୍ୟାଙ୍କ ଶୁକ୍ରବାର ତା'ର ସୁଧ ହାରରେ ବୃଦ୍ଧି ଘୋଷଣା କରିଛି। ଏହା ବିଗତ ୩୦ ବର୍ଷ ମଧ୍ୟରେ ସର୍ବାଧିକ। ବ୍ୟାଙ୍କ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଭବିଷ୍ୟତରେ ସୁଧ ହାର ଆହୁରି ବୃଦ୍ଧି ପାଇବ। ଦୀର୍ଘ ସମୟ ଧରି ଜାପାନ ବହୁତ କମ୍ ସୁଧ ହାର ଏବଂ ବ୍ୟାପକ ଆର୍ଥିକ ସହାୟତା ଉପରେ ନିର୍ଭର କରିଆସିଛି, କିନ୍ତୁ ବର୍ତ୍ତମାନ ବ୍ୟାଙ୍କ ବିଶ୍ୱାସ କରେ ଯେ ଦେଶ ସ୍ଥିର ଭାବରେ ଏହାର ୨% ମୁଦ୍ରାସ୍ଫୀତି ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଛି। ତେବେ ବଜାର ପୂର୍ବରୁ ଜାପାନ ବ୍ୟାଙ୍କ ସୁଧ ହାର ବୃଦ୍ଧି କରିବ ବୋଲି ଆଶା କରିଥିଲା।

## କିଟ୍‌ରେ 'ମାର୍ଚ୍ଚିଂ ବିୟଣ୍ଡ ଦି ଲାଇବ୍ରେରୀ ୨୦୨୫' ଉଦ୍‌ଘାଟିତ



ଭୁବନେଶ୍ୱର,୧୯।୧୨(ସମିସ): ମ୍ୟାନେଜମେଣ୍ଟ ଲାଇବ୍ରେରୀ ନେଟ୍‌ୱର୍କ (ମାନଲିବନେଟ) ଏବଂ ଆଇସିଏମବିଏଲ-୨୦୨୫ ର ମିଳିତ ଆନୁକୂଲ୍ୟରେ ତିନି ଦିନିଆ ଅନ୍ତର୍ଜାତୀୟ ଲାଇବ୍ରେରୀ ୨୦୨୫ ଶୀର୍ଷକ ସମ୍ମିଳନୀ କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀରେ ୩ଦିନ ଧରି ଲାଇବ୍ରେରୀ ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଓ ପରିବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆଲୋଚନା ହେବ। ଏହି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଭାରତ ଓ ବିଦେଶର ଖ୍ୟାତିସଂପନ୍ନ ପ୍ରଫେସର, ଶିକ୍ଷାବିତ୍, ସୂଚନା ବୈଜ୍ଞାନିକ, ଗବେଷକ ଓ ଲାଇବ୍ରେରୀ ବୃତ୍ତିଗତମାନେ ଯୋଗ ଦେଇ ଲାଇବ୍ରେରୀର ବିକଶିତ ଭୂମିକା ଏବଂ ସମସାମୟିକ ଡିଜିଟାଲ୍ ଯୁଗରେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଉପରେ ବିଚାର ବିମର୍ଶ ଉପରେ ଆଲୋଚନା କରିବେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର କେ. ଡି. ରାଜୁ, ସମ୍ମିଳନୀ ନିର୍ଦ୍ଦେଶକ ପ୍ରଫେସର ବି. ରମେଶ ବାବୁ, ମ୍ୟାନେଜମେଣ୍ଟ ଲାଇବ୍ରେରୀ ନେଟ୍‌ୱର୍କର ସଭାପତି ଡ. ଏମ୍. ଜି. ଶ୍ରୀକୁମାର, ମାନଲିବନେଟ ସାଧାରଣ ସମ୍ପାଦକ ଡ. ଅଖତର ପରଭେଜ, କିଟ୍ ଲାଇବ୍ରେରୀ ନିର୍ଦ୍ଦେଶିକା ତଥା ଲାଇବ୍ରେରୀ ସାଇନ୍‌ସ ବିଭାଗୀୟ ମୁଖ୍ୟ ଡ. ବିଜୟାଲକ୍ଷ୍ମୀ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ପାଠାଗାର ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପକ ଦିଲୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆମେରିକାର ଟାରିଫ୍ ନୀତି ଭାରତ ଆଗରେ ଆଣିଛି ନୂଆ ଆହ୍ୱାନ

## ସ୍ମାର୍ଟଫୋନ୍ ଚମକୁଛି; କପଡ଼ା ଶିଳ୍ପ ଡୁବୁଛି




**ନିଯୁକ୍ତି ସୃଷ୍ଟିକାରୀ ଚିଙ୍ଗୁଡ଼ି, କପଡ଼ା ଶିଳ୍ପ ଉପରେ ଧ୍ୟାନ ଜରୁରୀ**

ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି): ଆମେରିକାକୁ ରପ୍ତାନି କ୍ଷେତ୍ରରେ ଭାରତ ଏକ ବଡ଼ ଦ୍ୱନ୍ଦ୍ୱର ସମ୍ମୁଖୀନ ହେଉଛି, ଯାହାକୁ 'ଚିଙ୍ଗୁଡ଼ି କିମ୍ବା ସ୍ମାର୍ଟଫୋନ୍' ସମସ୍ୟା କୁହାଯାଉଛି। ଚିଙ୍ଗୁଡ଼ି ଭଳି ଶ୍ରମ-ସଘନଶୀଳ ଉତ୍ପାଦ ରପ୍ତାନି ନିଯୁକ୍ତି ସୃଷ୍ଟି କରେ ଏବଂ ଛୋଟ ବ୍ୟବସାୟକୁ ସମର୍ଥନ କରିଥାଏ। ତଥାପି, ସ୍ମାର୍ଟଫୋନ୍ ଭଳି ସାମଗ୍ରୀ ମହଙ୍ଗା, ଯାହା ଦେଶ ପାଇଁ ଅଧିକ ରାଜସ୍ୱ ସୃଷ୍ଟି କରେ। ଏଥିରେ ସମସ୍ୟା ହେଉଛି ଉଭରେ ପ୍ରତିଯୋଗିତା ସମାନ ନୁହେଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟିକସ ନୀତି ଯୋଗୁଁ ଆମେରିକା ଭାରତୀୟ ସ୍ମାର୍ଟଫୋନ୍ ଏବଂ ଔଷଧ ଉପରେ ଟିକସ ଲାଗୁ କରିନାହିଁ। ତଥାପି, ଚିଙ୍ଗୁଡ଼ି, କପଡ଼ା ଏବଂ କୃଷି ଉତ୍ପାଦଗୁଡ଼ିକ ଉପରେ ବହୁତ ଅଧିକ ଟିକସ ଲାଗୁ ହୋଇଛି, ଯାହା ୫୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରେ। ଏହା ଭାରତକୁ ଏକ କଷ୍ଟକର ନିଷ୍ପତ୍ତି ନେବାକୁ ବାଧ୍ୟ କରିଛି। ନିଯୁକ୍ତି ସୃଷ୍ଟିକାରୀ ସାମଗ୍ରୀ ଉପରେ ଧ୍ୟାନ ଦିଆଯିବ କି ଅଧିକ ରାଜସ୍ୱ ସୃଷ୍ଟି କରୁଥିବା ସାମଗ୍ରୀ ଉପରେ।

ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ୍ (ଫିଓ)ର ମୁଖ୍ୟ ଅଜୟ ସହାୟ କହିଛନ୍ତି ଯେ ଭାରତ ଉଭୟ ପ୍ରକାରର ସାମଗ୍ରୀ ବିଦେଶକୁ ବିକ୍ରି କରିବା ଉଚିତ। ତାଙ୍କ ମତରେ ଯଦି ଭାରତକୁ ଏକ ଟ୍ରିଲିୟନ ଡଲାରର ରପ୍ତାନି ଲକ୍ଷ୍ୟ ହାସଲ କରିବାକୁ ପଡିବ, ତେବେ ଯନ୍ତ୍ରପାତି ଏବଂ ପ୍ରଯୁକ୍ତିବିଦ୍ୟା ସାମଗ୍ରୀ ମଧ୍ୟ ଅତ୍ୟନ୍ତ ଜରୁରୀ। କାରଣ ବିଶ୍ୱ ସ୍ତରରେ ଏହାର ଚାହିଦା ବୃଦ୍ଧି ପାଉଛି। ତଥାପି, ସେ ଏହା ମଧ୍ୟ କହିଛନ୍ତି ଯେ ଯେଉଁ ବ୍ୟବସାୟଗୁଡ଼ିକ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଥାନ୍ତି, ସେଗୁଡିକୁ ପରିତ୍ୟାଗ କରାଯାଇପାରିବ ନାହିଁ, ଯଦିଓ ସେମାନେ ଅଧିକ ରାଜସ୍ୱ ସୃଷ୍ଟି କରନ୍ତି ନାହିଁ। ଆମେରିକାକୁ ଭାରତର ରପ୍ତାନିର ଏକ ତୃତୀୟାଂଶରୁ ଅଧିକ ହେଉଛି ଅଧିକ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା ସାମଗ୍ରୀ। ଟ୍ରମ୍ପ୍ ପ୍ରଶାସନର ଟିକସ ଦ୍ୱାରା ଏଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହେଉଛି। ୨୦୨୫ରେ, ଆମେରିକାକୁ ଭାରତର ରପ୍ତାନିର ପ୍ରାୟ ୨୦ ପ୍ରତିଶତ କପଡ଼ା ଏବଂ କୃଷି ସାମଗ୍ରୀ ଥିଲା। ଏହି ଶିଳ୍ପଗୁଡ଼ିକ ସର୍ବାଧିକ ନିଯୁକ୍ତି ପ୍ରଦାନ କରିଥାନ୍ତି।

ଅନ୍ୟପକ୍ଷରେ, ପ୍ରଯୁକ୍ତିବିଦ୍ୟା ସାମଗ୍ରୀର ବିଶ୍ୱ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ଭାରତ ପାଇଁ ମହଙ୍ଗା ଏବଂ ଉଚ୍ଚ ମୂଲ୍ୟର ସାମଗ୍ରୀ ଉତ୍ପାଦନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ କରିଛି। ଭାରତର ମୋଟ ରପ୍ତାନିରେ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ସାମଗ୍ରୀର ଅଂଶ ବୃଦ୍ଧି ପାଉଛି। ଏଥିରେ ସ୍ମାର୍ଟଫୋନ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଭାରତରୁ ରପ୍ତାନି ହେଉଥିବା ସ୍ମାର୍ଟଫୋନ୍ ମଧ୍ୟରୁ ସର୍ବାଧିକ ସଂଖ୍ୟକ ଆମେରିକାକୁ ପଠାଯାଏ। ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମୁଖ୍ୟତଃ ଶ୍ରମ-ସଘନ ଏବଂ କମ୍-ଟେକ୍ନୋଲୋଜି ଉତ୍ପାଦ ରପ୍ତାନି କରନ୍ତି। କୃଷି ପରେ, ଏହି କ୍ଷେତ୍ର ଦେଶର ସବୁଠାରୁ ବଡ଼ ନିଯୁକ୍ତିଦାତା। ପ୍ରାୟ ୨୮୦ ନିୟୁତ ଲୋକ ଏହି କ୍ଷେତ୍ରରେ କାମ କରନ୍ତି। ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅନୁଯାୟୀ, ଭାରତର ମୋଟ ରପ୍ତାନିରେ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକର ଯୋଗାଦନ ୨୦୨୩-୨୪ରେ ୪୫.୭୪ ପ୍ରତିଶତରୁ ୨୦୨୪-୨୫ରେ ୪୮.୫୫ ପ୍ରତିଶତକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହାର ଅର୍ଥ ହେଉଛି ଭାରତର ପ୍ରାୟ ଅଧା ରପ୍ତାନି କ୍ଷୁଦ୍ର ଏବଂ ମଧ୍ୟମ ଆକାରର ଉଦ୍ୟୋଗରୁ ଆସିଥାଏ। ନିତି ଆୟୋଗର ଏକ ରିପୋର୍ଟ ଅନୁଯାୟୀ, ଭିଏତନାମ, ବାଂଲାଦେଶ ଏବଂ ଚୀନ୍ ଭଳି ଦେଶଗୁଡ଼ିକ କମ୍ ଶିକ୍ଷିତ ଶ୍ରମିକଙ୍କ ଦ୍ୱାରା ନିଯୁକ୍ତି ପାଇପାରୁଥିବା ସାମଗ୍ରୀ ବିକ୍ରି କରିବାରେ ଭାରତ ତୁଳନାରେ ଭଲ ପ୍ରଦର୍ଶନ କରିଛନ୍ତି। ଏହାର ଅର୍ଥ ହେଉଛି ଭାରତ ଏ ପର୍ଯ୍ୟନ୍ତ ଶସ୍ତା ଶ୍ରମକୁ ସମ୍ପୂର୍ଣ୍ଣ ପୁଞ୍ଜି କରିନାହିଁ। ଯଦି ଏହା କରାଯାଏ, ତେବେ ଅଧିକ ଲୋକ କାମ ପାଇବେ ଏବଂ ଏମ୍‌ଏସ୍‌ଏମ୍‌ଇ ଅଧିକ ଶକ୍ତିଶାଳୀ ହେବ।

ଗତ କିଛି ବର୍ଷ ମଧ୍ୟରେ, ଭାରତ ଅଧିକ ପ୍ରଯୁକ୍ତିବିଦ୍ୟା ସାମଗ୍ରୀ ବିକ୍ରି କରିବା ଆରମ୍ଭ କରିଛି। ୨୦୧୩ରେ, ଭାରତର ମୋଟ ରପ୍ତାନିରେ ଏପରି ସାମଗ୍ରୀର ଅଂଶ ୨୦୨୫ ଆରମ୍ଭ ସୁଦ୍ଧା ପ୍ରାୟ ୯ %ରୁ ପ୍ରାୟ ୨୧%କୁ ବୃଦ୍ଧି ପାଇଥିଲା। ଏହି ବୃଦ୍ଧି ଆମେରିକାକୁ ପଠାଯାଉଥିବା ସାମଗ୍ରୀରେ ଆହୁରି ସ୍ପଷ୍ଟ ହୋଇଛି। ୨୦୨୪ରେ, ଭାରତର ଆମେରିକାକୁ ରପ୍ତାନିର ପ୍ରାୟ ୨୪% ପ୍ରଯୁକ୍ତିବିଦ୍ୟା ସାମଗ୍ରୀ ଥିଲା, ଯାହା ୨୦୨୫ ଆରମ୍ଭ ସୁଦ୍ଧା ପ୍ରାୟ ୩୬%କୁ ବୃଦ୍ଧି ପାଇଥିଲା।

## ଆଜିର ରାଶିଫଳ

**ମେଷ:** କୌଣସି କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ସକାରାତ୍ମକ ଚିନ୍ତାଧାରା ଆଗକୁ ନେବାରେ ସାହାଯ୍ୟ କରିବ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପ୍ରେମ ଜୀବନ ସୁଖମୟ ହେବ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ବ୍ୟବସାୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ଛାତ୍ରଛାତ୍ରୀଙ୍କୁ ବିଦେଶ ଶିକ୍ଷାର ଅବସର ଜୁଟିବ। ଗୁରୁଜନଙ୍କ ସହଯୋଗ ମିଳିବ।

**ସିଂହ:** ଦିନଟି ଭଲରେ କଟିବ। ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ। ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। କୌଣସି ନୂଆ ଲୋକଙ୍କ ସହ ସାକ୍ଷାତ କରିବେ।

**ତୁଳା:** ପ୍ରେମିକଙ୍କୁ ନିଜ ମନ କଥା କହିବେ। ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ବଡ଼ ଭାଇଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ବାଦବିବାଦଠାରୁ ଦୂରେଇ ରହିବେ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।


**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।



## ଏବେ ବି ବଞ୍ଚିଛି ମାନବିକତା

ସାମାଜିକ ଗଣମାଧ୍ୟମରେ ଏବେ ଏକ ହୃଦୟସ୍ପର୍ଶୀ ଭିଡିଓ ଭାଇରାଲ ହୋଇଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଭିଡିଓଟିକୁ ଦେଖି ଏବେ ବି କିଛି ଲୋକଙ୍କଠାରେ ମାନବିକତା ଜୀବିତ ଥିବା କୁହାଯାଉଛି। ତେବେ ଜଣେ ମହିଳା ପ୍ରତିଦିନ ସକାଳ ୭ଟା ୧୫ରେ ନିଜ ଘରୁ ଚା' ତିଆରି କରି ନିଜ କଲୋନିର ସଫେଇ ଗାଡ଼ିର ସଫେଇକର୍ମୀଙ୍କୁ ପ୍ରଦାନ କରିଥାନ୍ତି। ଅବଶ୍ୟ ଏହା ମହିଳାଙ୍କର କୌଣସି ନିତିଦିନିଆ କାମ କି କୌଣସି ଦାୟିତ୍ୱ ନ ହେଲେ ବି ଏହି କାମ ସେ ସବୁବେଳେ କରିଥାନ୍ତି। ସେହିପରି ତାଙ୍କର ଏହି କାମ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ଭାଇରାଲ ଭିଡିଓରୁ ଦେଖିବାକୁ ମିଳୁଛି ଯେ, ମହିଳା ଜଣକ ଏକ ପାତ୍ରରେ ଚା' ତିଆରି କରି ଘର ବାହାରକୁ ଆଣୁଛନ୍ତି। ପ୍ରଥମେ ସଫେଇକର୍ମୀ ଏବଂ ଏହା ପରେ ସଫେଇ ଗାଡ଼ିର ଚାଳକଙ୍କୁ ସେ ଚା' ପିଇବାକୁ ଦେଉଛନ୍ତି। ଏହି ଦୃଶ୍ୟ ସମ୍ମାନ ଓ ଆପଣାପଣ କେବଳ ଶବ୍ଦରେ ନୁହେଁ, ବରଂ ତାଙ୍କ କାମରେ ରହିଛି ବୋଲି ଏହା ସ୍ପଷ୍ଟ ବାରିହେଉଛି। ଏହାବାଦ୍ ସହରକୁ ସଫା ରଖିବାରେ ସଫେଇକର୍ମୀଙ୍କ ଗୁରୁ ଦାୟିତ୍ୱ ଥିବାବେଳେ ସେମାନଙ୍କର ପରିଶ୍ରମକୁ ଅଣଦେଖା କରାଯାଏ। ଏଭଳି ସ୍ଥିତିରେ ଚା' କେବଳ ତାଙ୍କ ପାଇଁ ପାନୀୟ ନୁହେଁ, ସମ୍ମାନ ଓ ଭଲପାଇବାର ପ୍ରତୀକ ପାଲଟିଛି। ଏହି ଭିଡିଓ ସୂଚାଇ ଦେଇଛି ଯେ, ଦୟାଳୁତା ମଧ୍ୟ ଛୋଟ ଛୋଟ କାମରେ ବଡ଼ ସକାରାତ୍ମକ ଶକ୍ତି ସୃଷ୍ଟି କରେ। ଅନ୍ୟପକ୍ଷରେ ଭିଡିଓଟି କେଉଁ ସ୍ଥାନର ଓ ମହିଳାଙ୍କ ସମ୍ପର୍କରେ କିଛି ଜଣାପଡ଼ି ନ ଥିଲେ ବି ଏଭଳି ଏକ କାମକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।

## 'ଓ ରୋମିଓ'ରେ ବିକ୍ରାନ୍ତ



ବଲିଉଡ୍ ଅଭିନେତା ଶାହିଦ୍ କପୁର ତାଙ୍କ ଆଗାମୀ ଫିଲ୍ମ 'ଓ ରୋମିଓ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏଥିରେ ତାଙ୍କ ସହ ତ୍ରିପ୍ତି ଦିମ୍ରି ନଜର ଆସିବେ। ବିଶାଳ ଭରଦ୍ୱାଜ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହାପୂର୍ବରୁ ଶାହିଦ୍ ବିଶାଳଙ୍କ 'କମିନେ'(୨୦୦୯), 'ହୈଦର'(୨୦୧୪), 'ରେଙ୍ଗୁନ୍' (୨୦୧୭) ଫିଲ୍ମରେ କାମ କରିଛନ୍ତି। ଏହି ଫିଲ୍ମଗୁଡ଼ିକରେ ଶାହିଦ୍‌ଙ୍କ ଜବରଦସ୍ତ ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା। ପୁଣି ଥରେ ବିଶାଳ ଏକ ଦମ୍‌ଦାର କାହାଣୀ ଆଣିବା ସହ ଶାହିଦ୍ ଏଥିରେ ପୂରାପୂରି ନୂଆ ଅବତାରରେ ଆସିବେ ବୋଲି ଚର୍ଚ୍ଚା ହେଉଛି। କିଛି ଦିନ ପୂର୍ବରୁ ଫିଲ୍ମର ଟାଇଟଲ୍ ସହ ଏହାର ଫାଷ୍ଟଲୁକ୍ ସାମ୍ନାକୁ ଆସିଥିଲା। ପୂର୍ବରୁ ଏହି ଫିଲ୍ମରେ ଶାହିଦ୍, ତ୍ରିପ୍ତି ଓ ନାନା ପାଟେକର୍‌ଙ୍କୁ ଫାଇନାଲ କରାଯାଇଥିଲା। ଏବେ ଏଥିରେ ଆଉ ତିନି ଜଣ କଳାକାରଙ୍କ ଏଣ୍ଟ୍ରି ହୋଇଛି। 'ଓ ରୋମିଓ'ରେ ବିକ୍ରାନ୍ତ ମେସି, ତମନ୍ନା ଭାଟିଆ, ଦିଶା ପଟାନି ଆଉ କିଛି କଳାକାର ମଧ୍ୟ ଦେଖାଯିବେ। ଏବେ ଏହି ତିନି କଳାକାରଙ୍କ ନାଁ ସାମ୍ନାକୁ ଆସିବା ପରେ ଫିଲ୍ମର ଷ୍ଟାରକାଷ୍ଟ ଆହୁରି ମଜଭୁତ ହୋଇ ଯାଇଛି। ସାଜିଦ୍ ନାଡିୟାଡୱାଲା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏହା ଆସନ୍ତା ଫେବୃଆରୀ ୧୩ରେ ଭାଲେଣ୍ଟାଇନ୍ ଡେ ଅବସରରେ ରିଲିଜ୍ ହେବ।

## ମୁହଁ ଘୋଡ଼ାଇ ଶୋଇବା କ୍ଷତିକାରକ



ସାଧାରଣତଃ ଶୀତଦିନେ ଅଧିକାଂଶ ଲୋକେ କମ୍ବଳରେ ପୂରା ଶରୀର ସହିତ ମୁହଁକୁ ମଧ୍ୟ ଘୋଡ଼ାଇ ଶୁଅନ୍ତି। ଏହା ଆରାମଦାୟକ ହେବା ସହ ଉଷୁମ ପ୍ରଦାନ କରେ। ତେବେ ଡାକ୍ତର ଏହି ଅଭ୍ୟାସକୁ ମାରାତ୍ମକ ବୋଲି କହିଛନ୍ତି। ଡାକ୍ତରଙ୍କ ମତରେ ଏହି ଅଭ୍ୟାସ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବା ସହ ସ୍ୱାସ୍ଥ୍ୟ ପକ୍ଷେ ଆଦୌ ହିତକର ନୁହେଁ ବୋଲି କହିଛନ୍ତି। ବେଙ୍ଗାଲୁରୁସ୍ଥିତ ସ୍ପର୍ଶ ହସ୍‌ପିଟାଲର ଫୁସ୍‌ଫୁସ୍ ବିଶେଷଜ୍ଞ ଡାକ୍ତର ଶିବରାଜ ଅଜି କରିୟପ୍ପାଲା ଲକ୍ଷ୍ମଣ କହନ୍ତି, ମୁହଁ ଘୋଡ଼ାଇ ଶୋଇବା ଦ୍ୱାରା ଶରୀରରେ ଅମ୍ଳଜାନର ମାତ୍ରା ୧୫ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଏ। ଫଳରେ ଏହାଦ୍ୱାରା ଫୁସ୍‌ଫୁସ୍‌କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ। ଏଣୁ ଏଭଳି ଅଭ୍ୟାସ ଲୋକଙ୍କୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ କରିଥାଏ। କମ୍ବଳରେ ମୁହଁ ଘୋଡ଼ାଇ ଶୋଇବା ଦ୍ୱାରା ପବନ ଭିତରକୁ ଚଳାଚଳ କରେ ନାହିଁ, ତେଣୁ ବାରମ୍ବାର ଅଙ୍ଗାରକାମ୍ଳକୁ ଶ୍ୱାସକ୍ରିୟା ମାଧ୍ୟମରେ ପୁଣି ଗ୍ରହଣ କରାଯାଏ। ଏଥିଯୋଗୁଁ କମ୍ବଳ ଭିତରେ ଅମ୍ଳଜାନ ହ୍ରାସ ପାଏ ଏବଂ ଅଙ୍ଗାରକାମ୍ଳ ବୃଦ୍ଧି ପାଏ। ଏହାଦ୍ୱାରା ଅଣନିଃଶ୍ୱାସୀ ଲାଗେ। ନିଦ ବାରମ୍ବାର ଭାଙ୍ଗେ ଏବଂ ସକାଳୁ ଉଠିବା ବେଳେ ଥକ୍କା ଏବଂ ମୁଣ୍ଡ ବିନ୍ଧା ସମସ୍ୟା ଦେଖାଦିଏ। ତେବେ ଗଭୀର ନିଦ ଲାଗି ଶରୀରକୁ ହାଲୁକା ଥଣ୍ଡା ତାପମାତ୍ରା ଆବଶ୍ୟକ। ମୁହଁ ଘୋଡ଼ାଇ ଶୋଇବା ଦ୍ୱାରା କମ୍ବଳ ଭିତରେ ଗରମ ବୃଦ୍ଧି ପାଏ। ଅଧିକ ଗରମ ଯୋଗୁଁ ଝାଳ ବହେ। ଫଳରେ କମ୍ ଅମ୍ଳଜାନ ଏବଂ ଗରମ ଯୋଗୁଁ ନିଦ ହୁଏ ନାହିଁ। ନିଦର ଗୁଣବତ୍ତା ଖରାପ ହେବା ଦ୍ୱାରା ଦିନଯାକ ଥକ୍କା, ଚିଡ଼ଚିଡ଼ା ଲାଗିବା ସହ କୌଣସି କାମରେ ଧ୍ୟାନ କେନ୍ଦ୍ରିତ କରି ହୁଏ ନାହିଁ। ସେହିପରି କିଛି ଲୋକଙ୍କୁ ଏହି ଅଭ୍ୟାସ ଗଭୀର କ୍ଷତି ପହଞ୍ଚାଏ। ମୁଖ୍ୟତଃ ଯେଉଁମାନଙ୍କୁ ପୂର୍ବରୁ ଶ୍ୱାସକ୍ରିୟା ଜନିତ ସମସ୍ୟା ଅଛି, ସେମାନଙ୍କ ଲାଗି ମୁହଁ ଘୋଡ଼ାଇ ଶୋଇବା ଗମ୍ଭୀର ସ୍ଥିତି ସୃଷ୍ଟି କରେ। ଶିଶୁଙ୍କ ପାଇଁ ବି ଏହା କ୍ଷତିକାରକ। ଥଣ୍ଡାରୁ ରକ୍ଷା ପାଇବା ଲାଗି ମୁହଁ ଘୋଡ଼ାଇ ନ ଶୋଇ ମୋଟା କମ୍ବଳ ବ୍ୟବହାର କରିବା ଭଲ। ସେହିପରି ମୁହଁ ଖୋଲି ଶୋଇବା ଦ୍ୱାରା ପର୍ଯ୍ୟାପ୍ତ ଅମ୍ଳଜାନ ମିଳେ। ତ୍ୱଚା ଜନିତ ସମସ୍ୟା କମ୍ ଦେଖା ଦିଏ। ତେଣୁ ସୁରକ୍ଷିତ ଓ ଭଲ ନିଦ ଲାଗି ରାତିରେ ମୁହଁକୁ ଘୋଡ଼ାଇ ଶୋଇବା ଅନୁଚିତ।

## ଆଜିର ଇତିହାସ


- ୧୭୫୭- ରବର୍ଟ କ୍ଲାଇବ୍ ବଙ୍ଗର ଗଭର୍ଣ୍ଣର୍ ହେଲେ।
- ୧୯୨୪- ଆଡଲଫ୍ ହିଟଲର୍ ଜେଲ୍‌ରୁ ମୁକୁଳିଲେ।
- ୧୯୫୫- ଭାରତୀୟ ଗଲ୍‌ଫ ସଂଘର ଗଠନ।
- ୧୯୯୦- ଭାରତ ଓ ପାକିସ୍ତାନ ପରସ୍ପର ଉପରେ ପରମାଣୁ ଆକ୍ରମଣ ନ କରିବା ପାଇଁ ସହମତି ପ୍ରକାଶ କଲେ।
- ୨୦୦୨- ଉତ୍ତର କୋରିଆ ପ୍ରସଙ୍ଗରେ ଦକ୍ଷିଣ କୋରିଆ ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ନେଲା।

## ପ୍ରହେଳିକା



- ଡିସେମ୍ବର ମାସ ପଚିଶି ଦିନ
ହସିଉଠେ ବିଶ୍ୱବାସୀଙ୍କ ପ୍ରାଣ
ପ୍ରଭୁ ଯୀଶୁଙ୍କର ଜନ୍ମ ଦିବସ
ପାଳନ୍ତି ସଭିଏଁ ହୋଇ ହରଷ
ଦୋକାନ ବଜାର ହୁଅଇ ସଜା
ଆଲୋକ ମାଳାରେ ହସଇ ଗିର୍ଜା
ମହାନ ପରବଟିଏ
ଜାତି, ଧର୍ମ ଭୁଲି ସଭିଏଁ ମନାନ୍ତି
କୁହ ତା'ର ନାମ କିଏ।

ଉତ୍ତର-ବଡ଼ଦିନ



- ବଡ଼ଦିନ ପର୍ବ ଯେବେ ଆସଇ
ନାଲି ପୋଷାକରେ ସିଏ ହସଇ
ପାଚିଲା ଦାଢ଼ିକୁ ନାଲିଆ ଟୋପି
ଖୁସିହୁଏ ସିଏ ପିଲାଙ୍କୁ ଦେଖି
ଗିର୍ଜା ଘରେ ସିଏ ଥାଏ
ପିଲାଙ୍କୁ ଦିଅଇ ନାନା ଉପହାର
କୁହ ତା'ର ନାମ କିଏ।

ଉତ୍ତର-ସାନ୍ତା କ୍ଲଜ୍

- ବଡ଼ଦିନ ପର୍ବ ଯେବେ ଆସଇ
ଖୁସିରେ ନାଚନ୍ତି ଭଉଣୀ ଭାଇ
ଜଙ୍ଗଲ ଝରଣା କୂଳରେ ବସି
ଭୋଜନ କରନ୍ତି ଆନନ୍ଦେ ମିଶି
ପଲଉ ମାଉଁସ ଖଟା ଓ ଖିରି
ଖାଆନ୍ତି ସରବେ ଉଦର ଭରି
ପ୍ରକୃତି ମନକୁ ମୋହେ
ମନଲୋଭା ସେହି ଭୋଜି ଓ ଭ୍ରମଣ
କୁହ ତା'ର ନାମ କିଏ।

ଉତ୍ତର-ବଣଭୋଜି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଆସୁଛି ବଡ଼ଦିନ



ସୁଧାକର ରାଉତ

ଆସୁଅଛି ବଡ଼ଦିନ
ଆସ ସବୁ କୁନି ମୋ ଭାଇ ଭଉଣୀ
କରିବା ତାକୁ ପାଳନ।
ଏବେ ଶୀତେ ଥରି ଥରି
ସାନ୍ତା ଆସୁଛନ୍ତି ସୁନ୍ଦର ରୂପରେ
ଦେଖେ ମନେ ଖୁସି ଭରି।
ବର୍ତ୍ତମାନ ଝଲସଇ
ନାନାରଙ୍ଗେ ସଜା ହୋଇଅଛି ପରା
ଦେଖି ଆନନ୍ଦ ଲାଗଇ।
ମାଆ ମେରୀଙ୍କ କୋଳରେ
ଆଜିଦିନ ଯୀଶୁ ଜନ୍ମ ଲଭିଥିଲେ
ତାରିବାକୁ ଦୁଃଖୀ ନରେ।
ସତ୍ୟ ଧର୍ମର ବାରତା
ଦେଇ କୁସଂସ୍କାର ଦୂର କରିବାକୁ
ସହ୍ୟ କଲେ ନିଷ୍ଠୁରତା।
ସେବା ହିଁ ପରମ ଧର୍ମ
ତାଙ୍କ ଜୀବନର ମୂଳମନ୍ତ୍ରକୁ
ବୁଝିଲା ସବୁରି ମର୍ମ।
ମାତ୍ର ଖଳଲୋକ ଗଣ
ଷଡ଼ଯନ୍ତ୍ର କରି କ୍ରୁଶବିଦ୍ଧେ ନେଲେ
ତାଙ୍କର ଅମୂଲ୍ୟ ପ୍ରାଣ।
ଲିଭିବା ପୂର୍ବରୁ ଜ୍ୟୋତି
ପ୍ରାର୍ଥନା କରିଲେ ସେ ଦୁଷ୍ଟମାନଙ୍କୁ
ଦେବାକୁ ଗତି ମୁକତି।
ସେ ଦୟା କ୍ଷମା ଆଲୋକ
ଜଳୁଥିବେ ପରା ସବୁରି ହୃଦୟେ
ଜଗାଇ ନୂଆ ପୁଲକ।
ତାଙ୍କର ସଦୁପଦେଶ
ଜାତି ଧର୍ମ ବର୍ଣ୍ଣ ଉର୍ଦ୍ଧ୍ୱରେ ରହିଣ
ଦିଏ ନୂତନ ସନ୍ଦେଶ।
ତେଜ ଭରା ତାଙ୍କ ବାଣୀ
ଅନୁସରି ଆମେ ମଣିଷଙ୍କ ମଧ୍ୟେ
ହେବା ମଣିଷରେ ଗଣି।■

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୭୨୯୨




## ରାତି ପାହିଲା ସକାଳ ହେଲା



ନୀଳମଣି ଚାନ୍ଦ

ରାତି ପାହିଲା ସକାଳ ହେଲା
ଆଲୁଅ ଗଲା ବୁଣି
ନିଦ ଭାଙ୍ଗିଲା ଉଠିଲେ ପିଲେ
ମାଆଙ୍କ ଡାକ ଶୁଣି।
ବାହାରେ ଶୀତ, କୁହୁଡ଼ି ଅଛି
କାକର ଟୋପା ପଡ଼େ
ଘେରାଏ ବୁଲି ଆସିକି ବସି
କିଏଲେ ଏବେ ପଢ଼େ।
ଟିକି ଚଢ଼େଇ ଡେଣା ବାଡ଼େଇ
ଯାଏ ଆହାର ପାଇଁ
ସଅଳ ଚାଷୀ କ୍ଷେତକୁ ଯାଏ
ଘରେ ସେ ରହେନାହିଁ।
ଅଳସ ନାହିଁ ମନରେ ଆଉ
ଲାଗେରେ ତାଜା ଭାରି
ଆଜିର କାମ ଆସିବ ଯାହା
ଦେବାରେ ଆଜି ସାରି।
ପ୍ରତି ସକାଳ ଭଲରେ ଯଦି
ଆରମ୍ଭ ଆମ ହୁଏ
ଉନ୍ନତି ଶିଖରକୁ ଛୁଇଁବା
ଏ ଅସମ୍ଭବ ନୁହେଁ।■




ଗୋଠପାଟଣା, ଭୁବନେଶ୍ୱର
ମୋ-୯୫୮୩୨୦୨୩୫୭

## ସୁମନ

## ଗୁରୁ ଓ ଶିଷ୍ୟ



ଡ.ରବିନାରାୟଣ ସାହୁ



ଅଗନା ଅଗାନି ବନସ୍ତ। ତା ଭିତରେ ଗୋଟିଏ ଆଶ୍ରମ। ସେହି ଆଶ୍ରମରେ ରହୁଥିବା ଗୁରୁଙ୍କ ପାଖରେ କିଛି ଶିଷ୍ୟ ରହି ସେଇଠି ଅଧ୍ୟୟନ କରୁଥାଆନ୍ତି। ଥରେ ଜଣେ ଶିଷ୍ୟ କହିଲେ, ଗୁରୁଦେବ, "ଆପଣ ତ ମତେ ସବୁ ଶିଖେଇଲେ ହେଲେ ଗଛ ଚଢ଼ା ଶିଖେଇଲେ ନାହିଁ। ମୋର ଗଛ ଚଢ଼ିବାକୁ ଭାରି ଇଚ୍ଛା। ହେଲେ କାଳେ ଗଛ ଚଢ଼ୁ ଚଢ଼ୁ ପଡ଼ିଯିବି ସେଥିନେଇ ଭୟ ରହିଛି।" ଶିଷ୍ୟ କଥା ଶୁଣି ଗୁରୁଦେବ କହିଲେ, "ଗଛ ଚଢ଼ା ଲୋକ ବେଳେବେଳେ ପଡ଼ିଯିବା ଜାଣିଛି କିନ୍ତୁ ଗଛ ନ ଚଢ଼ି ପଡ଼ିବା କଥା ମୁଁ ତ ଶୁଣିନି। ମୋର ବିଶ୍ୱାସ ତମେ ଯଦି ଚଢ଼ିବାକୁ ଚେଷ୍ଟା କରିବ ତେବେ ସହଜରେ ଚଢ଼ି ପାରିବ।" ଏତିକି କହି ପାଖରେ ଥିବା ଏକ ବିରାଟ ଗଛକୁ ଇଙ୍ଗିତ କରି ଚଢ଼ିବାକୁ ନିର୍ଦ୍ଦେଶ ଦେଲେ ଗୁରୁ। ଗୁରୁଙ୍କ କଥା ଶୁଣି ଶିଷ୍ୟ ଜଣକ ଗଛ ଚଢ଼ା ଆରମ୍ଭ କରିଦେଲେ। ଗୁରୁ ତଳେ ଠିଆ ହୋଇ ଦେଖୁଥାଆନ୍ତି। ଶିଷ୍ୟ ଜଣକ ଧୀରେ ଧୀରେ ସାବଧାନତାର ସହ ଗଛ ଉପରକୁ ଚଢ଼ୁଥାନ୍ତି। ମଝିରେ ମଝିରେ ତଳେ ଠିଆ ହୋଇଥିବା ଗୁରୁଙ୍କୁ ଚାହୁଁଥାନ୍ତି। ମନେ ମନେ ଶିଷ୍ୟ ଜଣକ ଭାବୁଥାନ୍ତି, ଗୁରୁଦେବ ବୋଧେ ଧୀରେ ଧୀରେ ସାବଧାନ କରି ଚଢ଼ିବାକୁ କହିବେ। ମାତ୍ର ଗୁରୁଦେବ କିଛି ନ କହି କେବଳ ଶିଷ୍ୟଙ୍କୁ ଦେଖୁଥାନ୍ତି। ଚଢ଼ି ଚଢ଼ି ଗଛର ଶୀର୍ଷ ସ୍ଥାନରେ ଶିଷ୍ୟ ଜଣକ ପହଞ୍ଚିଗଲେ। ଏତେ ଉପରକୁ ଚଢ଼ି ପାରିଥିବାରୁ ସେ ବହୁତ ଖୁସି ହୋଇଗଲେ। ନିଜକୁ ନିଜେ ପ୍ରଶଂସା କଲେ। ଉପରେ ଥାଇ ତଳକୁ ଦେଖି ହାତ ହଲେଇଲେ। ଏଥର ଆସିଲା ତଳକୁ ଓହ୍ଲାଇବା ସମୟ। ସେତେବେଳକୁ ଶିଷ୍ୟ ମନରେ ଆଉ ଡର ନ ଥାଏ। ଶିଷ୍ୟର ମନ କଥା ବୁଝି ପାରିଲେ ଗୁରୁ। ତଳେ ଥାଇ ଜୋର୍ ଜୋର୍ କରି ଡାକ ଛାଡ଼ି କହିଲେ, "ଆରେ ସାବଧାନରେ ଓହ୍ଲେଇବୁ। ଗଛ ଡାଳକୁ ଠିକ୍ କରି ଧରିଥିବୁ। କିଛି ବି ଅସାବଧାନ ହେବୁନି।" ଗୁରୁଙ୍କ କଥା ଶୁଣି ଶିଷ୍ୟ ଜଣକ ଧୀରେ ଧୀରେ ଆସି ଗଛରୁ ତଳକୁ ଓହ୍ଲେଇଲେ। ତଳକୁ ଓହ୍ଲାଇବା ମାତ୍ରେ ସେ ଗୁରୁଦେବଙ୍କୁ ପଚାରିଲେ- "ଗୁରୁଦେବ, ଆପଣ ଏମିତି କାହିଁକି କଲେ? ମୁଁ ଉପରକୁ କଷ୍ଟ ମଷ୍ଟ ଚଢ଼ିଲା ବେଳେ ଆପଣ କିଛି କହିଲେ ନାହିଁ, ଅଥଚ ଆରାମରେ ଓ ସହଜରେ ତଳକୁ ଓହ୍ଲେଇଲାବେଳେ ଏତେ ଜୋରରେ ରଡ଼ି ରଡ଼ି ସାବଧାନରେ ଆସିବାକୁ ବାରମ୍ବାର କହିଲେ, ଏହାର କାରଣ କ'ଣ?" ଗୁରୁ ଟିକିଏ ହସିଦେଇ କହିଲେ, "ତମେ ଉପରକୁ ଚଢ଼ିଲା ବେଳେ ନିଜେ ସର୍ତ୍ତକତାର ସହ ସାବଧାନ ହୋଇ ଚଢ଼ୁଥିଲ। ମାତ୍ର ତଳକୁ ଆସିଲା ବେଳେ ଅତି ଖୁସି ହୋଇ ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଓହ୍ଲାଉଥିଲ, ଯାହାକି ବିପଦପୂର୍ଣ୍ଣ ଅଟେ। ତଳେ ପଡ଼ିଯିବାର ଆଶଙ୍କା ବି ଥାଏ। ସେଥିପାଇଁ ମୁଁ ସତର୍କ କରେଇ ଦେଲି। ଆମ ଜୀବନ ବି ଠିକ୍ ସେମିତି। ପଦ ପଦବୀରେ ଉପରକୁ ଚାଲିଗଲେ ମଣିଷ ଅଧିକ ଖୁସି ହୋଇ ପଦମର୍ଯ୍ୟାଦା ଭୁଲିଯାଏ ଓ ପୁଣି ତଳକୁ ଖସିଯାଏ। ଉଚ୍ଚ ପଦପଦବୀରେ ଥାଇ ଶାନ୍ତ, ବିନୟ ଓ ସଚ୍ଚୋଟ ହୋଇ ରହୁଥିବା ବ୍ୟକ୍ତିର ହିଁ କେବେ ବି ପତନ ହୁଏ ନାହିଁ।" ଗୁରୁଙ୍କ କଥା ଶିଷ୍ୟ ଜଣକ ଠିକ୍ ଭାବେ ବୁଝିପାରିଲେ ଓ ଆତ୍ମବିଶ୍ୱାସର ସହ ସବୁ କାମ କରିବାକୁ ପ୍ରତିଶ୍ରୁତି ଦେଲେ।■

ବରଗଡ଼
ମୋ-୯୮୬୧୦୮୯୩୪୮

## କୁନି ହାତରେ ତୂଳୀ





ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ଋତ୍ୱିକ୍ ମହାନ୍ତି
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

## ତିଳକ-ହାର୍ଦ୍ଦିକଙ୍କ ବିସ୍ଫୋରକ ଅର୍ଦ୍ଧଶତକ, ବରୁଣଙ୍କ ଯାଦୁକରୀ ବୋଲିଂ

# ଭାରତର ଟି-୨୦ ସିରିଜ୍ ବିଜୟ

ଅହମ୍ମଦାବାଦ୍,୧୯।୧୨(ଏଜେନ୍ସି)

ତିଲକ ବର୍ମା (୭୩) ଓ ହାର୍ଦ୍ଦିକ ପାଣ୍ଡ୍ୟା (୬୩)ଙ୍କ ବିସ୍ଫୋରକ ବ୍ୟାଟିଂ ଓ ବରୁଣ ଚକ୍ରବର୍ତ୍ତୀ(୪/୫୩)ଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ୫ମ ତଥା ଶେଷ ଟି-୨୦ ମୁକାବିଲାରେ ଭାରତ ୩୦ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୩-୧ରେ ଜିତିନେଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଶେଷ ମ୍ୟାଚ୍‌ର ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଚତୁର୍ଥ ମ୍ୟାଚ୍ କୁହୁଡ଼ିଯୋଗୁ ବାତିଲ ହୋଇଥିଲା। ଏହା ଫଳରେ ଭାରତ ବର୍ଷର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ସହ କ୍ରମାଗତ ୮ମ ସିରିଜ୍ ବିଜୟୀ ହୋଇଛି। ଦକ୍ଷିଣ ଆଫ୍ରିକା ସିରିଜ୍ ପରେ ଆସନ୍ତାବର୍ଷ ଅର୍ଥାତ୍ ୨୦୨୬ ଜାନୁଆରୀରେ ଏକ ସୀମିତ ଓଭର ସିରିଜ୍ ଖେଳିବାକୁ ନ୍ୟୁଜିଲାଣ୍ଡ ଟିମ୍ ଭାରତ ଗସ୍ତରେ ଆସିବ। ଜାନୁଆରୀ ୧୧ରୁ ୩୧ ମଧ୍ୟରେ ଖେଳାଯିବାକୁ ଥିବା ଏହି ସିରିଜ୍‌ରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୩୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତିଲକ ବର୍ମା ୪୨ ବଲ୍‌ରେ ୧୦ ଚୌକା, ୧ଛକା ସହ ସର୍ବାଧିକ ୭୩, ହାର୍ଦ୍ଦିକ ପାଣ୍ଡ୍ୟା ୨୫ ବଲ୍‌ରେ ୫ ଚୌକା ଓ ୫ଛକା ସହ ୬୩ ରନ କରିଥିଲେ। ଏମାନେ ୪ର୍ଥ ୱିକେଟରେ ୪୪ବଲ୍‌ରୁ ୧୦୫ ରନ୍ ଉଠାଇ ଦଳକୁ ଏକ ବିରାଟ ସ୍କୋର ଦେଇଥିଲେ। ପୂର୍ବରୁ ସଞ୍ଜୁ ସାମସନ (୨୨ବଲ୍‌ରେ ୩୭ରନ୍) ଓ ଅଭିଷେକ ଶର୍ମା (୨୧ ବଲରୁ ୩୪ରନ୍) ପ୍ରଥମ ୱିକେଟ ପାର୍ଟନରସିପ୍‌ରେ ୩୪ ବଲରୁ ୬୩ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ଏହି ମ୍ୟାଚ୍ ଜିତିବାକୁ ୨୩୨ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଦକ୍ଷିଣ ଆଫ୍ରିକା ଧୂଆଁଧାର ବ୍ୟାଟିଂ କରିଥିଲା। କିନ୍ତୁ ଦଳର ସବୁଠାରୁ ଆକ୍ରମଣାତ୍ମକ ବ୍ୟାଟର କ୍ୱିଣ୍ଟନ ଡି କକ୍ ୩୫ବଲ୍‌ରେ ୯ଚୌକା ଓ ୩ ଛକା ସହ ୬୫ ରନ୍‌ରେ ଆଉଟ ହେବା ପରେ ମ୍ୟାଚ୍ ଭାରତୀୟ ବୋଲରଙ୍କ ନିୟନ୍ତ୍ରଣକୁ ଆସିଯାଇଥିଲା। ଡିୱାଲ୍ଡ ବ୍ରେଭିସ୍ ୩୧, ଡେଭିଡ୍ ମିଲର ୧୮, ଜର୍ଜ ଲିଣ୍ଡେ ୧୬ ରନ୍ କରିଥିଲେ। ଦଳ ୮ ୱିକେଟରେ ୨୦୧ ରନ୍‌ରେ ସୀମିତ ରହିଥିଲା। ଭାରତ ପକ୍ଷରୁ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଯାଦୁକରୀ ବୋଲିଂର ମୁକାବିଲା କରିପାରି ନ ଥିଲା ଦକ୍ଷିଣ ଆଫ୍ରିକା। ବରୁଣ ୪ ଓଭରରେ ୫୩ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ସର୍ବାଧିକ ୪ଟି ୱିକେଟ ନେଇ ଦଳର ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ।



ହାର୍ଦ୍ଦିକ ପାଣ୍ଡ୍ୟା



ତିଲକ ବର୍ମା

**ଭାରତ-ନ୍ୟୁଜିଲାଣ୍ଡ କାର୍ଯ୍ୟସୂଚୀ**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ଭଦୋଦରା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |
| ୨୧।୧ | ପ୍ରଥମ ଟି-୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

**ସଂକ୍ଷିପ୍ତ ସ୍କୋର**

**ଭାରତ ଇନିଂସ**: ୨୩୧/୫, ୨୦ ଓଭର (ତିଲକ-୭୩, ହାର୍ଦ୍ଦିକ-୬୩, ସଞ୍ଜୁ-୩୭, ଅଭିଷେକ-୩୪, କୋର୍ବିନ ବୋଷ୍-୨/୪୪)।

**ଦକ୍ଷିଣ ଆଫ୍ରିକା ଇନିଂସ**: ୨୦୧/୮, ୨୦ ଓଭର (କ୍ୱିଣ୍ଟନ ଡି କକ୍-୬୫, ଡିୱାଲ୍ଡ ବ୍ରେଭିସ-୩୧, ବରୁଣ ଚକ୍ରବର୍ତ୍ତୀ-୪/୫୩, ଯଶପ୍ରୀତ୍ ବୁମ୍‌ରା-୨/୧୭)।

### ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ

## ଭାରତ-ପାକିସ୍ତାନ ଫାଇନାଲ

ଦୁବାଇ,୧୯।୧୨(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତବର୍ଷର ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଫାଇନାଲ ମୁକାବିଲା ହେବ। ଆଜି ଏଠାରେ ଖେଳାଯାଇଥିବା ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ବାଧାପାଇଥିଲା। ଏହା ସତ୍ତ୍ୱେ ସେମିଫାଇନାଲରେ ଭାରତ ୮ ୱିକେଟରେ ଶ୍ରୀଲଙ୍କାକୁ ଓ ପାକିସ୍ତାନ ୮ ୱିକେଟରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଆସନ୍ତା ରବିବାର ଡିସେମ୍ବର ୨୧ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ୨୦ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଯୁବ ଦଳ ୮ ୱିକେଟରେ ୧୩୮ ରନ୍ କରିଥିଲା। ଦଳ ପକ୍ଷରୁ ଚାମିକା ହେନାଟାଗିଲା ସର୍ବାଧିକ ୪୨ ରନ୍ କରିଥିଲାବେଳେ ଭାରତର ହେନିଲ ପଟେଲ ଓ କନିସ୍କ ଚୌହାନଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ଭାରତ ୨୫ ରନ୍‌ରେ ଦୁଇ ତାରକା ଖେଳାଳି ଆୟୁଷ ମାହାତ୍ରେ (୭) ଓ ବୈଭବ ସୂର୍ଯ୍ୟବଂଶୀ (୯)ଙ୍କ ୱିକେଟ ହରାଇଥିଲା। ଏହା ପରେ ଆରୋନ ଜର୍ଜଙ୍କ ଅପରାଜିତ ୫୮ ଓ ବିହାନ ମାଲହୋତ୍ରାଙ୍କ ଅପରାଜିତ ୬୧ ରନ୍ ସହାୟତାରେ ଭାରତ ଆଉ ୨ ଓଭର ଖେଳ ବାକିଥାଇ ୮ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ସେହିପରି ଅନ୍ୟ ଏକ ସେମିଫାଇନାଲ ୨୭ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୨୧ ରନ୍ କରିଅଲଆଉଟ ହୋଇଯାଇଥିଲା। ଜବାବରେ ପାକିସ୍ତାନ ୧୬.୩ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସମୀର ମିନ୍‌ହାସ ଅପରାଜିତ ରହି ୬୯ ରନ୍ କରିଥିଲେ।

## ଦିଲ୍ଲୀ ଦଳରେ କୋହଲି

ନୂଆଦିଲ୍ଲୀ, ୧୯ ।୧୨ (ଏଜେନ୍ସି): ବିସିସିଆଇର ଆଗାମୀ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଲାଗି ଶୁକ୍ରବାର ଦିଲ୍ଲୀ ଦଳ ଘୋଷଣା କରାଯାଇଛି। ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଘୋଷିତ ୨୦ ଜଣିଆ ଦଳରେ ଷ୍ଟାର୍ ବ୍ୟାଟର୍ ବିରାଟ କୋହଲିଙ୍କୁ ସାମିଲ କରାଯାଇଛି। ଫଳରେ କୋହଲି ଦୀର୍ଘ ୧୫ ବର୍ଷ ପରେ ଦିଲ୍ଲୀ ପକ୍ଷରୁ ବିଜୟ ହଜାରେ ଟ୍ରଫି ଖେଳିବେ କୋହଲି। ଶେଷଥର ଲାଗି ୨୦୦୯-୧୦ ସିଜନରେ କୋହଲି ଏହି ଟୁର୍ଣ୍ଣାମେଣ୍ଟ ଖେଳିଥିଲେ। ଅନ୍ତର୍ଜାତୀୟ ଦଳରେ ଖେଳିବାକୁ ହେଲେ ଘରୋଇ କ୍ରିକେଟ୍ ଖେଳିବାକୁ ବିସିସିଆଇ ବାଧ୍ୟତାମୂଳକ କରିଥିଲା। ଯେଉଁଥି ପାଇଁ ଭାରତୀୟ ଦଳର ପ୍ରମୁଖ କ୍ରିକେଟର୍‌ମାନେ ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲି ଟ୍ରଫି ଓ ବିଜୟ ହଜାରେ ଟ୍ରଫିରେ ଖେଳୁଥିବାରୁ ନଜରକୁ ଆସିଛି। ଯଦି କୋହଲି ସମ୍ପୂର୍ଣ୍ଣ ବିଜୟ ହଜାରେ ଟ୍ରଫି ସୁଯୋଗ ପାଆନ୍ତି ତେବେ ଡିସେମ୍ବର ୩୧ରେ ଓଡ଼ିଶା ବିପକ୍ଷରେ ଖେଳିବାର ସମ୍ଭାବନା ରହିଛି।

## ଶ୍ରଦ୍ଧାଞ୍ଜଳିଙ୍କୁ ଡି ଲିଟ୍



ଭୁବନେଶ୍ୱର,୧୯।୧୨(ସମିସ): କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଲାଗି କିଂବଦନ୍ତି ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ସମ୍ମାନଜନକ ଡିଲିଟ୍ (ଡକ୍ଟର ଅଫ ଲିଟରେଚର) ଉପାଧି ପ୍ରଦାନ କରାଯାଇଛି। ବ୍ରହ୍ମପୁରରେ ନିଷ୍ଟ ଡିମ୍‌ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଜି ଆୟୋଜିତ ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳିଙ୍କୁ ଏହି ଉପାଧି ପ୍ରଦାନ କରିଛନ୍ତି। ଏଭଳି ସମ୍ମାନ ପାଇବାରେ ସେ ଓଡ଼ିଶାର ଦ୍ୱିତୀୟ କିଂବଦନ୍ତି କ୍ରୀଡ଼ାବିତ୍। ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ହକି ବିଶାରଦ ଦିଲୀପ ତିର୍କି ଓ ଇଗ୍‌ନେସ୍ ତିର୍କିଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ଦିଆଯାଇଥିଲା। ୧୯୯୮ରେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ ଫୁଟବଲ ଖେଳିବା ପରେ ଶ୍ରଦ୍ଧାଞ୍ଜଳି ଦଳର ଅଧିନାୟକ, କୋଚ୍, ପ୍ରଶାସକ, ସିଲେକ୍ଟର ଓ ମୋଟିଭେଟର ଭାବେ ଫୁଟବଲ ପ୍ରତି ଜୀବନ ଉତ୍ସର୍ଗ କରିଛନ୍ତି। ଅବିବାହିତ ରହିଥିବା ଏହି ମହିଳା ଖେଳାଳିଜଣଙ୍କ ଏବେ କୋଚିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ସମ୍ମାନ ଲାଗି ଫାଓ ପକ୍ଷରୁ ତାଙ୍କୁ ଅଭିନନ୍ଦନଜ ଜ୍ଞାପନ କରାଯାଇଛି। ସେହିପରି ଶ୍ରଦ୍ଧାଞ୍ଜଳି ମଧ୍ୟ ତାଙ୍କ ନିଯୁକ୍ତିଦାତା ନାଲ୍‌କୋ, ଓଡ଼ିଶା ସରକାର ଓ ଫାଓ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ନ୍ୟୁଜିଲାଣ୍ଡ-ଇଣ୍ଡିଜ୍ ଦ୍ୱିତୀୟ ଟେଷ୍ଟ

## କନ୍‌ୱେଙ୍କ ଡବଲ୍ ସେଞ୍ଚୁରୀ

ମାଉଣ୍ଟ ମାଉଙ୍ଗାନୁଇ,୧୯।୧୨(ଏଜେନ୍ସି): ୱିକେଟକିପର ଓପନର ଡେଭନ କନୱେଙ୍କ ଦ୍ୱିଶତକ ଓ ଅଧିନାୟକ ଟମ୍ ଲାଥମଙ୍କ ଶତକ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଚାଲିଥିବା ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ନ୍ୟୁଜିଲାଣ୍ଡ ୮ ୱିକେଟରେ ୫୭୫ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଛି। କନୱେ ୩୩୭ବଲ୍ ଖେଳି ୩୧ ଚୌକା ସହ ୨୨୭ ଓ ଲାଥମ୍ ୧୩୭ରନ୍ କରିଛନ୍ତି। ରାଚିନ ରବୀନ୍ଦ୍ର ୭୨ ଓ ଆଜାଜ ପଟେଲ ୩୦ ରନ୍‌ରେ ଅପରାଜିତ ରହିଛନ୍ତି। ଭ୍ରମଣକାରୀ ଦଳ ପକ୍ଷରୁ ଜେଡେନ୍ ସିଲ୍ସ, ଆଣ୍ଡରସନ ଫିଲିପ୍ ଓ ଜଷ୍ଟିନ୍ ଗ୍ରିଭ୍‌ସ ୨ଟି ଲେଖାଏଁ ୱିକେଟ ପାଇଛନ୍ତି। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ କୌଣସି ୱିକେଟ ନ ହରାଇ ୧୧୦ ରନ୍ କରିନେଇଛି। ଏହି ସମୟରେ ଜନ୍ କ୍ୟାମ୍ପବେଲ ୪୫ ଓ ବ୍ରାଣ୍ଡନ କିଙ୍ଗ୍ ୫୫ ରନ୍‌ରେ ବ୍ୟାଟିଂ କରୁଥିଲେ।

### ଫିଫା ଆରବ କପ୍

## ମରୋକ୍କୋ ଚାମ୍ପିଅନ

ଲୁସେଲ୍,କତାର,୧୯।୧୨(ଏଜେନ୍ସି): ଜୋର୍ଡାନକୁ ୩-୨ ଗୋଲରେ ପରାସ୍ତ କରି ମରକ୍କୋ ଫିଫା ଆରବ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଗୁରୁବାର ଅନୁଷ୍ଠିତ ବର୍ଷାବାଧାପ୍ରାପ୍ତ ଫାଇନାଲରେ ବିଜୟୀ ଦଳ ପକ୍ଷରୁ ଆବଦରରଜାକ୍ ହାମଦଲା ୨ଟି ଓ ଓସମା ତନାନେ ଗୋଟିଏ ଗୋଲ ଦେଇଥିଲେ। ଏହି ବିଜୟ ଫଳରେ ମରୋକ୍କୋ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌ରେ।

### ହେଡ୍‌ଙ୍କ ଅପରାଜିତ ଶତକ

## ଅଷ୍ଟ୍ରେଲିଆର ବିଶାଳ ଅଗ୍ରଣୀ



ଆଡିଲେଡ୍,୧୯।୧୨(ଏଜେନ୍ସି): ଓପନର ଟ୍ରାଭିସ୍ ହେଡ୍‌ଙ୍କ ଅପରାଜିତ ଶତକ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ତୃତୀୟ ଆସେସ୍ ଟେଷ୍ଟରେ ଅଷ୍ଟ୍ରେଲିଆ ୩୫୬ ରନ୍‌ର ବିଶାଳ ଅଗ୍ରଣୀ ନେଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ୮୫ ରନ୍‌ରେ ଆଗୁଆ ରହିବା ପରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୨୮୬ ରନ୍ କରିଛି। ଏହି ସମୟରେ ହେଡ୍ ୧୪୨ ଓ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଆଲେକ୍ସ କାରୀ ୫୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ କେବଳ ଉସ୍‌ମାନ ଖୱାଜା ୪୦ ରନ୍‌ର ଯୋଗଦାନ ଦେଇଥିଲେ। ଏହି ଟେଷ୍ଟରେ ଆଉ ୨ ଦିନ ଖେଳ ବାକିଥିଲାବେଳେ ଅଷ୍ଟ୍ରେଲିଆର ସ୍ଥିତି ମଜଭୁତ ହୋଇଛି।

## ଶ୍ରୀଲଙ୍କା ଅଧିନାୟକ ଆଶାଲଙ୍କା ବହିଷ୍କୃତ

କଲମ୍ବୋ,୧୯।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଅଭିଜ୍ଞ ଦାସୁନ ଶାନକାଙ୍କ ନେତୃତ୍ୱରେ ଶ୍ରୀଲଙ୍କାର ୨୫ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଏହା ଫଳରେ ଫର୍ମ ଫେରିପାଇବାକୁ ସଂଘର୍ଷ କରୁଥିବା ଅଧିନାୟକ ଚାରିଥ ଆଶାଲଙ୍କାଙ୍କୁ ବାଦ୍ ଦିଆଯାଇଛି। ପାକିସ୍ତାନ ଗସ୍ତରୁ ଫେରିଆସିବା ପରେ ଆଶାଲଙ୍କା କ୍ରିକେଟ ବୋର୍ଡର ନଜରରେ ରହିଥିଲେ। ପ୍ରମୋଦୟ ବିକ୍ରମସିଂଘେଙ୍କ ନେତୃତ୍ୱରେ ଗଠିତ ଜାତୀୟ ଚୟନ କମିଟି ଏହି ନିଷ୍ପତ୍ତି ନେଇଛି।

## କୁଚ୍ ବିହାର ଟ୍ରଫି: ଓଡ଼ିଶାର ଅଭିଯାନ ଶେଷ



କଟକ,୧୯।୧୨(ସମିସ): କୁଚ୍ ବିହାର ଟ୍ରଫିରେ ବିଜୟ ଖାତା ଖୋଲି ନପାରି ନିକୃଷ୍ଟ ପ୍ରଦର୍ଶନ ସହ ଓଡ଼ିଶା ଅଭିଯାନ ଶେଷ କରିଛି। ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଖେଳାଯାଇଥିବା ହିମାଚଳ ପ୍ରଦେଶ ବିପକ୍ଷ ଶେଷ ଲିଗ୍ ମ୍ୟାଚ୍ ଡ୍ର ରହିଛି। ଏଥିରେ ଓଡ଼ିଶାକୁ ଇନିଂସ୍ ଅଗ୍ରଣୀ ମିଳିଥିଲା। ମୋଟ ୫ଟି ମ୍ୟାଚ୍‌ରୁ ୪ଟି ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ୩ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ସି ଟେବଲର ୫ମ ସ୍ଥାନରେ ରହିଛି। ବଲାଙ୍ଗିରରେ ପ୍ରଥମେ ବ୍ୟାଟିଂ କରିଥିବା ହିମାଚଳପ୍ରଦେଶ ୧୮୧ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସମ୍ବିତ ବେଜାଙ୍କ ଶତକୀୟ ପାଳି ସହାୟତାରେ ଓଡ଼ିଶା ୩୫୮ରନ ସଂଗ୍ରହ କରିଥିଲା। ହିମାଚଳପ୍ରଦେଶ ଦ୍ୱିତୀୟ ପାଳିରେ ୩୪୨ରନ କରିଥିବା ବେଳେ ଓଡ଼ିଶାର ସୟଦ ଟି ଅହମ୍ମଦ ୬ଟି ୱିକେଟ ଅକ୍ତିଆର କରିଥିଲେ।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି | ନୀଲ୍, ଅରବିନ୍ଦଙ୍କ ଅର୍ଦ୍ଧଶତକ

କଟକ,୧୯।୧୨(ସମିସ): ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୩ୟ ଲିଗ୍‌ରେ ଓଡ଼ିଶା ବିହାରକୁ ଭେଟିଛି। ଗ୍ୱାଲିୟରର ସିନ୍ଧିଆ ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭ୍ରମଣକାରୀ ଓଡ଼ିଶା ଦଳ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ୱିକେଟ ହରାଇ ୨୧୮ରନ ସଂଗ୍ରହ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ବିହାରର ପାଳି ୨୮୮ ରନରେ ସୀମିତ ରହିଥିଲା। ୪ ୱିକେଟ ବଳକା ଥିବା ବେଳେ ଓଡ଼ିଶା ୭୦ରନ ପଛରେ ରହିଛି। ଓଡ଼ିଶା ପକ୍ଷରୁ ଅଧିନାୟକ ନୀଲ ନୀତିନ ମହାନ୍ତି ସର୍ବାଧିକ ୭୫ରନ କରିଥିବା ବେଳେ ଅରବିନ୍ଦ ମୁଦୁଲି ୫୧ରନ କରିଛନ୍ତି। ୱିକେଟ କିପର ଓମପ୍ରକାଶ ଦାସ ୪୯ରନ ଏବଂ ତପନ ଗୁପ୍ତା ୩ରନରେ ଅପରାଜିତ ରହିଛନ୍ତି।

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ା

## ରତଭିକାଙ୍କୁ ସ୍ୱର୍ଣ୍ଣିମ ସଫଳତା




ଭୁବନେଶ୍ୱର, ୧୯ ।୧୨ (ସମିସ): ଚେନ୍ନଇରେ ଚାଲିଥିବା ସର୍ବାଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ାରେ କିଟ୍ କ୍ରମାଗତ ଦ୍ୱିତୀୟ ପଦକ ବିଜୟୀ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମହିଳା ୫୦ ମିଟର ବ୍ରେଷ୍ଟଷ୍ଟୋକରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଏମ୍ ରତଭିକା ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ରତଭିକା ଏହି ଦୂରତାକୁ ୩୪.୬୮ ସେକେଣ୍ଡରେ ଫିନିଶ କରିଥିଲେ। ଏଥିସହ ସେ ଆଗାମୀ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ଦିବସରେ ଦୁଇଟି ଇଭେଣ୍ଟରେ କିଟ୍ ସନ୍ତରଣକାରୀମାନେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ମହିଳା ୫୦ ମିଟର ବ୍ରେଷ୍ଟଷ୍ଟୋକରେ ଦିବ୍ୟାଙ୍କା ପ୍ରଧାନ ଓ ମହିଳା ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ କିଟ୍ ଟିମ୍ ୪ର୍ଥ ସ୍ଥାନ ଲାଭ କରିଥିଲା। ତେବେ ପଦକ ଜିତିପାରି ନଥିଲେ ମଧ୍ୟ ଉଭୟ ଇଭେଣ୍ଟରେ କିଟ୍ ସନ୍ତରଣକାରୀମାନେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଟିକଟ୍ ହାସଲ କରିଛନ୍ତି। ଅପରପକ୍ଷରେ ସମ୍ବଲପୁରରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନରେ କିଟ୍ ଦଳ ସେମିଫାଇନାଲକୁ ଉନ୍ନୀତ ହେବା ସହ ଖେଲୋ ଇଣ୍ଡିଆ କ୍ରୀଡ଼ାକୁ ମଧ୍ୟ ଯୋଗ୍ୟତା ଲାଭ କରିଛି।

### ମୁକ୍ତେଶ୍ୱର କପ୍ ଉଦ୍‌ଘାଟିତ

## ଟାଉନ୍ କ୍ଲବ୍, ଜୁଭେନାଇଲ୍ ବିଜୟୀ

ଭୁବନେଶ୍ୱର, ୧୯ ।୧୨ (ସମିସ): ସ୍ଥାନୀୟ ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମୁକ୍ତେଶ୍ୱର କପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଟାଉନ କ୍ଲବ ଓ ଜୁଭେନାଇଲ କ୍ଲବ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ପ୍ରଥମ ମ୍ୟାଚରେ ଟାଉନ କ୍ଲବ ୧୯ ରନରେ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଟାଉନ କ୍ଲବ ୨୦ ଓଭରରେ ୩ ୱିକେଟ୍‌ରେ ୧୩୨ ରନ କରିଥିଲା। ଜବାବରେ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ୪ ୱିକେଟ୍‌ରେ ୧୧୩ ରନ କରିବାକୁ ସମର୍ଥ ହୋଇଥିଲା। ୫୫ ରନ ସହ ଗୋଟିଏ ୱିକେଟ୍ ନେଇଥିବା ବିଜୟୀ ଦଳର ଆୟୂଷ ଅମ୍ଲାନ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଜୁଭେନାଇଲ୍ କ୍ଲବ ୧୩ ରନରେ ଓସ୍କାର ସ୍ପୋର୍ଟିଂକୁ ହରାଇଦେଇଛି। ୧୨୭ ରନର ଟାର୍ଗେଟକୁ ପିଛା କରିଥିବା ଓସ୍କାର ୧୧୩ ରନରେ ସୀମିତ ରହିଥିଲା। ଜୁଭେନାଇଲର କ୍ରିଷ୍ଟାଜିତ୍ ସାହୁ (୫୧ ରନ ଓ ୨ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

ପୂର୍ବରୁ ଭୁବନେଶ୍ୱର ଆଥ୍ଲେଟିକ ଆସୋସିଏସନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କ୍ଲବର କାର୍ଯ୍ୟକାରୀ ସଭାପତି ଗୁରଜିତ୍ ସିଂହ ଚୌହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ, ଉପସଭାପତି ଶରଣଜିତ୍ ସିଂହ, ପ୍ରଦୋଷ ମହାନ୍ତି, ଦତ୍ତାତ୍ରେୟ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶନିବାର ଜାଗୃତି ସହ ଭାରତଭୂଷଣ ଏକାଡେମୀ ଏବଂ ଦ୍ୱିତୀୟ ମ୍ୟାଚରେ ଏଲସିସି ସହ ରାଇଜିଂ ଷ୍ଟାର (ନିମପୁର)ର ମୁକାବିଲା ହେବ।



ଆୟୁଷ ଅମ୍ଲାନ


କ୍ରିଷ୍ଟାଜିତ୍ ସାହୁ

## ବିବିଏଲ୍‌ରେ ରେକର୍ଡ ୨୫୮ ରନ୍ ଚେଜ୍ କଲା ବ୍ରିସବେନ୍

ବ୍ରିସବେନ୍, ୧୯ ।୧୨ (ଏଜେନ୍ସି): ଅଷ୍ଟ୍ରେଲିଆରେ ଚାଲିଥିବା ବିଗ୍ ବାସ୍ ଲିଗ୍ (ବିବିଏଲ) ଇତିହାସରେ ବ୍ରିସବେନ୍ ହିଟ୍ ରେକର୍ଡ ରନ ଚେଜ୍ କରିଛି। ଶୁକ୍ରବାର ଅନୁଷ୍ଠିତ ଏକ ହାଇସ୍କୋରିଂ ମ୍ୟାଚରେ ବ୍ରିସବେନ ୨୫୮ ରନର ବିଶାଳ ଲକ୍ଷ୍ୟକୁ ୧୯.୫ ଓଭରରେ ଦୁଇ ୱିକେଟ୍ ହରାଇ ହାସଲ କରିନେଇଥିଲା। ଓପନର୍ ଜ୍ୟାକ୍ ୱିଲଡରମଥ୍ (୧୧୦ ରନ, ୫୪ ବଲ୍) ଓ ମ୍ୟାଟ୍ ରେନଶ' (୧୦୨ ରନ, ୫୧ ବଲ୍) ବିସ୍ଫୋରକ ଶତକୀୟ ପାଳି ଖେଳି ପର୍ଥ ସ୍କଚର୍ସକୁ ପରାସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପର୍ଥ ୨୦ ଓଭରରେ ୬ ୱିକେଟ୍ ହରାଇ ୨୫୭ ରନ କରିଥିଲା। ଫଳରେ ଏହି ମ୍ୟାଚରେ ମୋଟ୍ ୫୧୫ ରନ ସଂଗୃହିତ ହୋଇଥିବାବେଳେ ୩୬ଟି ଛକା ଓ ୩୦ଟି ଚୌକା ଦେଖିବାକୁ ମିଳିଥିଲା। ଟି-୨୦ କ୍ରିକେଟ୍ ଇତିହାସରେ ଏହା ୩ୟ ସର୍ବବୃହତ୍ ରନ ଚେଜ୍ ହୋଇଛି। ୨୦୨୪ ଆଇପିଏଲ୍‌ରେ କୋଲକାତା ବିପକ୍ଷରେ ପଞ୍ଜାବ ୨୬୨ ରନକୁ ସଫଳତାର ସହ ପିଛା କରି ତାଲିକାର ଶୀର୍ଷରେ ରହିଛି। ସେହିଭଳି ୨୦୨୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦକ୍ଷିଣଆଫ୍ରିକା ୨୫୯ ରନକୁ ପିଛା କରିଥିଲା।

### ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

## ଫାଇନାଲ୍‌ରେ ଟମାଣ୍ଡୋ କ୍ରିକେଟ କ୍ଲବ୍

ଭାପୁର,୧୯।୧୨(ସମିସ)




ରାଜଧାନୀ ଉପକଣ୍ଠସ୍ଥ ଟମାଣ୍ଡୋ କ୍ରିକେଟ କ୍ଲବ୍ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଯୁବକସଂଘ ଆନୁକୂଲ୍ୟରେ ନାଳିସାଗର ଖେଳ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଟମାଣ୍ଡୋ କ୍ରିକେଟ କ୍ଲବ୍ ୫ ୱିକେଟରରେ କଳାହାଣ୍ଡିର କେସିଏ'କୁ ପରାସ୍ତ କରିଛି। ଆସନ୍ତା ରବିବାର ଫାଇନାଲ ମୁକାବିଲା ହେବ। ଏଥିରେ ଟମାଣ୍ଡୋ ସହ ସାଇ ଇଲେଭେନ୍‌ର ଫାଇନାଲ ମୁକାବିଲା ହେବ।

ଆଜି ଖେଳାଯାଇଥିବା ସେମିଫାଇନାଲରେ ସୁପ୍ରିୟ ଚକ୍ରବର୍ତ୍ତୀଙ୍କ ୧୯ବଲ୍‌ରେ ୩୯ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି କଳାହାଣ୍ଡି ଦଳ ୧୯.୪ ଓଭରରେ ୧୪୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଟମାଣ୍ଡୋ ୧୫.୩ ଓଭରରେ ୫ ୱିକେଟ ହରାଇ ୧୪୮ ରନ୍ କରିବା ସହ ବିଜୟୀ ହୋଇଛି। ଦଳ ପକ୍ଷରୁ ଅଧିନାୟକ ସିଦ୍ଧାନ୍ତ ଜେନା ୩୫ ବଲ୍‌ରେ ୬ଚୌକା ଓ ୭ଛକା ସହ ଧୂଆଁଧାର ୭୪ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠଖେଳାଳି ବିବେଚିତ ହୋଇଛନ୍ତି। ଖେଳ ଶେଷରେ କୃଷକ ନେତା ଶେଷଦେବ ନନ୍ଦ, ଧର୍ମେନ୍ଦ୍ର ଧଳ, ବାଳଗୋପାଳ ଷଡଙ୍ଗୀ ଓ ପ୍ରତାପ କୁମାର ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଓସିଏ ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT
IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS